




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୬ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 OCTOBER 2020
Vol.No. 30 ■ No. 263 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



**SAI SADHANA SCIENCE HIGHER SECONDARY SCHOOL, UDALA**
A Fully +2 Science Residential College
Dibyasingpur, Udala,



Dist: Mayurbhanj



2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


# କରୋନା ମୃତ୍ୟୁରେ ଲାଗୁନି ବ୍ରେକ୍

## ରାଜ୍ୟରେ ପୁଣି ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୦୮୯





ଭୁବନେଶ୍ୱର,୧୫।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୮୯କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୪ ଜଣ, କଟକ ଓ ସୁନ୍ଦରଗଡ ଜିଲ୍ଲାର ୩-୩ ଜଣ ଅଛନ୍ତି । ଗଂଜାମ ଜିଲ୍ଲାର ୨ ଜଣ ସେହିପରି ନୟାଗଡ. ଯାଜପୁର ବାଲେଶ୍ୱର, ବୌଦ୍ଧ, କଳାହାଣ୍ଡି, ଜିଲ୍ଲାର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ନୟାଗଡ ଜିଲ୍ଲାର ଜଣେ ୫୭ ବର୍ଷୀୟ ମହିଳା କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । କଟକ ଜିଲ୍ଲାର ଜଣେ ୨୮ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଯାଜପୁର ଜିଲ୍ଲାର ଜଣେ ୮୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୪୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୨ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୪୨ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୭ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି ।

ସୁନ୍ଦରଗଡ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ ▶▶ପୃଷ୍ଠା ୭

## ୧୯ରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୧୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋବସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଓଡିଶା ଉପରେ ଦକ୍ଷିଣ- ପର୍ଶ୍ଚିମ ମୌସୁମୀ ଏବେବି ସକ୍ରିୟ ରହିଥିବାରୁ ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶା ଏବଂ ଉତର ଉପକୂଳ ଓଡିଶା, ଉତର ଆଭ୍ୟନ୍ତରୀଣ ଓଡିଶାର ବହୁ ଜିଲ୍ଲାର ଅଧିକାଂଶ ସ୍ଥାନରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧରେ କୋରାପୁଟ, ନବରଙ୍ଗପୁର, ରାୟଗଡା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ନବରଙ୍ଗପୁର, କୋରାପୁଟ, ରୟାଗଡା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଜଗତସିଂହପୁର ଏବଂ କେନ୍ଦ୍ରାପଡା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ଏହି ସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ସେହିପରି ୧୭ ଅକ୍ଟୋବର ମଧାହ୍ନ ସୁଦ୍ଧା ଦକ୍ଷିଣ ଓଡ଼ିଶା ଓ ଉତର ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ରହିଛି। ▶▶ପୃଷ୍ଠା ୭

## ଓଡିଶା - ଆନ୍ଧ୍ର ମଧ୍ୟରେ ମାଓ ଦମନ ପାଇଁ ରଣନୀତି ପ୍ରସ୍ତୁତ

ଭୁବନେଶ୍ୱର ,୧୫।୧୦ (ନି.ପ୍ର): ମାଓ ଦମନ ପାଇଁ ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନରେ ସହଯୋଗ ତଥା ମିଳିତ ଅପରେସନ୍ କରିବାକୁ ଓଡିଶା -ଆନ୍ଧ୍ର ମଧ୍ୟରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତି ନିଆଯାଇଛି। ଗୁରୁବାର ପୂର୍ବାହ୍ନରେ ଓଡିଶା ଓ ଆନ୍ଧ୍ରର ପୋଲିସ୍ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଭିଡିଓ କନଫରେନ୍ସି ମାଧ୍ୟମରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଆନ୍ଧ୍ର- ଓଡିଶା ସୀମାରେ ବାମପନ୍ଥୀ ସନ୍ତ୍ରାସବାଦ ମୁକାବିଲା ପାଇଁ ମିଳିତ ଅପରେସନ୍ ଓ ଉଭୟ ପଡୋଶୀ ରାଜ୍ୟ ମଧ୍ୟରେ କିଭଳି ସୁସମନ୍ୱୟ ରକ୍ଷା କରି ମାଓ ଦମନ କାର୍ଯ୍ୟ କରାଯାଇପାରିବ ସେ ବାବଦରେ ମୁଖ୍ୟତଃ ଆଲୋଚନା କରାଯାଇ ନୀତି ନିର୍ଦ୍ଧାରଣ କରାଯାଇଥିଲା। ଏହି ବୈଠକରେ ସୀମା ସୁରକ୍ଷା ବାହିନୀ (ବିଏସଏଫ୍) ର ଅତିରିକ୍ତ ଡିଜି , ସିଆରପିଏଫ୍ ର ଆଇଜି , କେନ୍ଦ୍ର ଗୃହ ମନ୍ତ୍ରଣାଳୟର ବାମପନ୍ଥୀ ସନ୍ତ୍ରାସବାଦ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ, ଉଭୟ ଆନ୍ଧ୍ର ଓ ଓଡିଶା ସୀମାବର୍ତୀ ଜିଲ୍ଲା ଗୁଡିକର-ଡିଆଇଜି ଓ ଏସପି , ବିଏସଏଫ୍ , ସିଆରପିଏଫ୍ ଓ ଉଭୟ ରାଜ୍ୟର ବରିଷ୍ଠ ପୋଲିସ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୨୪ ଘଂଟାରେ ୨୭୭୨ ସୁସ୍ଥ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ରାଜ୍ୟରେ ଗୁରୁବାର ଦିନ ଆଉ ୨,୭୭୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ମୋଟ ସୁସ୍ଥଙ୍କ ସଂଖ୍ୟା ୨ ଲକ୍ଷ ୩୮ ହଜାର ୫୩୫କୁ ବୃଦ୍ଧି ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୫୭ ଜଣ ଏବଂ କଟକ ଜିଲ୍ଲାରୁ ୨୦୨ ଜଣ ସୁସ୍ଥ ହୋଇଛନ୍ତି। ▶▶ପୃଷ୍ଠା ୭

## ବିଏମ୍‌ସି କମିଶନରଙ୍କୁ ଗିରଫ କରାଯାଉ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମର କମିଶନର ପ୍ରେମଚ୍ଚନ୍ଦ ଚୌଧୁରୀ ସୁପ୍ରିମକୋର୍ଟ, ହାଇକୋର୍ଟ ଓ ସମ୍ବିଧାନକୁ ମଧ ମାନୁନାହାଁନ୍ତି। ଉଠାଦୋକାନୀମାନଙ୍କୁ ଡ଼ାକି ତାଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଥଇଥାନ କରିବା ପରିବର୍ତେ ବଳପୂର୍ବକ ଉଚ୍ଛେଦ କରିଛନ୍ତି। ବିଏମ୍‌ସି କମିଶନର ଏବଂ ତାଙ୍କ କର୍ମଚ୍ଚରୀମାନଙ୍କୁ ଗିରଫ କରାଯିବା ଉଚିତ୍। ଏତଦ୍‌ବ୍ୟତୀତ । ଉଠାଦୋକାନୀମାନଙ୍କୁ ଆଇନ୍ ଅନୁସାରେ ତୁରନ୍ତ ଥଇଥାନ ନକରନ୍ତି, ତେବେ ନ୍ୟାସନାଲ ହକର୍ସ ଫେଡ଼େରେସନ ତରଫରୁ ହଜାର ହଜାର ଉଠାଦୋକାନୀ ବିଏମ୍‌ସି କାର୍ଯ୍ୟାଳୟ ଓ ନବୀନ ନିବାସ ଘେରାଉ କରିବେ ବୋଲି ରାଜ୍ୟ ସମ୍ପାଦକ ପ୍ରତାପ କୁମାର ସାହୁ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ କୋର୍ଟଙ୍କ ନିର୍ଦ୍ଦେଶ ରହିଛି , ବିଏମ୍‌ସି ଏକ କମିଟି କରି ରାଜମହଲ ଛକରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ଉଠାଦୋକାନୀମାନଙ୍କୁ ଡ଼ାକି ତାଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଥଇଥାନ କରିବା ପାଇଁ। କିନ୍ତୁ ତାହା ନକରି ଉଠାଦୋକାନୀମାନଙ୍କୁ ବଳପୂର୍ବକ ଉଚ୍ଛେଦ କରିବା ଏକ ଦୁଃଖଦାୟକ ଘଟଣା। ଉଚ୍ଛେଦ ସମୟରେ ଦୋକାନୀମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଦେଖାଇଥିଲେ ମଧ ବିଏମ୍‌ସିର ଆଇନ୍ ଖିଲାପକାରୀ କର୍ମଚ୍ଚରୀମାନେ ଏହାକୁ ଅଣଦେଖା କରି ଦୋକାନଗୁଡ଼ିକୁ ଜବରଦସ୍ତ ଉଚ୍ଛେଦ କରିଚ୍ଛଲିଥିଲେ ଯାହାକି ଏହା କ୍ରିମିନାଲ ଅଫେନ୍ସରେ ବିଏମ୍‌ସି କମିଶନର ଏବଂ ତାଙ୍କ କର୍ମଚ୍ଚରୀମାନଙ୍କୁ ଗିରଫ କରାଯିବା ଉଚିତ୍।

## ବାଲେଶ୍ୱର ସଦର ଉପନିର୍ବାଚନ ପାଇଁ କଂଗ୍ରେସ ଓ ବିଜେଡ଼ି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ





ବାଲେଶ୍ୱର,୧୫।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ଗତକାଲି ବିଜେପି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଆଜି ଉଭୟ ବିଜେଡି ଓ କଂଗ୍ରେସର ପ୍ରାର୍ଥୀ ନଜର ସମର୍ଥକ ଓ ସହଯୋଗୀଙ୍କ ସହ ଆସି ଉପ-ଜିଲ୍ଲାପାଳଙ୍କଠାରେ ପ୍ରାର୍ଥୀପତ୍ର ପଇଠ କରିଛନ୍ତି। ବିଜେଡି ପ୍ରାର୍ଥିତ୍ୱକୁ ନେଇ ଦେଖା ଦେଇଥିବା ଗୋଷ୍ଠୀ କନ୍ଦଳ ଓ ସବୁ ବିବାଦକୁ ପଛରେ ପକାଇ ଦଳୀୟ ପ୍ରାର୍ଥୀ ସ୍ୱରୂପ ଦାସ ଦଳର କର୍ମକର୍ତ୍ତା ଓ ରାଜ୍ୟସ୍ତରୀୟ ନେତାଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିବା ଦେଖବାକୁ ମିଳିଥିଲା। କୁଳଦେବତାଙ୍କୁ ପୂଜାର୍ଚ୍ଚନା କରିବା ସହ ଶ୍ରୀ ଦାସ ସହରର ବିଭିନ୍ନ ଦେବାଦେବୀ ମନ୍ଦିର, ଗୀର୍ଜା ଓ ମସଜିଦ୍‌କୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଫକୀର ମୋହନ ଗୋଲେଇରୁ ଏକ ଶୋଭାଯାତ୍ରାରେ ଆସି ବାଲେଶ୍ୱର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଆଇନମନ୍ତ୍ରୀ ପ୍ରତାପ ଜେନା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଶାସକ ଦଳ ମୁଖ୍ୟ ସଚେତକ ରୋହିତ ପୂଜାରୀ, ଶିକ୍ଷାମନ୍ତ୍ରୀ ସମୀର ଦାସ, ପ୍ରତାପ ଦେବ, ଦେବୀ ମିଶ୍ରଙ୍କ ସମେତ ବିଧାୟକ ବ୍ୟମକେଶ ରାୟ,ସୁଧୀର ସାମଲ, ପ୍ରଣବ ବଳବନ୍ତ ରାୟ, ସଂଜୀବ ମଲ୍ଲିକ, ବିଜେଡି ରାଜ୍ୟ ସମ୍ପାଦକ ରବି ସାମଲ, ଅସିତ ପଟ୍ଟନାୟକ, ଚିନ୍ମୟ ସାହୁଙ୍କ ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ବିଜେଡି ବିଧାୟକ ଓ ଆଗଧାଡ଼ିର ଛାମୁଆ ନେତାମାନେ ଏହି ଶୋଭାଯାତ୍ରାରେ ଯୋଗ ହୋଇଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରା ▶▶ପୃଷ୍ଠା ୭

## ଚଳିତ ବର୍ଷ ଜନ୍ମ ଦିନ ପାଳିବେନି ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫।୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ବର୍ଷ ତାଙ୍କର ଜନ୍ମଦିନ ପାଳନ କରିବେ ନାହିଁ ।୧୬ ଅକ୍ଟୋବର ଦିନ ତାଙ୍କର ଜନ୍ମ ଦିନ ଥିବା ବେଳେ ସେ କରୋନା କଟକଣା ପାଇଁ ନିଜର ଜନ୍ମଦିନକୁ ଚଳିତ ବର୍ଷ ପାଳନ କରିବେ ନାହିଁ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜନ୍ମଦିନରେ ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ କରିବାକୁ ନିବେଦନ କରିଛନ୍ତି। ଓଡ଼ିଶାବାସୀଙ୍କ ଭଲ ପାଇବା ଓ ଶୁଭେଚ୍ଛା ପାଇଁ ସବୁବେଳେ ସେ ଋଣୀ ରହିବେ ବୋଲି କହିଛନ୍ତି। ଗତ ଆଠ ମାସ ହେଲା କୋଭିଡ଼ ଯୋଗୁଁ ସମସ୍ତେ କଠିନ ସମୟ ଦେଇ ଗତି କରୁଛନ୍ତି। ଆଗାମୀକାଲି ନବୀନ ନିବାସ ନ ଆସି ବରଂ ମୁଖ୍ୟମନ୍ତ୍ରୀ ରକ୍ତଦାନ ଓ ପ୍ଲାଜମା ଦାନ କରିବାକୁ ଅନୁରୋଧ କରିଛନ୍ତି ।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୪୦ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୧୫।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୭୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୬୩୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୫୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି ।

### ଆଇସିସିର ଆତ୍ମନିର୍ଭର ଭାରତ ଇ-ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

## ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଥିବା ସୁଯୋଗର ସମ୍ପୂର୍ଣ୍ଣ ବିନିଯୋଗ କରନ୍ତୁ ଉଦ୍ୟୋଗ ସମୂହ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୫।୧୦ (ନି.ପ୍ର): ଦେଶର ଉଦ୍ୟୋଗ ସମୂହ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଥିବା ସୁଯୋଗର ସମ୍ପୂର୍ଣ୍ଣ ବିନିଯୋଗ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ଗୁରୁବାର ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ ଆୟୋଜିତ ‘ଆତ୍ମନିର୍ଭର ଭାରତ’ ଇ-ସମ୍ମିଳନୀରେ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିରେ ଥିବା ଆତ୍ମନିର୍ଭର ଭାରତ ଯୋଗଦାନରେ ଓଡ଼ିଶାର ଥିବା ଭୂମିକା ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ବିଗତ ୬ ବର୍ଷ ମଧରେ ଶିଳ୍ପ କ୍ଷେତ୍ରର ଅଗ୍ରଗତି ନିମନ୍ତେ ଅନେକ ସଂସ୍କାର ଆଣିଛନ୍ତି ଓ ଅନେକ ବିକାଶମୂଳକ ପଦକ୍ଷେପ ଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି । ଏହି ପରିପ୍ରେକ୍ଷୀରେ ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ପେଟ୍ରୋକେମିକାଲ, କୋଇଲା, ଆଲୁମିନିୟମ, ଶକ୍ତି ଉତ୍ପାଦନ, ବକ୍ସାଇଟ୍, ଇସ୍ପାତ୍, ଖଣିଜ ପଦାର୍ଥ କ୍ଷେତ୍ରରେ ବିପୁଳସୁଯୋଗ ରହିଛି। ଓଡ଼ିଶାରେ ଥିବା ଖଣିଜ ସମ୍ବଳ ଏବଂ ବୃହତ ବନ୍ଦର ଯଥା ପାରାଦୀପ, ଗୋପାଳପୁର, ଧାମରା ବନ୍ଦର ରାଜ୍ୟ ଶିଳ୍ପ ଅଭିବୃଦ୍ଧିକୁ ଗତିଶୀଳ କରିବାର କ୍ଷମତା ରଖିଛି। ଇସ୍ପାତ୍, ପେଟ୍ରୋକେମିକାଲ କ୍ଷେତ୍ର ଏବଂ ଏହାର ଆନ୍ସିଲାରୀ ଶିଳ୍ପ ଅପାର ସମ୍ଭାବନାର ସୁଯୋଗ ରଖିଥିବା ବେଳେ ବନ୍ଦର ଆଧାରିତ ଅର୍ଥନୀତି ଓଡ଼ିଶା ପାଇଁ ଗେମ୍-ଚେଞ୍ଜର ହୋଇପାରେ ବୋଲି ସେ କହିଛନ୍ତି । ସେହିପରି ପୂର୍ବ ଭାରତର ବିକାଶ ନହେଲେ ସମଗ୍ର ଭାରତବର୍ଷର ବିକାଶ ଅସମ୍ଭବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ତେଣୁ ପୂର୍ବ ଭାରତର ଅଭିବୃଦ୍ଧି ନିମନ୍ତେ ପ୍ରଧାନମନ୍ତ୍ରୀ ପୂର୍ବୋଦୟ ମିଶନ ଆରମ୍ଭ କରିଛନ୍ତି। ଏହି ପୂର୍ବୋଦୟ ମିଶନରେ ଯାଜପୁର କଳିଙ୍ଗନଗରକୁ ଇସ୍ପାତ କ୍ଷେତ୍ରର ପେଣ୍ଠସ୍ଥଳି କରିବାର ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ସ୍ଥାନୀୟ ଅଂଚଳର ବିକାଶ ହେବା ସହ ରୋଜଗାରର ସୁଯୋଗ ମଧ ବଢ଼ିବ । ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୩୬୮ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୫,୦୪୧ ହୋଇଛି। ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୪୦୦, ବାଲେଶ୍ୱର ଜିଲ୍ଲାରେ ୯୧୦୭, ବରଗଡ ଜିଲ୍ଲାରେ ୭୭୬୬, ଭଦ୍ରକ ଜିଲ୍ଲାରେ ୬୧୬୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୫୬୩୭. ବୌଦ୍ଧ ଜିଲ୍ଲାରେ ୨୩୦୩, କଟକ ଜିଲ୍ଲାରେ ୨୩,୮୦୧, ଦେବଗଡ ଜିଲ୍ଲାରେ ୮୮୧, ଢେଙ୍କାନାଳ ଜିଲ୍ଲାରେ ୪୫୧୯. ଗଜପତି ଜିଲ୍ଲାରେ ୩୭୪୪, ଗଂଜାମ ଜିଲ୍ଲାରେ ୨୦୭୬୧ , ଜଗତସିଂହପୁର ଜିଲ୍ଲାରେ ୬୩୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୯୮୮୫, ▶▶ପୃଷ୍ଠା ୭

## ଜାତୀୟ ସ୍ତରରେ ୭ଟି ପୁରସ୍କାର ପାଇଲା ଓଡିଶା ରେଡକ୍ରସ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଭାରତୀୟ ରେଡକ୍ରସ ସୋସାଇଟିର ବାର୍ଷିକ ସାଧାରଣ ବୈଠକ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ଜାତୀୟ ସ୍ତରରେ ରେକର୍ଡ ସଂଖ୍ୟକ ୭ଗୋଟି ପୁରସ୍କାର ଗ୍ରହଣ କରି ବିରଳ କୃତିତ୍ୱ ହାସଲ କରିଛନ୍ତି। ସର୍ବାଧିକ ରକ୍ତଦାନ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ବର୍ଷ ନିମନ୍ତେ ତଥା ସର୍ବାଧିକ ଅନୁଦାନ ସଂଗ୍ରହ କ୍ଷେତ୍ରରେ ୨୦୧୬-୨୦୧୭, ୨୦୧୭-୨୦୧୮ ଏବଂ ୨୦୧୮-୨୦୧୯, ବର୍ଷ ନିମନ୍ତେ ଶ୍ରେଷ୍ଠ ରାଜ୍ୟ ଶାଖା ଭାବରେ ଓଡିଶା ସମ୍ମାନୀତ ହୋଇଛି । ଏତତ୍ ବ୍ୟତିତ ବ୍ୟକ୍ତିଗତ ସଫଳତା ନିମନ୍ତେ ସ୍ୱେଚ୍ଛାସେବୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡା ଓ ମାଲକାନଗିରି ଯୁବ ରେଡକ୍ରସ ପରାମର୍ଶଦାତା ଡ. ରଂଜନ କୁମାର ସ୍ୱାଇଁଙ୍କୁ ଜାତୀୟ ରେଡକ୍ରସ ମେରିଟ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶାଖା ତରଫରୁ ଅବୈତନିକ ସଚିବ ସୁଶ୍ରୀ ସିଟିଏମ. ସୁଗୁଣା, କୋଷାଧ୍ୟକ୍ଷ ମେଜର ଡ. କଳ୍ପନା ଦାସ, ଯୁବ ରେଡକ୍ରସ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ, କନିଷ୍ଠ ରେଡକ୍ରସ ଅଧିକାରୀ ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ବା ସେମାନଙ୍କ ପ୍ରତିନିଧି, ରାଜ୍ୟ କାର୍ଯ୍ୟକାରିଣୀର ସଦସ୍ୟମାନେ ଯୋଗ ଦେଇଥିଲେ ।

# ଟ୍ରଲିରେ ପତ୍ନୀଙ୍କୁ ବୋହିଥିବା କବିର ଭୋଇଙ୍କୁ ଭେଟିଲେ ବିଜେପି ପ୍ରତିନିଧୀ ଦଳ

## ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେଉ : କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୧୫।୧୦ (ନି.ପ୍ର): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଦାସବିଦ୍ୟାଧରପୁର ଗ୍ରାମର କବିର ଭୋଇ ନିଜ ପତ୍ନୀ ସୁକାନ୍ତି ଭୋଇଙ୍କ ଚିକିତ୍ସା ପାଇଁ ଟ୍ରଲିରେ ୯୦ କିମି ପର୍ଯ୍ୟନ୍ତ ନେବା ଘଟଣାରେ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧୀ ଦଳ ସରଜମିନ ତଦନ୍ତ କରିବା ସହ କବିର ଭୋଇଙ୍କୁ ସମବେଦନା ଜଣାଇଛନ୍ତି । କବିର ଭୋଇଙ୍କ କହିବାନୁଯାୟୀ ତାଙ୍କ ପାଖରେ ଅର୍ଥ ନଥିବା ଏବଂ ଚିକିତ୍ସା ଅବହେଳା କାରଣରୁ ସେ ଆଜି ତାଙ୍କ ପତ୍ନୀଙ୍କୁ ହରାଇଛନ୍ତି ।ବାଧ ହୋଇ ସେ କଟକ ଏସ.ସି.ବି ମେଡିକାଲକୁ ଏକ ଟ୍ରଲି ଭଡା କରି ତାଙ୍କ ପତ୍ନୀଙ୍କୁ ନେଇଥିଲେ ଏବଂ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି କବିର ପ୍ରତିନିଧୀ ଦଳ ଆଗରେ କହିଥିଲେ । ରାଜ୍ୟସରକାର ୧୫ ଅଗଷ୍ଟ ୨୦୧୮ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରିବା ସହ ଗରିବ ପୁରୁଷଙ୍କୁ ୫ ଲକ୍ଷ ଓ ମହିଳାଙ୍କୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସେବା ଯୋଗାଇଦେବାର ପ୍ରତିଶୃତି ଦେଇଥିଲେ । କିନ୍ତୁ ସବୁ ବିଫଳ । ଆଜି ଦାନମାଝୀ ଘଟଣାର ପୁନରାବୃତି ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ଜିଲ୍ଲା ହସ୍ପିଟାଲ ପର୍ଯ୍ୟନ୍ତ ସବୁ ସ୍ଥାନରେ ଡାକ୍ତରଙ୍କ ଅଭାବ, ଅବହେଳା ଓ ଉନ୍ନତ ମାନର ଚିକିତ୍ସା ବ୍ୟବସ୍ଥା ନଥିବା କାରଣରୁ ଆଜି ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି । ରୋଗୀଟି ଟ୍ରଲିରେ ୯୦ କିମି ରାସ୍ତାରେ ବୁହା ହୋଇ ଯାଉଥିବାବେଳେ ସରକାରୀ ଅଧିକାରୀ କିମ୍ବା କୌଣସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନଜର ତାଙ୍କ ଉପରେ କିପରି ପଡିନଥିଲା ବୋଲି ପ୍ରତିନିଧୀ ଦଳ ସଦସ୍ୟ ତଥା ରାଜ୍ୟ ବିଜେପି ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ରାଜ୍ୟସରକାରଙ୍କ ଦାୟୀତ୍ୱ । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଯୋଗୁଁ ପୁରୀ ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହେଉଛନ୍ତି ବୋଲି ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଭିଯୋଗ କରିଛନ୍ତି । ମାଗଣାରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଓଡିଶାରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ବି ମୁଖ୍ୟମନ୍ତ୍ରୀ ନିଜ ଜିଦ୍ ରେ ଅଟଳ ରହିଛନ୍ତିବୋଲି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ପ୍ରଶ୍ନ କରିଛନ୍ତି । ଗରିବ ଲୋକ କାହିଁକି ସ୍ୱାସ୍ଥ୍ୟସେବାରୁ ବଂଚିତ ରହି ମୃତ୍ୟୁବରଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଆଗରେ ଏହାର ଉତର ରଖନ୍ତୁ । ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ । ମୃତକଙ୍କ ପରିବାରକୁ ରାଜ୍ୟସରକାରଙ୍କ ପକ୍ଷରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ପ୍ରତିନିଧୀଦଳ ଦାବି କରିଛି । ଆଗାମୀ ଦିନରେ ଜିଲ୍ଲାପ୍ରଶାସନ ଜିଲ୍ଲାରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରନ୍ତୁ । ଏହା ନହେଲେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆଗାମୀ ଦିନରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୁଦ୍ଧରେ ଜିଲ୍ଲାବ୍ୟାପି ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧୀ ଦଳରେ ବରିଷ୍ଠ ନେତା କୃଷ୍ଣ ଜଗଦେବ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲ୍ୟ ବିବାହ ଉଚ୍ଛେଦ ସମ୍ପର୍କିତ ବୈଠକ ଅନୁଷ୍ଠିତ

ମାଲକାନଗିରି,୧୫।୧୦ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ଆଇସିଡିଏସ ଆନୁକୂଲ୍ୟରେ ଶିଶୁ ବିକାଶ ଯୋଜନା ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଦା ଙ୍କ ନେତୃତ୍ୱ କ୍ରମେ ଚିତ୍ରକୋଣ୍ଡା ବିଡ଼ିଓ ଲରିମନ ଖରସେଲ ଙ୍କ ଅଧକ୍ଷତାରେ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ର ଅଧକ୍ଷ ଡାକ୍ତର ଖିରୋଦ ଚନ୍ଦ୍ର ମହନ୍ତ,ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲା ଶିଶୁ ସୁରକ୍ଷା ସଂଯୋଜକ ସତ୍ୟଜିତ ପଣ୍ଡା,ଚିତ୍ରକୋଣ୍ଡା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ,ଜିଲା ୟୁନିସେଫ କନସୁଲାଣ୍ଟ, କୁଡୁମୁଲୁଗୁମା ବିଇଓ ଅଞ୍ଜନ ଚୌଧୁରୀ, ଚିତ୍ରକୋଣ୍ଡା ଆଇସିଡିଏସ ଅନ୍ତର୍ଭୁକ୍ତ କାର୍ଯ୍ୟରତ ସୁପରଭାଇଜର - ଚମ୍ପା ଖରା, ଗଙ୍ଗାଇ ଶିରିଙ୍ଗାମ, ବିଜୟଲକ୍ଷ୍ମୀ ସଭାସୁନ୍ଦର, ଶରତ ମଞ୍ଜରୀ ସ୍ୱାଇଁ ଓ ଚାରୁଲତା ଦାସ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶୁ ଓ ମହିଳା କଲ୍ୟାଣ ସମିତି ର କର୍ମୀ ସୁରେଶ ପୂଜାରୀ ଙ୍କୁ ନେଇ ଚିତ୍ରକୋଣ୍ଡା ବ୍ଲକ ସଭା ଗୃହ କକ୍ଷରେ ବାଲ୍ୟ ବିବାହ ଉଚ୍ଛେଦ ନିମନ୍ତେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା ।, ବାଲ୍ୟ ବିବାହ କୁ ପ୍ରତି ଗାଁ ଗାଁ ର ତୃଣ ମୂଳ ସ୍ତରରୁ ବିଭିନ୍ନ ଦିଗ ଓ ତରିକା ଅବଲମ୍ବନ କରି ସମସ୍ତ ଙ୍କ ସହଯୋଗ ରେ ରୋକ ଲଗାଇବା ଏବଂ ବାଲ୍ୟ ବିବାହ ସୁରକ୍ଷା ନିମନ୍ତେ ଆଲୋଚନା କରାଯାଇ ପୂର୍ବ ପ୍ରସ୍ତୁତି କରାଯିବା ସହିତ ସ୍ୱତନ୍ତ୍ର ଯୋଜନା ମାଧମରେ ଗାଁ ତଥା ପଂଚାୟତ ସ୍ତରରୁ ଆଶା, ଅଙ୍ଗନବାଡି, ଶିଶୁ ଓ ମହିଳା ଉପରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ୟୁନିସେଫ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ମହିଳା ଶିଶୁ ଡେସ୍କ, ବିଦ୍ୟାଳୟ କତୃପକ୍ଷ ଏଇଭଳି ସମସ୍ତ ମହିଳା ଓ ଶିଶୁ ସୁରକ୍ଷା ଉପରେ ଚିନ୍ତା ତଥା କାର୍ଯ୍ୟ କରୁଥିବା ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ଏକତ୍ରିତ ହୋଇ ଗାଁ ଗାଁ ବାଲ୍ୟ ବିବାହ ସମ୍ପର୍କରେ ସଚେତନ କରି ସମ୍ପୂର୍ଣ୍ଣ ଭାବରେ ବାଲ୍ୟ ବିବାହ କୁ ରୋକ ଲଗାଇ ବାକୁ ଆଜିର ଏହି ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ ବୈଠକ ରେ ଦୃଢ଼ ନିଷ୍ପତି ନିଆଯାଇଥିଲା।

## କୋଭିଡ଼-୧୯ ନିମନ୍ତେ ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରତିକ୍ରିୟା—

# କୋଭିଡ଼ ଜନିତ ଉପଯୁକ୍ତ ଆଚରଣ ପାଇଁ ଏନଟିପିସି ପୂର୍ବକ୍ଷେତ୍ର-୨ର ଅଭିଯାନ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୮.୧୦.୨୦୨୦ରେ କୋଭିଡ଼-୧୯ ଜନ ଆନ୍ଦୋଳନ ଆରମ୍ଭ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ଏନଟିପିସି କର୍ପୋରେଟ ଅଫିସର ନିର୍ଦ୍ଦେଶ କ୍ରମେ, ପୂର୍ବ କ୍ଷେତ୍ର-୨ର କର୍ମଚାରୀମାନେ କୋଭିଡ଼ ମାର୍ଗଦର୍ଶିକା ଏବଂ ପ୍ରୋଟୋକଲ ଅନୁସରଣ କରି ଜନସମାଗମକୁ ଏଡ଼ାଇବା ନିମନ୍ତେ, ସେମାନେ ନିଜ ନିଜର କର୍ମସ୍ଥଳରେ କୋଭିଡ଼-୧୯ ଜନ ଆନ୍ଦୋଳନ ଅଭିଯାନ ନିମନ୍ତେ ଶପଥ ନେଇଥିଲେ । ଭୁବନେଶ୍ୱର ପୂର୍ବ କ୍ଷେତ୍ର-୨ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଏବଂ ତାଳଚେର କଣିହାଁ, ତାଳଚେର ଥର୍ମାଲ, ଦର୍ଲିପାଲୀ ଏବଂ ଆସାମର ବଙ୍ଗାଇଗାଓଁ ପ୍ରକଳ୍ପର ସମସ୍ତ କର୍ମଚାରୀ ଇ-ଶପଥ ଗ୍ରହଣ କରିଥିଲେ । ଏନଟିପିସି କର୍ମଚାରୀମାନେ ଫେସ୍ ମାସ୍କ ଠିକ୍ ଭାବରେ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା ଏବଂ ସାମାଜିକ ଦୂରତ୍ୱ ବଜାୟ ରଖିବା ପରି ଅନ୍ୟ କୋଭିଡ଼ ଉପଯୁକ୍ତ ଆଚରଣ ନିଜେ ଅନୁସରଣ କରିବା ଏବଂ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଶପଥ ନେଇଥିଲେ । କର୍ମଚାରୀମାନଙ୍କ ବ୍ୟତୀତ, ପରିବାରର ସଦସ୍ୟଗଣ, ସିଆଇଏସଏଫ କର୍ମକର୍ତ୍ତା ଏବଂ ସହଯୋଗୀ ସଂସ୍ଥାଗୁଡ଼ିକ ମଧ୍ୟ ଏନଟିପିସିର ସମସ୍ତ ପ୍ରକଳ୍ପରେ କୋଭିଡ଼-୧୯ ବିରୁଦ୍ଧରେ ସଂଗ୍ରାମ ଜାରି ରଖିବାକୁ ଶପଥ ନେଇଥିଲେ । ଏନଟିପିସି ପୂର୍ବ କ୍ଷେତ୍ର-୨ ମୁଖ୍ୟାଳୟ, ଭୁବନେଶ୍ୱର, ଓଡ଼ିଶାର ୧୦ଟି ଉଚ୍ଚାଭିଳାଷୀ ଜିଲ୍ଲାରେ କୋଭିଡ଼ର ଯଥାଯଥ ଆଚରଣ ସମ୍ପର୍କରେ ସଚେତନତା ଅଭିଯାନ ଗ୍ରହଣ କରୁଅଛି । କୋଭିଡ଼ ଉପଯୁକ୍ତ ଆଚରଣ ପାଇଁ ଭାରତ ସରକାର ଏକ ତୀବ୍ର ଏବଂ କେନ୍ଦ୍ରିଭୂତ ଅଭିଯାନ ଆରମ୍ଭ କରିଛନ୍ତି, ଯାହା ସତର୍କତା ସହିତ ଅନଲକ୍ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ବିଭିନ୍ନ ଉପାୟରେ ଭାରତର ପ୍ରତ୍ୟେକ ନାଗରିକଙ୍କ ନିକଟରେ କୋଭିଡ଼-୧୯ ସମ୍ପର୍କିତ ସଚେତନତା, ଚେତନା ପ୍ରସାର କରିବା ଏବଂ ଅଭିଯାନର ଉଦ୍ଦେଶ୍ୟ । ମହାମାରୀରୁ ପରସ୍ପରକୁ ପ୍ରତିରୋଧ ଏବଂ ସୁରକ୍ଷିତ ରଖିବା ନିମନ୍ତେ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ଫ୍ଲେଟ ଗୁଡ଼ିକ ତଥା ଏହାର ଚାରିପାର୍ଶ୍ୱରେ ହିନ୍ଦି ଓ ଓଡ଼ିଆ ଭାଷାରେ ପ୍ରଚାର, ପ୍ରସାର କରାଯାଉଅଛି ।

# ଫୁଲବାଣୀ ପୌରାଂଚଳରେ ଯାଗା ମିଶନରେ ଲୋକଙ୍କୁ ସେମାନଙ୍କର ଯାଗାର ଏଲଇସି ବଣ୍ଟନ

## ପାଇବେ ଫୁଲବାଣୀର ୧,୭୩୪ ଜଣ ହୀତାଧିକାରୀ

କନ୍ଧମାଳ,୧୫।୧୦ (ନି.ପ୍ର): ଆଜି ଫୁଲବାଣୀ ପୌରାଂଚଳର ଥିବା ବିଭିନ୍ନ ବସ୍ତି ଅଂଚଳର ଲୋକଙ୍କୁ ଯାଗା ମିଶନରେ ଯାଗାର ଏଲ.ଇ.ସି ବଣ୍ଟନ କରାଯାଇଛି । ପ୍ରଥମେ ଫୁଲବାଣୀ ପୌରାଂଚଳରେ ଥିବା ଜିରିଙ୍ଗପଡାର କମ୍ୟୁନିଟି ହଲରେ ଅରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ପୌର ପରିଷଦର ଅଧିକାରୀ ବଳଦେବ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ଅସୁସ୍ଥତା ଯୋଗୁଁ ତାଙ୍କର ପ୍ରତିନିଧି ଏମ.ଡି ୟାସିନ ବେଗ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ । ଏହାସହିତ ଯାଗା ମିଶନର ନୋଡାଲ ଅଫିସର ଓ ପୌର ପରିଷଦର କର୍ମଚାରୀ ମାନେ ଯୋଗ ଦେଇ ଲୋକଙ୍କୁ ସେମାନେ ଘର କରି ରହି ଆସୁଥିବା ଯାଗାର ଲ୍ୟାଣ୍ଡ ଏନଟାଇଟେଲମେଣ୍ଟ ସାର୍ଟିଫିକେଟ (ଏଲ.ଇ.ସି) ବଣ୍ଟନ କରାଯାଇଥିଲା । ପୂର୍ବରୁ ଫୁଲବାଣୀ ପୌରାଂଚଳରେ କରାଯାଇଥିବା ସର୍ଭେରେ ସହରର ୨୪ଟି ବସ୍ତି(ସ୍ଲମ)ରେ ରହୁଥିବା ୧୭୩୪ ଜଣ ହୀତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା । ପୌରା ପରିଷଦ ତରଫରୁ ସହରରେ ଥିବା ୨୪ଟି ବସ୍ତିକୁ ୫ଟି ଜୋନ ରେ ବିଭକ୍ତ କରାଯାଇ ସହି ଜୋନରେ ଏକ ଦୁଇଦିନିଆ ଏଲ.ଇ.ସି ବିତରଣ ଶିବିର ଆୟୋଜିତ କରାଯାଇଛି । ଫୁଲବାଣୀ ପୌରାଂଚଳରେ ଥିବା ଜିରିଙ୍ଗପଡା କମ୍ୟୁନିଟି ହଲ ସମେତ ସାଲୁଙ୍କୀସାହି ମଣ୍ଡପ,ପିଅନପଡା କଲ୍ୟାଣ ମଣ୍ଡପ,ଅରବିନ୍ଦ ନଗର କମ୍ୟୁନିଟି ହଲ ଏବଂ ଫୁଲବାଣୀ ସାହି କମ୍ୟୁନିଟି ହଲ ଭଳି ୫ଟି ଯାଗାରେ ଏହି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆଜି ୪୭୯ ଜଣଙ୍କୁ ଏହି ସାର୍ଟିଫିକେଟ ବଣ୍ଟନ କରାଯାଇଛି । ପୂର୍ବରୁ ସେମାନଙ୍କ ଯାଗାର କୌଣସି ପଟ୍ଟା କିମ୍ବା କାଗଜ ପତ୍ର ନଥିବାରୁ ସେମାନଙ୍କୁ ମିଳିପାରୁ ନଥିବା ବିଭିନ୍ନ ସରକାରୀ ସୁବିଧା ସେମାନେ ପାଇ ପାରିବେ ବୋଲି ଜଣପଡିଛି । ଏହି ସାର୍ଟିଫିକେଟ ଜରିଆରେ ସେମାନେ ଜାତିଗତ ପ୍ରମାଣ ପତ୍ର,ଇନକମ ସାର୍ଟିଫିକେଟ,ଆବାସ ଯୋଜନାରେ ଘର ସମେତ ସମସ୍ତ ସରକାରୀ ସୁବିଧା ମାନ ପାଇପାରିବେ ବୋଲି କହିଛନ୍ତି ଫୁଲବାଣୀ ପୌର ପରିଷଦ ନିର୍ବହୀ ଅଧିକାରୀ ବଳଦେବ ବେହେରା । ତେବେ ସେମାନେ ଏହି ଯାଗାକୁ କାହାରିକୁ ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ବିକ୍ରୟ କରି ପାରିବେନାହିଁ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୫ଟି ଜୋନରେ ସମସ୍ତ ଚିହ୍ନଟ କରାଯାଇଥିବା ସମସ୍ତ ୧୭୩୪ ଜଣ ହୀତାଧିକାରୀଙ୍କୁ ଏହି ସାର୍ଟିଫିକେଟ ବଣ୍ଟନ କରାଯିବ ବୋଲି କହିଛନ୍ତି ।

# ବର୍ଷା ଜଳ ନିଷ୍କାସନ ନିମନ୍ତେ ନାଳ ବ୍ୟବସ୍ଥା ନାହିଁ : କଣାସ ଗାଁ ଦାଣ୍ଡରେ ଜମିଛି ଆଣ୍ଠୁଏ ଉଚ୍ଚତାରେ ପାଣି

କଣାସ,୧୫।୧୦ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ କଣାସ ଗ୍ରାମରେ ବର୍ଷାଜଳ ନିଷ୍କାସନ ପାଇଁ ସୁବିଧା ନଥିବାରୁ ଲଗାଣ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚତାରେ ପାଣି ଜମି ରହି ପରିବେଶ ନଷ୍ଟ କରିବା ସହିତ ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ଖବର ନେବାରେ ଜଣାପଡିଛି ବର୍ଷାଜଳ ନିଷ୍କାସନ ପାଇଁ ଗ୍ରାମ ଭିତରେ ଦୁଇ ପାର୍ଶ୍ୱରେ ନାଳ ନଥିବାରୁ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚରେ ପାଣୀ ଜମିରହୁଛି । ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଗାଡି ମୋଟର ଯାତାୟତ କରୁଥିବାରୁ ଗାଡି ମୋଟର ଜିବା ସମୟରେ ପାଣି ଛିଟିକି ବାସଗୃହ ମଧରେ ପଡୁଥିବାରୁ ପରିବାର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ନାଳ ନିର୍ମାଣ କରିବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି ।

# ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ପକ୍ଷରୁ କୃଷି ବିଲକୁ ବିରୋଧ କରି ବ୍ଲକ ସମ୍ମୁଖରେ ଧାରଣା

ଧର୍ମଶାଳା,୧୫।୧୦ (ନି.ପ୍ର): ଆଜି ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ଧର୍ମଶାଳା ବ୍ଲକ କମିଟି ପକ୍ଷରୁ କୃଷି ବିଲକୁ ବିରୋଧ କରି ଏକ ଧାରଣା ବ୍ଲକ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ୧୯୫୫ କୃଷିଆଇନ, ପ୍ରାଇଭେଟ ମଣ୍ଡି ସ୍ଥାପନ ଓ ଚୁକ୍ତି ଚାଷକୁ ବିରୋଧ କରି ପ୍ରତିବାଦକାରୀମାନେ ଜାରକା ବଜାରରୁ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଥାନ ପରିକ୍ରମା କରି ଧର୍ମଶାଳା ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ । କୃଷକ ନେତା କମ୍ରେଡ ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିଲେ । ଏହି ଆଇନ କାର୍ଯ୍ୟକାରୀ ହେଲେ କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜି ନିବେଶ କରିବ ଓ ଦେଶୀ ବିଦେଶୀ କମ୍ପାନୀମାନେ କୃଷିକୁ ନିୟନ୍ତ୍ରଣ କରିବେ । ଏହା ଦ୍ୱାରା ସରକାର ତାଙ୍କ ଦାୟିତ୍ୱରୁ ଓହରି ଯିବ । ଏକ ଦେଶ ଏକ ବଜାର ନାରା ଦେଇ କେନ୍ଦ୍ର ସରକାର ଅସଲରେ କୃଷକମାନଙ୍କ ମରଣ ମୁହଁକୁ ଠେଲି ଦେବେ । ତେଣୁ ଏହା ସମ୍ପୂର୍ଣ୍ଣ ଜନବିରୋଧୀ ବୋଲି ବିକ୍ଷୋଭକାରୀ ନାରାବାଜି ଦେଇଥିଲେ । ଏହା ତୁରନ୍ତ ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ କୃଷକ ଆନ୍ଦୋନ ଗଢି ଉଠିବ ବୋଲି ଚେତାବନୀ ଦିଆଯାଇଛି । କମ୍ରେଡ ପଂଚାନନ ରାଉତ,ବ୍ରହ୍ମାନନ୍ଦ ନାୟକ,ବାବନ ମଲ୍ଲିକ,ନାରାୟଣ ସାହୁ,ପବିତ୍ର ସାହୁ,ମନୋଜ ସେଠୀ,ମଧୁସ୍ମିତା ସାହୁ,ଗଗନ ମଲିକ,ଅଭିରାମ ମଲିକ,କବି ସେଠୀ ଓ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କୃଷି ଆଇନକୁ ବିରୋଧ କରିଥିଲେ ।

# ଗ୍ରାମ୍ୟ ରାସ୍ତାରେ ଓଭରଲୋଡ଼ ବାଲି ଗାଡ଼ି ଚଳାଇବାକୁ ନେଇ ଉତେଜନା

ବାରିପଦା,୧୫।୧୦ (ନି.ପ୍ର): ମୟୁରଭଂଜ ଜିଲ୍ଲା ସାରସକଣା ବ୍ଲକର ପାଣ୍ଡରାସିଂହ ସାହିରେ ଉତେଜନା ଦେଖାଦେଇଛି । ଶତାଧିକ ମହିଳା ସହିତ ଗ୍ରାମବାସୀ ଗ୍ରାମ୍ୟ ରାସ୍ତାକୁ ଅବରୋଧ କରିଛନ୍ତି । ଗ୍ରାମ୍ୟ ରାସ୍ତାରେ ଓଭରଲୋଡ଼ ବାଲି ଗାଡ଼ି ଚଳାଇବାକୁ ଦେବେ ନାହିଁ ବୋଲି ଗ୍ରାମବାସୀ ଜିଦ୍ ଧରି ବସି ରହିଛନ୍ତି । ଗ୍ରାମ୍ୟ ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଟ୍ରକ୍, ଡମ୍ପର ସହିତ ୧୪ ଚକିଆ ଗାଡ଼ି ବେନିୟମ ଭାବେ ଯାତାୟତ କରୁଛି । ରାସ୍ତାକୁ ଗ୍ରାମବାସୀଙ୍କ ଘର ଲାଗିଥିବାରୁ ସବୁ ସମୟରେ ଗ୍ରାମର ପିଲାମାନେ ରାସ୍ତାରେ ଯିବା ଆସିବା କରୁଛନ୍ତି । ଡ୍ରାଇଭରମାନେ ଗ୍ରାମ୍ୟ ରାସ୍ତାରେ ଜୋରରେ ଗାଡ଼ି ଚଳାଉଛନ୍ତି । ଯେତେ ମନା କଲେ ମଧ ସେମାନେ ମାନୁ ନାହାଁନ୍ତି । ଏଥିଯୋଗୁଁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମିଶି ରାସ୍ତା ବନ୍ଦ କରିଛନ୍ତି । ଏହି କାର୍ଯ୍ୟରେ ପ୍ରଶାସନ ମଧ ଗ୍ରାମବାସୀଙ୍କୁ ସାହାଯ୍ୟ କରୁନାହିଁ । ଗ୍ରାମର ସୁରମଣି ସିଂ, ସୂର୍ଯ୍ୟ ମଣି ସିଂ, ଚୋବାଣୀ ସିଂ, ସୁରବାଳି ସିଂ, ସୁକୁମାରୀ ସିଂ, ନରସିଂହ ସିଂ, ମନୁଆ ସିଂ, ରୂପା ସିଂ, ଦଶର ସିଂ, ଗୁରୁବାରୀ ସିଂ ଙ୍କ ସମେତ ଗ୍ରାମବସୀମାନେ ଅଭିଯୋଗ କରିଛନ୍ତି ।

# ରାସ୍ତା ପାଖରୁ ଜବରଦଖଲ ହଟାଇବାକୁ ଦାବି

କେନ୍ଦ୍ରାପଡ଼ା,୧୫।୧୦ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଥାନା ଅଧିନ ଓରତ-ବିଜୟନଗରର ମୁଖ୍ୟ ରାସ୍ତାର ଓରତ ପୋଲ ଠାରୁ ଦେଉଳିପଡା ହାଇସ୍କୁଲ ପର୍ଯ୍ୟନ୍ତ ପ୍ରାୟ ୩କିମି ରାସ୍ତାର ଉଭୟ ପାର୍ଶ୍ୱକୁ ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତିମାନେ ଜବରଦଖଲ ରେ ରଖି ଥିବାରୁ ସଡକ ଯାତାୟତର ସୁରକ୍ଷା ବିପଦ ସଂକୁଳ ହୋଇ ପଡିଛି । ଦୈନିକ ଛୋଟବଡ ଦୁର୍ଘଟଣା ଘଟିବା ସହ ସ୍କୁଲ କଲେଜର ପିଲାମାନେ ଏଥିରେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି । ଏନେଇ ଦେଉଳିପଡା ଗ୍ରାମ ସଚେତନ ନାଗରିକ ମଂଚ ପକ୍ଷରୁ ଭୀମସେନ ଦାସ ପ୍ରମୁଖ ଦାବି କରିଚନ୍ତି ।

# ଦୀର୍ଘ ୭୨ ଘଂଟା ରୋଷେଇ କରି ଗ୍ରୀନିଜ ଓ୍ୟାର୍ଲ୍ଡ ରେକର୍ଡ ଲକ୍ଷ୍ୟରେ କେନ୍ଦୁଝର ର ଝିଅ

କେନ୍ଦୁଝର,୧୫।୧୦ (ନି.ପ୍ର): ଦୀର୍ଘ ୭୨ ଘଂଟା ଧରି ରୋଷେଇ କରି ଗ୍ରୀନିଜ ଓ୍ୟାଲ୍ଡ ରେକର୍ଡ ହାସଲ କରିବା ଲକ୍ଷ୍ୟରେ ରୋଷେଇ ରେ ବ୍ୟସ୍ତ କେନ୍ଦୁଝର ର ଝିଅ । କେନ୍ଦୁଝର ସହର ର କଲେଜ ରୋଡ ସ୍ଥିତ ଶାଗର ଗଳି ଅଂଚଳରେ ରହୁଥିବା ୨୮ ବର୍ଷିୟ ଝିଅ ବୁଥରା ସଲିମ୍ ଆଜି ବୁଧବାର ଦିନ ୧୨ ଟା ୧୫ ମିନଟ ସମୟରୁ ଦୀର୍ଘ ୭୨ ଘଂଟା ଧରି ଅବିରତ ରୋଷେଇ କରିବା ଲକ୍ଷ୍ୟରେ ରୋଷେଇ ଆରମ୍ଭ କରିଛନ୍ତି । ବୁଥରା ସଲିମ ଇନ୍‌ଡିଭିଜୁଆଲ ହୋମ କିଚେନ କୁକିଂ ମାରାଥନ କାଟାଗୋରୀ ତଥା ବିଭାଗରେ ରୋଷେଇ କରିବେ । ବର୍ତମାନ କୋଭିଡ ମହାମରୀ ପାଇଁ ସାରା ବିଶ୍ୱ ରେ କଟକଣା ଥିବାରୁ ଏହି ରୋଷେଇ କାର୍ଯ୍ୟକ୍ରମ କୁ ଗ୍ରୀନିଜ ଓ୍ୟାଲ୍ଡ ରେକର୍ଡ ସଂସ୍ଥା ପକ୍ଷରୁ ନିର୍ଦ୍ଧାରିତ ନିୟମ କାନୁନ୍ ମଧ୍ୟରେ ହେଉଥିବା ବେଳେ ଏହାକୁ ଅନ୍ ଲାଇଲ୍ ରେ ଗ୍ରୀନିଜ ବୁକ ଅଫ ଓ୍ୟାଲ୍ଡ ରେକର୍ଡ ର ବିଚାରକ ମାନେ ତୀକ୍ଷଣ ନଜର ରଖି ଥିବା ସହ ଏହା ୟୁଟୁବ ଓ ଫେସ୍ ବୁକ ରେ ମଧ୍ୟ ଲାଇଫ ଚାଲିଛି । ନିୟମ ଅନୁସାରେ ଏହି ୭୨ ଘଂଟା ର ରୋଷେଇ ସମୟ ମଧ୍ୟରେ ପ୍ରତି ଛ ଘଂଟା ରେ ମାତ୍ର ଅଧ ଘଂଟା ର ପାଇଁ ବିରତି ବା ଫୁରସତ ମିଳିବ । ସେହି ସମୟ ମଧ୍ୟରେ ବୁଥରା ଖାଇବା , ଗାଧୋଇବା , ଶୋଇବା ଆଦି ଯାହା କିଛି ନିଜ ଇଛା ଅନୁସାରେ କରି ପାରିବେ । ଆହୁରୁ ମଧ୍ୟ ଏହି ୭୨ ଘନ୍ଟା ସମୟ ମଧ୍ୟରେ ସେ ଯାହା କିଛି ବି ନିଜ ମନ ମୁତାବକ ନିଜ ପସନ୍ଦ ରେ ରୋଷେଇ କରି ପାରିବେ । ଏହା ପୂର୍ବରୁ ଜଣେ ଆମେରିକୀୟ ୬୮ ଘନ୍ଟା ୩୦ ମିନଟ୍ ୧ ସେକେଣ୍ଡ ରୋଷେଇ କରି ଗ୍ରୀନିଜ ବୁକ ଅଫ ଓ୍ୟାଲ୍ଡ ରେକର୍ଡ ଟାଇଟେଲ ହାସଲ କରିଛନ୍ତି । ଏବେ ବୁଥରା ସେହି ଆମେରିକୀୟ ଙ୍କ ରେକର୍ଡ ଭାଙ୍ଗି କରି ନୂତନ ରେକର୍ଡ ସୃଷ୍ଟି କରି ଦେଶର ନା ଉଜ୍ଜଳ କରିବେ ବୋଲି ଆଶା ରଖିଛନ୍ତି । ଏହି କାର୍ଯ୍ୟକ୍ରମ ପାଇଁ କିଚେନ୍ ଅଫ ଫ୍ଲେଭର , କ୍ୟାଚି , ଗ୍ୟାଲେକ୍ସି ଆଦି କମ୍ପାନୀ ବୁଥରା ଙ୍କୁ ସପୋର୍ଟ କରିବା ସହ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ର ଏକାଧିକ ସଂସ୍ଥା ମଧ୍ୟ ଏହି ରୋଷେଇ କାର୍ଯ୍ୟକ୍ରମ କୁ ସପୋର୍ଟ କରିବା ସହ ବୋଥରା ଙ୍କୁ ମାନସିକ ସ୍ତରରେ ଉତ୍ସାହିତ କରିବାକୁ ଆଗେଇ ଆସିଛନ୍ତି । ବାରମ୍ବାର ବୁଥୁରା ଙ୍କୁ ଭିଡିଓ କଲିଂ ମାଧ୍ୟମରେ କଥା ହୋଇ ତାଙ୍କର ମନବଳ ବଢାଉଛନ୍ତି । ବୁଥରା ଡାଲମା , ପୋଇଶାଗ , ଛେନା ପୋଡ , ଭେଣ୍ଡି ଆଦି ଓଡିଆ ଘରର ଖାଇବା ଆଦି ତିଆରି କରିବେ ବୋଲି କହିଛନ୍ତି । ଏହା ପୂର୍ବରୁ ବୁଥରା ଫେବିନା ଗ୍ରୁପ ଓ କନିଟୋଜ ମାଷ୍ଟର ସେଫ ଆଦି ସଂସ୍ଥା ଦ୍ୱାରା ଆୟୋଜିତ ସର୍ବ ଭାରତୀୟ ସ୍ତରରେ ରୋଷେଇ କାର୍ଯ୍ୟକ୍ରମ ରେ ଭାଗ ନେଇ ବିଜୟୀ ହୋଇଛନ୍ତି ।

# ଶରତ କରଙ୍କ ଉଦ୍ଦେଶ୍ୟରେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ୧୮ରେ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଓଡିଶାର ବିଶିଷ୍ଟ ବୁଦ୍ଧିଜୀବୀ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ପୂର୍ବତନ ବାଚସ୍ପତି ସ୍ୱର୍ଗତ ଡ. ଶରତ କୁମାର କରଙ୍କ ସ୍ମୃତିରେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡିଓ ଯୋଗେ ଆସନ୍ତା ୧୮ ତାରିଖ ରବିବାର ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଅନୁଷ୍ଠିତ ହେବ । ରାଜ୍ୟ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ଡ. କରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ, ଓଡିଶା ବିଧାନସଭାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଓପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ପଦ୍ମଶ୍ରୀ ଡ. ପ୍ରତିଭା ରାୟ, ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ପୂର୍ବତନ ବାଚସ୍ପତି କିଶୋର ପଟେଲ, ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ଗୋବର୍ଦ୍ଧନ ମଠର ପ୍ରବକ୍ତା ମନୋଜ ରଥ, ପ୍ରଫେସର ରଜତ କୁମାର କର ପ୍ରମୁଖ ଯୋଗଦେବେ ବୋଲି ଅନୁଷ୍ଠାନର ଅଧକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଓ କାର୍ଯ୍ୟକାରୀ ଅଧକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି । ଏହି ଅବସରରେ ଏକ ସ୍ମୃତି ପୁସ୍ତକ ଉନ୍ମୋଚିତ ହେବ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜନସାଧାରଣ ବହୁଳ ପରିମାଣରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି ।

# କୋଭିଡ଼୧୯ ସମୟରେ ଉତ୍କର୍ଷ ସେବାପାଇଁ ୫ ରେଳବାଇ ସୁରକ୍ଷା ବଳ କର୍ମଚାରୀଙ୍କୁ ପ୍ରଶଂସା ପତ୍ର

ଭୁବନେଶ୍ୱର,୧୫।୧୦ (ନି.ପ୍ର): ୧୯ ଲକ୍ ଡାଉନ୍ ସମୟରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ପୂର୍ବତଟ ରେଳପଥର ପାଂଚଜଣ ଆରପିଏଫ୍ ଅଧିକାରୀଙ୍କୁ ରେଳବାଇ ସୁରକ୍ଷାବଳ ମହାନିର୍ଦ୍ଦେଶକଙ୍କ ଠାରୁ ପ୍ରଶଂସା ପତ୍ର ଗ୍ରହଣ କରିଛନ୍ତି । ପୁରୀ ଆରପିଏଫ ପୋଷ୍ଟ ଇନ୍ସପେକ୍ଟର ଅନୀଲ କୁମାର ସିଂ, କଟକ ଆରପିଏଫ ପୋଷ୍ଟ ଇନ୍ସପେକ୍ଟର ପ୍ରବୀଣ କୁମାର, ଜଗଦଲପୁର ଆରପିଏଫ ପୋଷ୍ଟ ଇନ୍ସପେକ୍ଟର ଏଚ୍ ଡି ଶର୍ମା, କଟକ ଆରପିଏଫ ପୋଷ୍ଟ ସବ-ଇନ୍ସପେକ୍ଟର ସବିତା ରଥ ଏବଂ ନୌପଡା ଆରପିଏଫ ପୋଷ୍ଟ କନଷ୍ଟେବଳ ଏ କେ ସାହୁଙ୍କୁ ନିକଟରେ ରେଳବାଇ ସୁରକ୍ଷାବଳ ମହାନିର୍ଦ୍ଦେଶକଙ୍କ ପ୍ରଶଂସା ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଲକ ଡାଉନ ସମୟରେ ପୂର୍ବତଟ ରେଳପଥର ବିଭିନ୍ନ ସ୍ଥାନରେ ରଖାଯାଉଥିବା ରୋଲିଙ୍ଗ ଷ୍ଟକ ଯଥା ଟ୍ରେନ ରେକ ଗୁଡିକର ସୁରକ୍ଷା ସମସ୍ୟା ବ୍ୟତୀତ, ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣା ଖାଦ୍ୟ ଯୋଗାଇବା ଏବଂ ଶ୍ରାମିକ୍ ସ୍ପେଶାଲ୍ ଟ୍ରେନ୍ ଗୁଡିକରେ ଖାଦ୍ୟ ପରିବେଷଣ ଓ ତଦାରଖ କରିବା ସହିତ ଯାତ୍ରୀ ଭିଡ ପରିଚାଳନା ଇତ୍ୟାଦି କାର୍ଯ୍ୟ ସହିତ ଅନେକ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି । ସ୍ୱତନ୍ତ୍ର ଟ୍ରେନ୍ ଏବଂ କୋଭିଡ୍ -୧୯ ଲକ୍ ଡାଉନ ସମୟରେ ବିଭିନ୍ନ କାର୍ଯ୍ୟ ସହିତ ଯାତ୍ରୀ ଏବଂ ନିୟୋଜିତ କର୍ମଚାରୀମାନଙ୍କୁ ଫେସ୍ ମାସ୍କ ବଂଟନ ଓ ସଚେତନତା ମଧ ରେଳବାଇ ସୁରକ୍ଷା ବଳର ପ୍ରଶଂସନୀୟ କାର୍ଯ୍ୟ ଅଟେ ।

# କେନ୍ଦୁଝର ଜିଲ୍ଲାରେ ଅଭାବନୀୟ ଘଟଣା : ଭାଉଜ ପ୍ରେମ ପାଇଁ ଜୀବନ ଗଲା ଦିଅରର

କେନ୍ଦୁଝର,୧୫।୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ରେ ଦେକିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ଯେଉଁଥିରେ ଭାଉଜ ପ୍ରେମ ପାଇଁ ଦିଅର ର ଜୀବନ ଯାଇଛି । ଏପରି ଘଟଣା ଦେଖିବା କୁ ମିଳିଛି କେନ୍ଦୁଝର ଜିଲ୍ଲାର ନୟାକୋଟ ଥାନା ଅନ୍ତର୍ଗତ ଫୁଲଝର ଗାଁ ରେ । ପୋଲିସ ଦେଇଥିବା ସୂଚନା ଅନୁସାରେ ଗତକାଲି ମଙ୍ଗଳବାର ରାତି ପ୍ରାୟ ଆଠଟା ସମୟରେ ଫୁଲଝର ଗାଁ ର ଗଣେଶ୍ୱର ଖୁଟିଆ ପ୍ରଚୁର ମଦ ପିଇ ସେହି ଗାଁ ରେ ରହୁଥିବା ତାର ବଡ ଭାଇ ଦୁଃଶାସନ ଘରେ ନଥିବା ସମୟରେ ତାଙ୍କ ଘରକୁ ଯାଇ ଭାଉଜ ସହ ଅନୈତିକ ସଂମ୍ପର୍କ ରଖିଥିଲା । ସେହି ସମୟରେ ତାର ପୁତୁରା ଦେବାଶିଷ ହାବୁଡରେ ସେ ପଡିଯାଇଥିଲା । ଫଳରେ ପୁତୁରା ଦେବାଶିଷ ଏହି ଘଟଣାରେ ଉତକ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ କକା ଗଣେଶ୍ୱରକୁ ଆକ୍ରମଣ କରି ଅତି ବିଭତ୍ସ ଭାବରେ ହତ୍ୟା କରିଥିଲା । ନୟାକୋର୍ଟ ପାଲିସ ଖବର ପାଇ ରାତା ରାତି ଘଟଣାସ୍ଥଳରେ ପହଂଚି ଥିଲା । ଏବଂ ମୃତଦେହକୁ ଜବତ କରିବା ସହ ମା ଓ ପୁଅ କୁ ଅଟକ ରଖି ହତ୍ୟାକାଣ୍ଡ ର କାରଣ ଖୋଜିବା ଆରମ୍ଭ କରିଛି । ଆଜି ବୁଧବାର ପୋଲିସ ର ସାଇନ୍ଟିଫିକ ଟିମ ଘଟଣା ସ୍ଥଳ ରେ ପହଂଚି ତଦନ୍ତ ଆରମ୍ଭ କରିଛି । ଏଠାରେ ସୂଚନା ଯୋଗ୍ୟ ଯେ ଗାଁ ଲୋକ ଙ୍କର କହିବା ଅନୁସାରେ ଗଣେଶ୍ୱର ପୂର୍ବରୁ ପ୍ରାୟ ସବୁବେଳେ ମଦ୍ୟ ପାନ କରି ଗାଁ ରେ ସମସ୍ତଙ୍କ ସହ ଝଗଡା ଝାଟି କରିବା ସହ ଅସମାଜିକ କାର୍ଯ୍ୟରେ ଲିପ୍ତ ଥାଏ । ଏପରିକି ସେ ମଦ୍ୟ ପାନ କରିବା ପରେ ନିଜ ସ୍ତ୍ରୀ କୁ ସବୁ ବେଳେ ପିଟା ମରା କରିଥାଏ । ଯେଉଁଥିପାଇଁ ତାର ସ୍ତ୍ରୀ ମଧ୍ୟ ତାକୁ ଛାଡି ପଳାଇଯାଇଛି । ସ୍ତ୍ରୀ ଚାଲିଯିବା ପରେ ପରେ ଗଣେଶ୍ୱର ପୁଣି ଆଉଥରେ ଦ୍ୱିତୀୟ ବିବାହ କରିଥିଲା । ହେଲେ ଦ୍ୱିତୀୟ ସ୍ତ୍ରୀ କୁ ମଧ ସେହିପରି ମଦ୍ୟପାନ କରି ନିର୍ଯ୍ୟାତନା ଦେବାରୁ ସେ ମଧ୍ୟ ତାକୁ ଛାଡି ଚାଲିଯାଇଛି । ପୋଲିସ ପ୍ରାଥମିକ ତଦନ୍ତ ରୁ ଯାହା ଜଣା ପଡିଛି ଗଣେଶ୍ୱରର ଦ୍ୱିତୀୟ ସ୍ତ୍ରୀ ତାକୁ କୁ ଛାଡି ଚାଲିଯିବା ପରେ , ଭାଉଜ ସହ କୁଆଡେ ତାର ଅନୈତିକ ସଂମ୍ପର୍କ ଗଢି ଉଠିଥିଲା । ଏପରିକି କିଛି ମାସ ପୂର୍ବରୁ ସେ ତାର ଭାଉଜ ଲକ୍ଷମୀପ୍ରୀୟା କୁ କିଛି ଦିନ ପାଇ ନେଇ ପଳାଇ ଯାଇଥିଲା । ଏହା ପରେ ତାର ବଡଭାଇ ଦୁଃଶାସନ ଓ ତାଙ୍କ ପରିବାର ଘରୁ ବାହାରି ଯାଇ ତାର ସାନ ଭାଇ ଠାରୁ ଭିନ୍ନ ହୋଇ ସେହି ଗାଁ ରେ ଅଲଗା ରହୁଥିଲେ । ଗତକାଲି ବଡ ଭାଇ ଦୁଃଶାସନ ଘରେ ନଥିବା ସମୟରେ ଏହାର ସୁଯୋଗ ନେଇ ଗଣେଶ୍ୱର ଭାଇ ଘରକୁ ଯାଇ ଭାଉଜ ସହ ସମ୍ପର୍କ ରଖିବା ସମୟରେ ପୁତୁରା ହାବୁଡରେ ପଡିଯାଇଥିଲା । ଅଧିକ ତଦନ୍ତ ପରେ ଯାଇ ସଂପୂର୍ଣ୍ଣ ତଥ୍ୟ ମିଳିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ଫେଷ୍ଟିଭ ସିଜିନରେ ଷ୍ଟାଇଲିଶ ଲୁକ୍

**ଯଦି ଆପଣ ଏହି ଫେଷ୍ଟିଭ ସିଜିନରେ ଏଥନିକ ଡ୍ରେସେସ ପାଇଁ ସୁନ୍ଦର ଲେହେଙ୍ଗା ଡିଜାଇନର ଇମ୍ପ୍ରେସନ ହେବାକୁ ଚାହୁଁଛନ୍ତି ତେବେ ଇଶା ଅମ୍ବାନୀଙ୍କ ଠାରୁ ବିଭିନ୍ନ ଡ୍ରେସ ଡିଜାଇନକୁ ଫଲୋ କରିପାରନ୍ତି । ଏମିତି ତ ସେ ୱେଷ୍ଟର୍ଣ୍ଣ ଡ୍ରେସରେ ସବୁବେଳେ ନଜର ଆସନ୍ତି । କିନ୍ତୁ ପାରମ୍ପରିକ ଡ୍ରେସ ପ୍ରତି ତାଙ୍କର ବିଶେଷ ରୁଚି ରହିଛି ।**



**ପେଷ୍ଟଲ କଲର :** ଅଧିକ ଚମକ ଥିବା ରଙ୍ଗକୁ ଯଦି ଆପଣ ପସନ୍ଦ କରୁ ନଥିବେ ତେବେ ଏହି ଫେଷ୍ଟିଭ ସିଜିନରେ ଆପଣ ପେଷ୍ଟଲ ରଙ୍ଗର ଲେହେଙ୍ଗା କିଣିପାରିବେ । ଇଶା ଅମ୍ବାନୀଙ୍କର ଏହି ଲେହେଙ୍ଗାରେ ସିଲଭର ରଙ୍ଗର ହେଭି ଏମ୍ବ୍ରେଏଡୋରୀ ଅଛି । ଏହା ସହିତ ମ୍ୟାଚିଂ ବ୍ଲାଉଜ ଓ ପିୟର ଓଢ଼ଣି ତିଆରି କରିପାରିବେ । ଯଦି ପ୍ରତ୍ୟେକ ଦିନ କାଜୁଆଲ ଡେସେସ ପିନ୍ଧିବା ପସନ୍ଦ କରୁଥାନ୍ତି ତେବେ ପର୍ବପର୍ବାଣିରେ ଏହି ପ୍ରକାରର ଡେସରେ ପୂରା ମଜା ନେଇପାରିବେ ।

**ଲାଇଟ୍ ପିଙ୍କ :** ଯଦି ପିଙ୍କ କଲରକୁ ଆପଣ ପସନ୍ଦ କରୁଥିବେ ତେବେ ଓଭରଅଲ ଏମ୍ବ୍ରୋଏଡୋରୀର ଲେହେଙ୍ଗା ଆପରଙ୍କ ଉପରେ ବହୁତ ସୁନ୍ଦର ଦେଖାଯିବ । ତେବେ ପିଙ୍କ ଓ ହ୍ୱାଇଟ କଲରରେ ସୂକ୍ଷ୍ମ ଏମ୍ବ୍ରୋଏଡୋରୀ ଓ ଏହା ସହିତ ଜ୍ୱେଲରୀ ଆପଣଙ୍କୁ ରୟାଲ ଲୁକ୍ ଦେବ । ଘରେ ହେଉଥିବା ପୂଜାରେ ଏହି ଲୁକ୍ ବେଶ ସୁନ୍ଦର ଲାଗିବ ।

**ବ୍ଲାକଶାଢ଼ି :** ଫେଷ୍ଟିଭ ସିଜିନରେ ଭିନ୍ନ ଲୁକ ଦେବାକୁ ଚାହୁଁଥିଲେ । ବ୍ଲାକ ରଙ୍ଗର ଶାଢ଼ିକୁ ଅଲଗା ପ୍ରକାରର ଡେପିଙ୍ଗ ସହିତ ପିନ୍ଧିପାରିବେ । ଏହି ଶାଢ଼ିର ବର୍ଡ଼ରରେ ଗୋଲଡେନ ଓ ସିଲଭରର କଲରର ଡିଜାଇନ ଓ ମ୍ୟାଚିଂ ବ୍ଲାଉଜଟ ଏଥନିଜ ଓ ମଡର୍ଣ୍ଣ ଡ୍ରେସେସର ସୁନପ୍ଦର କମ୍ବିନେସନ । ଏହି ପ୍ରକାରର କ୍ଲାସିକ ଡ୍ରେସ ସହିତ ହାଲୁକା ଜ୍ୱେଲରୀ ଓ ଲାଇଟ ମେକ ଅପ ସୁନ୍ଦର ଲାଗିବ ।

**ଲାଇଟ ବ୍ରାଉନର ଲେହେଙ୍ଗା :** ଯଦି ଆପଣ ରେଡ, ଗ୍ରୀନ ଓ ବ୍ଲୁ ପରି ରଙ୍ଗକୁ ଛାଡ଼ି ଏହି ଫେଷ୍ଟିଭ ସିଜିନରେ କିଛି ନୂଆ ଟ୍ରାଏ କରିବାକୁ ଚାହୁଁଛନ୍ତି ତେବେ ଲାଇଟ ବ୍ରାଉନ କଲରବାଲା ଲେହେଙ୍ଗା ମଧ ସୁନ୍ଦର ଲୁକ୍ ଦେବ । ଏହି ପ୍ରକାରର ଲେହେଙ୍ଗାରେ ଆପଣ ନିଜ ପସନ୍ଦ ମୁତାବକ ଲାଇଟ ବା ହେଭି ଏମ୍ବ୍ରୋଏଡୋରୀ ପସନ୍ଦ କରିପାରିବେ ।

**ଲାଇଟ୍ ଏଥେନିକ ଡ୍ରେସ :** ଏହି ଫେଷ୍ଟିଭ ସିଜନରେ ଲାଇଟ କଲରର ଏମ୍ୱୋଏଡୋରୀର ଡ୍ରେସ ଆପଣ ପସନ୍ଦ କରିପାରିବେ । ଲାଇଟ କଲର ଦ୍ୱାରା ଆପଣ ହାଲୁକା ଅନୁଭବ କରିବେ । ଡ୍ରେସ ସହିତ କାନରେ ଓ ଗଳାରେ ହେଭି ଜ୍ୱେଲରୀ ପିନ୍ଧିଲେ ଆପଣଙ୍କୁ କଣ୍ଟ୍ରାଷ୍ଟ ଲୁକ୍ ଦେବ ।

**ଗୋଲଡେନ ଓ ବ୍ଲାକର କମ୍ବିନେସନ :** ଯଦି ଆପଣ ଏହି ସିଜନରେ ଆକର୍ଷଣୀୟ ଲୁକ ଦେବା ପାଇଁ ଚାହୁଁଛନ୍ତି, ତେବେ ଗୋଲଡେନ ଓ ବ୍ଲାକ କଲରର କମ୍ବିନେସନର ଲେହେଙ୍ଗା ଆପଣ ପସନ୍ଦ କରିପାରିବେ । ଏହି ଲେହେଙ୍ଗା ସହିତ ଏମ୍ବ୍ରୋଏଡେରୀର ବ୍ଲାଉଜ ଓ ଶିୟର ଦୁପଟ୍ଟା ଡ୍ରେସର ସୌନ୍ଦର୍ଯ୍ୟକୁ ଅଧିକ ବୃଦ୍ଧି କରିବା ।

# ପତ୍ରରେ ଅନନ୍ୟ କଳାକୃତି

ଗଜ, ତୂଳୀ, ରଙ୍ଗ ମାଧମରେ ଲୋକମାନେ ଚିତ୍ରକଳା ପ୍ରସ୍ତୁତ କରିବା ଆପଣମାନେ ଦେଖୁଥିବେ । ହେଲେ ଜାପାନର ଜଣେ ବ୍ୟକ୍ତି ବିଭିନ୍ନ ଗଛର ପତ୍ରରେ ଏଭଳି ଅନନ୍ୟ କଳାକୃତି ପସ୍ତୁତ କରିଛନ୍ତି ଯାହାକୁ ଦେଖିଲେ ଆଖି ଫେରାଇ ହେବନାହିଁ । ଲିଟୋପଲିଫ୍ ଆର୍ଟ ନାମକ ଏକ ଏକାଉଣ୍ଟରୁ ସେହି କଳାକୃତିର ଫଟାସବୁ ଇନ୍ଷ୍ଟାଗ୍ରାମ୍‌ରେ ଅପଲୋଡ୍ ହୋଇଛି । ସେଥିରେ ବ୍ୟକ୍ତିଜଣକ ପ୍ରକୃତିର ବିବିଧତା ସହ ବିଭିନ୍ନ ମାନବୀୟ ଆବେଗକୁ ଫୁଟାଇବାକୁ ପ୍ରୟାସ କରିଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କର ପ୍ରତ୍ୟେକ କଳାକୃତି ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ । ସବୁଗୁଡ଼ିକ ଗୋଟିଏ ଗୋଟିଏ କାହାଣୀକୁ ବର୍ଣ୍ଣନା କରୁଛି । ସେହି ଚିତ୍ରକରଜଣକ ଏଡିଏଚ୍‌ଡି (ଆଟେନସନ୍ ଡେଫିସିଟ୍ ହାଇପରଆକ୍ଟିଭିଟି ଡିଜଅର୍ଡର) ନାମକ ଏକ ପ୍ରକାର ମାନସିକ ସମସ୍ୟା ଦ୍ୱାରା ପ୍ରଭାବିତ । ସେଥିରେ ପ୍ରଭାବିତ ଲୋକମାନେ କୌଣସି କଥା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବାରେ ସମସ୍ୟାର ସାମ୍ନା କରିଥାନ୍ତି । ସେହି ସମସ୍ୟାରୁ ରକ୍ଷା ପାଇବା ଲାଗି ପ୍ରଥମେ ସେ ଖବରକାଗଜ ସାହାଯ୍ୟରେ ଏଭଳି କଳାକୃତି ପ୍ରସ୍ତୁତ କରୁଥିଲେ । ପରେ କିନ୍ତୁ ଜଣେ ସ୍ପାନିଶ୍ କଳାକାରଙ୍କୁ ଦେଖି ପତ୍ରରେ ଚିତ୍ରକଳା ପ୍ରସ୍ତୁତ କରିବା ଆରମ୍ଭ କଲେ ।







# ମାଟି ତଳର ରହସ୍ୟମୟ ସହର

ଋଷର ରାଜଧାନୀ ମସ୍କୋର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ରାମେନ୍‌କି ସହର । ଏହି ସହରର ନିର୍ଦ୍ଦିଷ୍ଟ ଏକ ଅଞ୍ଚଳର ମାଟି ତଳେ ଲୁଆଡ଼େ ରହିଛି ଆଉ ଏକ ସହରର ଅସ୍ତିତ୍ୱ । ସରକାରୀ ଭାବେ ଏହି ସହରର ଅସ୍ତିତ୍ୱ ବିଷୟରେ କେବେ ବି ସ୍ୱୀକାର କରାଯାଏ ନାହିଁ । କିନ୍ତୁ ରହସ୍ୟମୟ ଏହି ସହରକୁ ମସ୍କୋର ସବୁଠାରୁ ବଡ଼ ବଙ୍କର ସିଟି କୁହାଯାଏ । ଭୂପୃଷ୍ଠରୁ ଏହି ରହସ୍ୟମୟ ସହରର ଗଭୀରତା ୧୮୦ ରୁ ୨୦୦ ମିଟର । ମାଟି ତଳେ ମଣିଷ ରହିବା ପାଇଁ ଯେଉଁ ସବୁ ସୁବିଧା ସୁଯୋଗ ରହିଛି ତାହା କଳ୍ପନା ବର୍ହିଭୂତ । ଅର୍ଥାତ ସବୁ ପ୍ରକାର ଆଧୁନିକ ବ୍ୟବସ୍ଥା ଏହି ଭୂଗର୍ଭସ୍ଥ ସହରରେ ଉପଲବ୍ଧ । ମନେ କରାଯାଏ ଏହି ଅଭ୍ୟନ୍ତର ସହରରେ ୧୫ ହଜାର ଲୋକଙ୍କ ପାଇଁ ବସବାସର ସୁବିଧା କରାଯାଇଛି । ମସ୍କୋର ମେଟ୍ରୋ ଯେମିତି ସାରା ସହରକୁ ପ୍ରସାରିତ ହୋଇଛି ଠିକ୍ ସେମିତି ମାଟି ତଳେ ଏହି ସହର ଭୂଲମ୍ବ ଭାବେ ପ୍ରସାରିତ । ଯାହାକି ବେଶ୍ ଆକର୍ଷଣୀୟ ।

# ଟ୍ରେଣ୍ଡି ବ୍ୟାଗ୍



ଯୁଗ ଅନୁସାରେ ପରିବର୍ତ୍ତନ ମାତ୍ରେ ଯୁବତୀଙ୍କର ବ୍ୟାଗଟିଏ ନେବା। ଡିଜାଜଇନର ସ୍ଲିଙ୍ଗ୍ ବେଲକୁ ପ୍ରଥମେ ହୋଇଥିଲା ଓ ମହିଳାଙ୍କର ପ୍ରାୟ ଏବେ ବିକ୍ରି ହେଉଛି। ଗ୍ରାହକ ଏହି ବ୍ୟାଗ୍ ମହିଳା ଓ ଯୁବତୀଙ୍କ ଷ୍ଟାଇଲ୍ ଷ୍ଟେଟମେଂଟ ମଧ୍ୟ ହେବାରେ ଲାଗିଛି। ଘରୁ ବାହାରକୁ ଗୋଡ଼ କାଢ଼ିବା ମୁଖ୍ୟ ଆବଶ୍ୟକତା ହେଲା ସାଥିରେ ସୁନ୍ଦର ହ୍ୟାଣ୍ଡ ଏବେ ସେଇ ହ୍ୟାଣ୍ଡ ବ୍ୟାଗର ସ୍ଥାନକୁ ନେଇଛି ବ୍ୟାଗ। ଫେସନ ଡିଜାଇନରଙ୍କ ମତରେ, ୧୯୯୦ ଇଟାଲୀରେ ଏହି ସ୍ଲିଙ୍ଗ ବ୍ୟାଗ୍‌ର ବ୍ୟବହାର ଆରମ୍ଭ ପରେ ସମଗ୍ର ବିଶ୍ୱରେ ଏହି ବ୍ୟାଗ୍ ଯୁବତୀ ତଥା ପ୍ରିୟ ହୋଇପାରିଥିଲା।
ବଜାରରେ ଭଳିକିଭଳି ଡିଜାଇନରେ ସ୍ଲିଙ୍ଗ ବ୍ୟାଗ୍ ଅନ୍-ଲାଇନରେ ମଧ୍ୟ ବେଶ୍ ଭଲ ଦରରେ ଜଣେ କିଣିପାରିବ। ବିଭିନ୍ନ ପ୍ରକାରର ସ୍ଲିଙ୍ଗ ବ୍ୟାଗ୍ ମଧ୍ୟରୁ କ୍ରସ୍ ବଡ଼ି ସ୍ଲିଙ୍ଗ୍ ବ୍ୟାଗ, ମେସେଂଜର ସ୍ଲିଙ୍ଗ ବ୍ୟାଗ୍, ୱାଲେଟ ସ୍ଲିଙ୍ଗ୍ ବ୍ୟାଗ, ମୋନା ସ୍ଲିଙ୍ଗ ସୋଲ୍ଡର ବ୍ୟାଗ୍ ବଜାରରେ ଅଧିକ ବ୍ରିକ୍ରି ହୋଇଥାଏ।

- ଏସବୁର ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ନିଜ ପୋଷାକକୁ ମ୍ୟାଚିଂ କରି ନଚେତ୍ କେଉଁ ସାଇଜର ବ୍ୟାଗ୍ ଆପଣ ଚାହୁଁଛନ୍ତି, ତାହାକୁ ଭଲଭାବେ ତଦାରଖ କରି କିଣନ୍ତୁ।
- ଲେଦର ସ୍ଲିଙ୍ଗ ବ୍ୟାଗର ଚାହିଦା ଅଧିକ ହୋଇଥିବାବେଳେ ଏହା ମହଙ୍ଗା। ଏହି ବ୍ୟାଗ୍ ରକ୍ଷଣାବେକ୍ଷଣ ମଧ୍ୟ ସତର୍କତାର ସହ କରିବାକୁ ପଡ଼େ।
- ହ୍ୟାଣ୍ଡ ବ୍ୟାଗ୍ ପରିବର୍ତ୍ତେ ସ୍ଲିଙ୍ଗ ବ୍ୟାଗ୍ ତାହାର ଛୋଟ ଆକାର ପାଇଁ ଅଧିକ ଲୋକପ୍ରିୟ। ହ୍ୟାଣ୍ଡ ବ୍ୟାଗ୍ ଧରିବାକୁ ଅସହଜ ହୋଇଥିବାବେଳେ ସ୍ଲିଙ୍ଗ୍ ବ୍ୟାଗକୁ କାନ୍ଧରେ ପକାଇ ଯାତ୍ରା କରିହେବ।

ପ୍ରସବ ପରେ ମହିଳାମାନେ ନିଜ କୁନି ପିଲାଙ୍କ ଦରକାରୀ ଜିନିଷକୁ ମଧ୍ୟ ଏଇ ସ୍ଲିଙ୍ଗ ବ୍ୟାଗରେ ଭର୍ତ୍ତି କରି ଯେ କୌଣସି ସ୍ଥାନକୁ ସହଜରେ ଯାତ୍ରା କରିପାରିବେ।

- ଶାଢ଼ି, ଜିନ୍ସ, ସାଲୱାର, ପାଲାଜୋ, ଲେହଙ୍ଗା ସବୁ ପ୍ରକାର ପରିଧାନ ସହ ଏଇ ବ୍ୟାଗ ଭଲଭାବେ ମ୍ୟାଚିଂ କରିଥାଏ।

# ଅକାଳରେ କେଶ ଧଳା ହେବା ପଛର କାରଣ

**ଏବେ ବିଦ୍ୟାଳୟ ଯାଉଥିବା ୧୪-୧୫ ବର୍ଷ ବୟସର ପିଲାଙ୍କର ମଧ୍ କେଶ ଧଳା ଅକାଳରେ ହେଉଛି । ବିଶେଷଜ୍ଞଙ୍କ ମତରେ, ଏହା ପଛରେ ବିଭିନ୍ନ କାରଣମାନ, ରହିଛି ।**



- ପ୍ରଥମ କଥା ହେଲା, ପ୍ରଦୂଷଣର ସ୍ତର ଦିନକୁଦିନ ବଢ଼ିବାରେ ଲାଗିଛି । ଖାଦ୍ୟପାନୀୟ ବାବଦରେ ଯେତେ ସତର୍କ ହେଲେ ମଧ ପ୍ରଦୂଷଣର କୁପ୍ରଭାବରୁ ଆମେ ବଞ୍ଚିପାରୁନାହିଁ । ଗାଡ଼ି ମଟର ଧୂଆଁ ସହ ଅପମିଶ୍ରିତ ଖାଦ୍ୟପାନୀୟ କାରଣରୁ ମଧ ଅକାଳରେ କେଶ ପାଚିଥାଏ ବୋଲି ପରୀକ୍ଷାରୁ ଜଣାପଡ଼ିଛି ।
- ଯୁବପିଢ଼ିଙ୍କର କେଶ ପାଚିବା ପଛର କାରଣ ହେଲା ସେମାନଙ୍କ ମାନସିକ ଚିନ୍ତା । କାମର ଚାପ ସହ ପରିବାରର ଦାୟିତ୍ୱ ବଢ଼ିଲେ ମଧ କେଶ ଉପରେ ପ୍ରଥମେ ପ୍ରଭାବ ପଡ଼େ । କେଶ ଦୁର୍ବଳ ହେବା ସହ ଝଡ଼ିଥାଏ ମଧ ।
- ପର୍ଯ୍ୟାପ୍ତ ପରିମାଣରେ ନିଦ ନ ହେବା ଅନ୍ୟତମ ମୁଖ୍ୟ କାରଣ ବୋଲି ବିଶେଷଜ୍ଞ କହିଛନ୍ତି ଏହା କାରଣରୁ କେଶ ପାଚିବା ସହ ଖୁବ ମାତ୍ରାରେ ଝଡ଼ିଥାଏ । ସକାଳ ଜଳଖିଆ ନକରିବା, ପନିପରିବା ଇତ୍ୟାଦି ନ ଖାଇବା କାରଣରୁ କେଶ ଉପରେ ଏସବୁର କୁପ୍ରଭାବ ପଡ଼ିଥାଏ ।
- ପ୍ରତ୍ୟହ ଦୁଗ୍ଧଜାତ ଦ୍ରବ୍ୟ ଖାଇବା ସହ ଆବଶ୍ୟକ ପରିମାଣରେ ପାଣି ପିଅନ୍ତୁ । ପାଣି ପିଇଲେ ତାହା କେଶ ପାଇଁ ଉତ୍ତମ ପ୍ରାକୃତିକ ମଏଶ୍ଚରାଇଜର ଭାବେ କାମ କରେ । ଏସବୁ ସହ ଅଁଳା ଫଳ ନଚେତ ରସକୁ ନିଜ ଡାଏଟରେ ସାମିଲ କରନ୍ତୁ ।
- ପ୍ରତ୍ୟହ ନିଜ କେଶରେ ତେଲ ମାଲିସ କରିବା ସହ ସପ୍ତାହକୁ ଥରୁଟିଏ କେଶକୁ ବାମ୍ଫ ଦେବା ଉଚିତ ।
- ପେସ୍ତାବାଦା, କାଜୁ ଇତ୍ୟାଦି ଡ୍ରାଏଫ୍ରୁଟସ ଖାଇଲେ ମଧ ଅକାଳପକ୍ୱତାରୁ ରକ୍ଷା ମିଳେ ।





# ମହିଳା ସେ 'ରେଡ୍ ଲେଡି'

ୟୁରୋପର ବୋସନିଆସ୍ଥିତ ଛୋଟ ସହର ବ୍ରିଜ୍ ବାସିନ୍ଦା ଜୋରିକା ରିବରନିକ୍‌ଙ୍କ ବୋସନିଆବାସୀ 'ରେଡ୍ ଲେଡି' ନାମରେ ଜାଣନ୍ତି । କାରଣ ଜୋରିକାଙ୍କ ଘରର ରଙ୍ଗ ନାଲି । ସେତିକି ନୁହେଁ, ଘର ଭିତରେ ଥିବା ସମସ୍ତ ଆସବାବପତ୍ର ମଧ ନାଲି ରଙ୍ଗର । ଏପରିକି ସେ ନାଲି ରଙ୍ଗର ପ୍ଲେଟ୍‌ରେ ଖାଦ୍ୟ ଖାଇବା ସହିତ ନାଲି ରଙ୍ଗର ଗ୍ଲାସ୍ ?ରେ ପାଣି ପିଅନ୍ତି । ୬୭ ବର୍ଷୀୟା ଜୋରିକାଙ୍କୁ ଯେତେବେଳେ ୧୮ ବର୍ଷ ବୟସ ହୋଇଥିଲା, ସେବେଠାରୁ ସେ ନାଲି ରଙ୍ଗର ପୋଷାକ ପିନ୍ଧିବା ଆରମ୍ଭ କରିଥିଲେ । ଏହାର କାରଣ ସେ ନିଜେ ବି ଜାଣିନାହାନ୍ତି । ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୪୦ ଦଶକ ଧରି ସେ ନାଲି ରଙ୍ଗର ପୋଷାକ ପିନ୍ଧିବା ସହିତ କେଶକୁ ନିଜ ପ୍ରିୟ ରଙ୍ଗରେ ରଙ୍ଗେଇଛନ୍ତି । ସେ ନିଜ ବିବାହରେ ନାଲି ରଙ୍ଗର ଗାଉନ୍ ପିନ୍ଧିଥିଲେ । କୌଣସି ବ୍ୟକ୍ତି ବିଶେଷଙ୍କ ଅନ୍ତିମ ସଂସ୍କାରରେ ମଧ ନାଲି ରଙ୍ଗର ପୋଷାକ ପିନ୍ଧିଥାନ୍ତି । ଜୋରିକା ଜଣେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ । ଜୋରିକା ଜଣେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ । ତାଙ୍କର ଏଭଳି ସଉକ ପାଇଁ ଏବେ ସେ ସମଗ୍ର ୟୁରୋପରେ ପରିଚିତ ।



# ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ କମିଲେ ପିଲାଙ୍କ ସ୍ମରଣ ଶକ୍ତି ବଢ଼ିବ

ବାୟୁମଣ୍ଡଳରେ ୨୦ ପ୍ରତିଶତ ପ୍ରଦୂଷଣ ହ୍ରାସ ହେବା ଦ୍ୱାରା ସ୍କୁଲ ପିଲାଙ୍କ ମେଧାଶକ୍ତି ସ୍ତରରେ ବୃଦ୍ଧି ହୋଇପାରେ । ସେମାନେ ଏ କ୍ଷେତ୍ରରେ ଏକ ମାସ ଆଗୁଆ ରହନ୍ତି ବୋଲି ଏକ ଅଧ୍ୟୟନ ସ୍ପଷ୍ଟ କରିଛି । ସ୍କୁଲ ପରିସର ବାହାରେ ଯଦି ପ୍ରଦୂଷଣ ସ୍ତର ହ୍ରାସ ପାଏ, ତେବେ ବିଦ୍ୟାର୍ଥୀଙ୍କ ସ୍ମରଣ ଶକ୍ତିରେ ଆମେ ବୃଦ୍ଧି ଦେଖିପାରିବା ବୋଲି ବିଶେଷଜ୍ଞମାନେ କହିଛନ୍ତି । ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟର ଦ୍ୱାରା ପ୍ରଦୂଷଣ, ମୁଖ୍ୟତଃ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ମାତ୍ରା ଏକ ପଞ୍ଚମାଂଶ ହ୍ରାସ ପାଏ, ତେବେ ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ମରଣ ଶକ୍ତି ୬.୧ ପ୍ରତିଶତ ବୃଦ୍ଧି ହୋଇପାରିବ । ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଉପରେ ଗବେଷକମାନେ ଅଧ୍ୟୟନ କରିଥିଲେ, ଯାହା ମୁଖ୍ୟତଃ ଉଦ୍ୟୋଗ କିମ୍ବା ଟ୍ରାଫିକ୍ ଧୂଆଁରୁ ନିର୍ଗତ ହୋଇଥାଏ । ୟୁନିଭର୍ସିଟି ଅଫ୍ ମାଞ୍ଚେଷ୍ଟର୍‌ର ପରିବେଶ ସ୍ୱାସ୍ଥ୍ୟ



ବିଶେଷଜ୍ଞ ପ୍ରଫେସର ମାର୍ଟି ଭାନ୍ ଟଙ୍ଗରନ୍ ଏହି ଅଧ୍ୟୟନ ବିଷୟରେ କହିଛନ୍ତି, ପିଲାଙ୍କ ଧୀ ଶକ୍ତି ବିକାଶ ଉପରେ ପ୍ରଦୂଷଣ ପ୍ରଭାବ ପକାଏ ବୋଲି ପର୍ଯ୍ୟାପ୍ତ ପ୍ରମାଣ ରହିଛି । ଏହା ସେମାନଙ୍କ ଶିକ୍ଷଣ ଉପରେ ପ୍ରତିକୂଳ ପ୍ରଭାବ ମଧ ପକାଇପାରେ । ଏହି ଆପାତକାଳ ଚ୍ୟାଲେଞ୍ଜର ନିୟନ୍ତ୍ରଣ ଲାଗି ମନ୍ତ୍ରୀଙ୍କ ଦ୍ୱାରା ତୁରନ୍ତ ନୀତି ନିର୍ଦ୍ଧାରଣ କରିବା ଜରୁରୀ ବୋଲି ସେ କହିଛନ୍ତି । ଶିଶୁର ମସ୍ତିଷ୍କ ବିକାଶ ପ୍ରଦୂଷଣ ଯୋଗୁ ପ୍ରଭାବିତ ହୋଇପାରେ । ସ୍କୁଲ ପିଲାଙ୍କ ଦକ୍ଷତାକୁ ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ପରୀକ୍ଷା କରିନଥିଲେ । କିନ୍ତୁ ସ୍ପେନ୍‌ର ପିଲାଙ୍କ ଉପରେ କରାଯାଇଥିବା ଏକ ପୂର୍ବ ଅଧ୍ୟୟନ ଉପରେ ଗବେଷଣାଟି ଆଧାରିତ । ପିଲାମାନେ ସେମାନଙ୍କ ସ୍କୁଲ ବାହାରେ ମାତ୍ରାଧିକ ସ୍ତରର ପ୍ରଦୂଷଣ ସାମ୍ନା କରିଥିଲେ । ସ୍ପେନ୍‌ରା ଏହି ଅଧ୍ୟୟନରୁ ସ୍ପଷ୍ଟ ହୋଇଥିଲା ଯେ ସ୍କୁଲ ଆଖପାଖ ଅଞ୍ଚଳରେ ପ୍ରଦୂଷଣ ସ୍ତର ଯଦି ୨୦ ପ୍ରତିଶତ ହ୍ରାସ ପାଏ, ତେବେ ପିଲାଙ୍କ ସ୍ମରଣ ଶକ୍ତି ବୃଦ୍ଧି ପାଏ ଏବଂ ୪ ସପ୍ତାହ ପର୍ଯ୍ୟନ୍ତ ଏହା ଦ୍ରୁତ ହୋଇପାରେ । ପରିବେଶ ପ୍ରଦୂଷଣ ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଚିନ୍ତାର କାରଣ ହୋଇଛି । ଏହା ପିଲାଙ୍କ ଧୀ ଶକ୍ତି ହ୍ରାସ ସହିତ ଅନ୍ୟ ବ୍ୟବହାରିକ ସମସ୍ୟାର କାରଣ ବୋଲି ଅନେକ ଅଧ୍ୟୟନରୁ ପ୍ରମାଣ ମିଳିଛି । ଏପରିକି ଗର୍ଭବତୀ ମହିଳା ପ୍ରଦୂଷଣ ସଂସ୍ପର୍ଶରେ ଆସିବା ଆସିବା ଦ୍ୱାରା ଶିଶୁ ଉପରେ ଏହାର ଜୀବନବ୍ୟାପୀ ପ୍ରଭାବ ରହିପାରେ ବୋଲି ମଧ ଅଧ୍ୟୟନରୁ ସ୍ପଷ୍ଟ ହୋଇଛି ।

# ଜାଣନ୍ତୁ କିଛି ପରମ୍ପରାର ଧାର୍ମିକ ଓ ବୈଜ୍ଞାନିକ ମହତ୍ୱ

**ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିବା-**
ହିନ୍ଦୁ ଶାସ୍ତ୍ର ଅନୁଯାୟୀ ନିୟମିତ ସୂର୍ଯ୍ୟଦେବଙ୍କୁ ଜଳ ଅର୍ପଣ କଲେ ପରିବାରରେ ସୁଖଶାନ୍ତିର ବାତାବରଣ ରହିବା ସହ ସମାଜରେ ମାନସମ୍ମାନ ପ୍ରାପ୍ତି ହୋଇଥାଏ । ଏହାସହ ଏହାର ବୈଜ୍ଞାନିକ କାରଣ ହେଉଛି, ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରିବା ସମୟରେ ଜଳ ମଧ ଦେଇ ସୂର୍ଯ୍ୟଙ୍କ ରଶ୍ମୀ ଯେଉଁ ସମୟରେ ଆମ ଚକ୍ଷୁ ଉପରେ ପଡ଼େ ଏହା ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

**ଚରଣ ସ୍ପର୍ଶ କରି ପ୍ରଣାମ କରିବା-**
ଗୁରୁଜନଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରିବା ଦ୍ୱାରା ଭଗବାନ, ଗୁରୁଜନଙ୍କ ଆଶୀର୍ବାଦ ମିଳିବା ସହ ଜୀବନର ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ ।

**ଦୁଇ ହସ୍ତ ଯୋଡ଼ି ପ୍ରଣାମ କରନ୍ତୁ-**
ଭାରତୀୟ ପରମ୍ପରା ଅନୁଯାୟୀ ଭଗବାନ ଓ ଗୁରୁଜନଙ୍କୁ ପ୍ରଣାମ କରିବା ସମୟରେ ଦୁଇ ହସ୍ତର ପାପୁଲିକୁ ଯୋଡ଼ି ନମସ୍କାର ସମୟରେ ଦୁଇ ହସ୍ତର ପାପୁଲିକୁ ଯୋଡ଼ି ନମସ୍କାର କରିବା ଉଚିତ । ଏହାର ବୈଜ୍ଞାନିକ କାରଣ ହେଉଛି, ଯେଉଁ ସମୟରେ ଆମେ ହସ୍ତ ଯୋଡ଼ି ନମସ୍କାର କରୁ ସମସ୍ତ ଆଙ୍ଗୁଠି ପରସ୍ପରକୁ ସ୍ପର୍ଶ କରିଥାଆନ୍ତି । ଏହାର ଉତ୍ତମ ପ୍ରଭାବ ଚକ୍ଷୁ, କାନ ଓ ମସ୍ତିଷ୍କ ଉପରେ ପଡ଼ିଥାଏ ।

**ମଥା ତିଳକ ଲଗାଇବା ପରମ୍ପରା-**
ଭାରତୀୟ ପରମ୍ପରାରେ ମହିଳା ହୁଅନ୍ତୁ ଅଥବା ପୁରୁଷ ମଥାରେ ତିଳକ ନିଶ୍ଚୟ ଲଗାଇଥାଆନ୍ତି । ଧାର୍ମିକ ମାନ୍ୟତା ଅନୁଯାୟୀ, ମଥାରେ ତିଳକ ଲଗାଇଲେ ଭଗବାନଙ୍କ ବିଶେଷ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଆଜ୍ଞା ଚକ୍ରରେ ତିଳକ ଲଗାଇଲେ ଏକାଗ୍ରତା ବୃଦ୍ଧି ପାଇଥାଏ ।





# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ଅକ୍ଟୋବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିର୍ବାଚନ ଢଙ୍ଗା...

ବିହାର ବିଧାନସଭା ନିର୍ବାଚନ ପାଇଁ ଏବେ ରାଜନୀତି ସରଗରମ ହୋଇଉଠୁଛି । ଦେଶକୁ କରୋନା ଆକ୍ରାନ୍ତ କରି ରଖିଥିବାବେଳେ ଏହି ପୃଷ୍ଠଭୂମିରେ ବିହାର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବା ବିଶେଷ ମହତ୍ତ୍ୱ ବହନ କରେ । ଅନ୍ୟ ଯେକୌଣସି ରାଜ୍ୟ ତୁଳନାରେ ବିହାର ନିର୍ବାଚନ ଇତିପୂର୍ବରୁ ରାଜନୈତିକ ଲଢ଼େଇ ସକାଶେ ଏକ ବିରାଟ ମୈଦାନ ଯୋଗାଇ ଆସିଛି । ଏହାର କାରଣ, ବିହାର ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଯେତିକି ଅଧିକ । ସମୟକ୍ରମେ ମେଣ୍ଟ ରାଜନୀତି ଜାତୀୟଠାରୁ ରାଜ୍ୟମାନଙ୍କ ପର୍ଯ୍ୟନ୍ତ ବାସ୍ତବତାରେ ପରିଣତ ହୋଇଥିବାବେଳେ ବିହାରରେ ଏହା ପଛରେ ଜାତି ରାଜନୀତି ସବୁଠାରୁ ସକ୍ରିୟ । ଏପରିକି କେଉଁ ଦଳ କେଉଁ ସମ୍ପ୍ରଦାୟର ଭୋଟକୁ ପ୍ରଭାବିତ କରିବ ତାହା ମଧ ଉଣା ଅଧିକେ ବିନିର୍ଦ୍ଦିଷ୍ଟ । ସର୍ବୋପରି ୨୪୩ ଆସନବିଶିଷ୍ଟ ବିହାର ବିଧାନସଭା ନିର୍ବାଚନ ଦୀର୍ଘ ସାଢ଼ ଚାରି ଦଶନ୍ଧି ପରେ ଲାଲୁ ପ୍ରସାଦ ଯାଦବ ଏବଂ ରାମବିଳାସ ପସ୍ୱାନଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ହେବାକୁ ଯାଉଛି । ଲାଲୁ ଚୋରା ଘୋଟାଲା ମାମଲାରେ ଚାଇଁବସା ଜେଲରେ ଥିବାବେଳେ ରାମବିଳାସ ପସ୍ୱାନଙ୍କ ବିୟୋଗ ବିହାର ରାଜନୀତିରେ ଏକ ଶୂନ୍ୟତା ସୃଷ୍ଟି କରିଛି । ଜୟପ୍ରକାଶ ନାରାୟଣଙ୍କ ସଂପୂର୍ଣ୍ଣ କ୍ରାନ୍ତିରୁ ରାଜନୈତିକ ଜନ୍ମଲାଭ କରିଥିବା ଲାଲୁ, ପସ୍ୱାନ, ନୀତୀଶ କୁମାର ଓ ସୁଶୀଲ ମୋଦି ବିହାରର ଯେକୌଣସି ନିର୍ବାଚନରେ ଭୋଟକୁ ପ୍ରଭାବିତ କରିବାର କ୍ଷମତାଧାରୀ ଭାବେ ବେଶ୍ ସୁପରିଚିତ । ପରବର୍ତ୍ତୀ ସମୟରେ ଜାତିଆଣ ରାଜନୀତିକୁ ଅସ୍ତ୍ର କରି ସେମାନେ ବିଭିନ୍ନ ସମୟରେ କ୍ଷମତାରେ ରହିଆସିଛନ୍ତି ଏବଂ ସମୟାନ୍ତରେ ପକ୍ଷ ବଦଳାଇବା ସେମାନଙ୍କ ରାଜନୀତିର ଅନ୍ୟତମ ବୈଶିଷ୍ଟ୍ୟ । ତେବେ ଲାଲୁଙ୍କ ଅନୁପସ୍ଥିତିରେ ଏବେ ତାଙ୍କ ନେତୃତ୍ୱାଧିନ ରାଷ୍ଟ୍ରୀୟ ଜନତା ଦଳକୁ ସୁପୁତ୍ର ତେଜସ୍ୱୀ ଯାଦବ କେତେଦୂର ସକ୍ଷମ ଏବଂ ରାମ ବିଳାସ ପସ୍ୱାନଙ୍କ ବିୟୋଗରେ ତାଙ୍କ ଉତ୍ତରାଧିକାରୀ ଚିରାଗ ପସ୍ୱାନ ବିହାରରୁ କେତେ ମାତ୍ରାରେ ଅନୁକମ୍ପା ଭୋଟ ସାଉଁଟି ପାରିବେ, ତାହା କେବଳ ଫଳାଫଳ ହିଁ କହିବ । ପରିସ୍ଥିତି ଚକ୍ରରେ ଚିରାଗ ପସ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି ବିହାର ନିର୍ବାଚନରେ ଏନଡିଏ ମେଣ୍ଟରୁ ପୃଥକ୍ ହୋଇଯାଇଛନ୍ତି । ତେଣୁ ସେ ଶାସନ କ୍ଷମତାସୀନ ଜେଡି (ୟୁ)କୁ ନିଜର ଏକନମ୍ବର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରନ୍ତି, ଯଦିଚ ବିଜେପି ସହ ଜାତୀୟସ୍ତରରେ ତାଙ୍କର ସମ୍ପର୍କ ପୂର୍ବବତ୍ କାଏମ ରହିଛି । ଏଲଜେପି ଏହି ନିର୍ବାଚନରେ କେତେ ଆସନରେ ବିଜୟୀ ହେବ ତାହା ବଡ଼ କଥା ନୁହେଁ, ଜେଡି (ୟୁ)ର କେତେ ପ୍ରାର୍ଥୀଙ୍କ ପରାଜିତ କରିପାରିବ ତାହା ଚିରାଗଙ୍କର ପ୍ରଧାନ ଲକ୍ଷ୍ୟ । ସେହିଭଳି ବିଜେପି, ଜେଡି (ୟୁ), ଏଚଏଏମଏସ ଏବଂ ଇବିସି ଏକତ୍ର କେତେ ମାତ୍ରାରେ ଏସଟି, ଏସସି, ଓବିସି ଏବଂ ସଂଖ୍ୟାଲଘୁ ଭୋଟ ଆହରଣ କରିପାରିବେ ତାହା ଉପରେ ମେଣ୍ଟର ବିଜୟ ନିର୍ଭରଶୀଳ । ସେହିଭଳି ଆରଜେଡି ସହ ମେଣ୍ଟ ବାନ୍ଧିଥିବା କଂଗ୍ରେସ ଏବଂ ତିନି ବାମପନ୍ଥୀ ଦଳ ଏଥର ନିର୍ବାଚନରେ ନୀତୀଶଙ୍କ ୧୫ ବର୍ଷ ଶାସନକାଳର ଅପାରଗତା ଏବଂ ନିକଟରେ କରୋନା ନିୟନ୍ତ୍ରଣ, ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ରାଜ୍ୟରେ ବେକାରୀ ସମସ୍ୟା ଦୂର କରିବା ଦିନରେ ତାଙ୍କର ବିଫଳତାରୁ କେତେ ଫାଇଦା ଉଠାଇ ପାରିବେ ତାହା ସେମାନଙ୍କ ପାରିବାପଣକୁ ପ୍ରମାଣିତ କରିବ । କିନ୍ତୁ ବାସ୍ତବତା ଏହା ଯେ ଚଳିତ ନିର୍ବାଚନ କରୋନା କଟକଣା ଭିତରେ ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ବଡ଼ ବଡ଼ ଜନସଭା ଦେଖିବାକୁ ମିଳିବନାହିଁ କି ନେତାମାନଙ୍କ ବିଶାଳ ପଟୁଆର ଆଖିରେ ପଡ଼ିବ ନାହିଁ । ଅନ୍ୟ ଭାଷାରେ କହିବାକୁ ଗଲେ, ଏଥର ସାମାଜିକ ଗଣମାଧ୍ୟମ ଜରିଆରେ ହିଁ ସବୁ ଦଳ ଭୋଟରମାନଙ୍କ ନିକଟରେ ପହଞ୍ଚିବେ । ତେଣୁ ବିହାର ନିର୍ବାଚନ ଶାସନ କ୍ଷମତାସୀନ ମେଣ୍ଟ ପାଇଁ ଯେତିକି ମହତ୍ତ୍ୱପୂର୍ଣ୍ଣ ବିରୋଧୀଙ୍କ ପାଇଁ ମଧ ସେତିକି ଅଗ୍ନି ପରୀକ୍ଷାର ପରିସ୍ଥିତି ସୃଷ୍ଟି କରିଛି । ତେଣୁ ଏ ବୈତରଣୀ ପାର ହେବା ପାଇଁ ଏବେ ସମସ୍ତେ ସବୁ ବାଜି ଲଗାଇ ଦେଇଛନ୍ତି ।

## ବୈବାହିକ ଜୀବନ ଓ ମାନବିକ ମୂଲ୍ୟବୋଧତା

**ପଙ୍କଜ କୁମାର ପାଣିଗ୍ରାହୀ**

ସାମାଜିକ ମାନ୍ୟତା ସହିତ ମସ୍ତିଷ୍କର ପରିପକ୍ୱତା ବୃଦ୍ଧି ହୋଇଥାଏ ବିବାହ ପରେ ! କୃତ, ଅକୃତର ନିର୍ଣ୍ଣାୟକ ନିଷ୍ପତ୍ତି ନେବା କ୍ଷମତା ବୃଦ୍ଧି ପାଇଥାଏ ବିବାହ ପରେ ! ଆଜି କିନ୍ତୁ ଆଉ ଦେଖିବାକୁ ମିଳୁନାହିଁ, କାରଣର ଉତ୍ତର କ'ଣ.....?

ପ୍ରାଚୀନ ସମୟରୁ ଆଜିକୁ ପ୍ରାୟ ୪୦/୫୦ ବର୍ଷ ପୂର୍ବ ପର୍ଯ୍ୟନ୍ତ ଆମ ଦେଶରେ ବିବାହର ଯେଉଁ ପରମ୍ପରା ଦେଖିବାକୁ ମିଳୁଥିଲା ଆଜି ସମୟରେ ସେଇଥିରେ ଅନେକ ପରିବର୍ତ୍ତନ ପରିଲକ୍ଷିତ ହୁଏ ଯାହା କୌଣସି ସମୟ ସ୍ରୋତର ଏକ ପ୍ରଭାବ । ସେସମୟରେ ସାଧାରଣତଃ ପୁଅ, ଝିଅଙ୍କ ଯୌବନର ଉନ୍ମାଦନାର ପ୍ରାରଂଭିକ ସମୟରେ ବିବାହ କରିଦିଆଯାଉଥିଲା ଯେଉଁଥିପାଇଁ କୌଣସି ବୟସର ସମୟ ସୀମା ଧାର୍ଯ୍ୟ ନଥିଲା । ଉପଯୁକ୍ତ ସମୟରେ ଶରୀରର ପ୍ରାକୃତିକ ପରିବର୍ତ୍ତନକୁ ଚରିତାର୍ଥ କରାଯିବାରେ ସେମାନଙ୍କ ମାନସିକ ସନ୍ତୁଳନ ଏବଂ ପରିବର୍ତ୍ତନ ଏକ ଭିନ୍ନ ଦିଗରେ ଗତି କରୁଥିଲା ଯାହା ସେମାନଙ୍କ ମଣିଷ ପଣିଆକୁ ଏକ ନୂତନ ଦିଗନ୍ତଗାମୀ କରିବାରେ ଯଥେଷ୍ଟ ସହଯୋଗ ହେଉଥିଲା । ଉପଯୁକ୍ତ ସମୟରେ ବିବାହ କରିବା ପରେ ମଣିଷର ଶାରୀରିକ ଓ ମାନସିକ ସ୍ତରରେ ଅ-ୂତପୂର୍ବ ପରିବର୍ତ୍ତନ ଆସିଥାଏ ଯାହା ସେମାନଙ୍କ ଜୀବନ ଶୈଳୀ, ମାନବିକ ମୂଲ୍ୟବୋଧ ତଥା ସାମାଜିକ କର୍ତ୍ତବ୍ୟବୋଧତା ଉପରେ ଏକ ଗଭୀର ପ୍ରଭାବ ପକାଇଥାଏ । ସେସମୟର ଦାମ୍ପତ୍ୟ ଜୀବନଶୈଳୀର କେତେକ ଅଭାବନୀୟ ପରିସ୍ଥିତି ଗୁଡିକୁ ଆଜିସମୟ ସହିତ ତୁଳନା କରି ତାସଲ୍ୟ କରାଯିବା କେତେ ଯୁକ୍ତିଯୁକ୍ତ ନିର୍ଭର କରେ ବ୍ୟକ୍ତିଗତ ବିଗ୍ଭରଧାରା ଉପରେ । କି'ନ୍ତୁ ସେତେବେଳର ବିବାହିତଙ୍କ ମାନବିକ ମୂଲ୍ୟବୋଧ ଏବଂ ସାମାଜିକ କର୍ତ୍ତବ୍ୟବୋଧତା ବର୍ତ୍ତମାନ ସମୟରେ ଆଉ ଦେଖିବାକୁ ମିଳୁନାହିଁ ! ଅଧିକନ୍ତୁ ବିବାହ କେବଳ ଶାରୀରିକ ପରିବର୍ତ୍ତନ ଛଡା ମାନସିକ ପରିବର୍ତ୍ତନରେ ଆଦୌ ସାହାଯ୍ୟ କରୁନଥିବା ଏକ ଅଲୌକିକ ବିଷୟ ଯାହା ସାଧାରଣ ଲୋକଙ୍କ ଜ୍ଞାନ / ଭାବ ବହିର୍ଭୁତ !

ବର୍ତ୍ତମାନ ଭାରତୀୟ ସଂସ୍କୃତି ଏବଂ ପାଶ୍ଚାତ୍ୟ ସଭ୍ୟତାର ମିଳନରେ ଏମିତି ଏକ ଭୟାବହ ସାମାଜିକ ସ୍ଥିତି ଦେଖିବାକୁ ମିଳୁଛି ଆମ ଦେଶରେ ଯାହା ତର୍ଜମା କରିବା ଏକ ଜଟିଳ ବିଷୟ ! ଭାରତୀୟ ସଂସ୍କୃତିର କର୍ପୁର ଉଡିଯାଇ କନା ପଡିରହିଥିବାବେଳେ ସେଇଥିରେ ପାଶ୍ଚାତ୍ୟର କିରୋସିନି ମିଶା ଅତର ଭିନ୍ନ ଏକ ଗନ୍ଧ ଦେଉଛି ଯାହା ସାଧାରଣ ଲୋକଙ୍କ ମାନସିକ ଉତ୍ତେଜନାକୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ଟାଣିନେଇ ପୁଣି ପୃଥିବୀ ପୃଷ୍ଠାରେ କଚାଡୁଛି ପ୍ରତି ମୁହୂର୍ତ୍ତରେ ! ଭଲ ମନ୍ଦର ବିଗ୍ଭରଧାରା କେବଳ ରାବଣର ହୁଙ୍କାର ନାଦ ସ୍ୱରରେ ପ୍ରକାଶ କରାଯାଉଅଛି ! ସମସ୍ତଙ୍କ ଜ୍ଞାନର ସୀମାରେଖା ନଭଶ୍ଚୁମ୍ବୀ ଭଳି ଅନୁଭୂତ ହେଉଛି ! କିନ୍ତୁ ନିଜ ଦୈନନ୍ଦିନ ଜୀବନ ଶୈଳୀରେ ପ୍ରାତଃରୁ ରାତ୍ର ପର୍ଯ୍ୟନ୍ତ ନିର୍ଭର କରିବାକୁ ପଡୁଛି କାହାର ମନ୍ତବ୍ୟ ଉପରେ ! କହିବାକୁ ଗଲେ ଦୃଷ୍ଟିକୋଣ ପ୍ରଖର ହୋଇପଡିଥିବା ବେଳେ ବ୍ୟକ୍ତିଗତ ଅନୁଭୂତି, ମାନବିକ ମୂଲ୍ୟବୋଧ ଶୂନ୍ୟ ମଣିଷ କେବଳ ଅହଂକାର ବ୍ୟତୀତ କେତେକ ରଙ୍ଗୀନ କାଗଜ (ଟଙ୍କା) ପଛରେ ପଡି ନିଜ ଜୀବନକୁ ସମ୍ପୂର୍ଣ୍ଣ ଭାବେ ଜଂଜାଳ ଗ୍ରସ୍ଥ କରି କାହାପାଖରେ ଜଳାଳି ଦେଇ ଦୁର୍ଲଭ ମଣିଷ ଜୀବନକୁ ପଶୁ ସଦୃଶ୍ୟ ପାଳନ କରିବାରେ ତିଳେହେଲେ ଦ୍ୱିଧା ଅନୁଭବ କରୁନାହାନ୍ତି !

ଭାରତୀୟ ସାଂସ୍କୃତିକ ବିବାହ ବନ୍ଧନ ଆଉ ହେଉନାହିଁ । କେବଳ ଶାରୀରିକ ସମ୍ପର୍କ ବନ୍ଧନ ହେଉଛି ଯାହାର ସ୍ୱାଦ ସରିଗଲେ ନୂତନର ଅନୁସନ୍ଧାନ କରିବାରେ ନିମଗ୍ନ ପ୍ରାୟ ସବୁ ମଣିଷ ଦେଖିବାକୁ ମିଳୁଛନ୍ତି ଆଜିର ଯୁବ ପିଢ଼ି । ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ସମାଜକୁ ଦେଖାଣିଆ ଭାବେ ସମ୍ପାଦନ କରାଗଲେ ମଧ ପାଶ୍ଚାତ୍ୟ ଢାଞ୍ଚାରେ ପୁଣି ଅଦାଲତରେ ପଂଜିକୃତ ବିବାହ କରାଯାଉଅଛି ଯେଉଁଥିରେ ପୁରୁଣାକୁ ତ୍ୟାଗକରି ନୂତନର ଆଗମନ ବ୍ୟବସ୍ଥା ରହିଥାଏ ! ଏହିସବୁ ବ୍ୟବସ୍ଥା ଯୁବ ପିଢିଙ୍କୁ ଏକ ନୂତନ ମାର୍ଗରେ ପରିଗ୍ଭଳିତ କରୁଥିବା ଦେଖିବାକୁ ମିଳୁଛି । ନିଜସ୍ୱ ବ୍ୟକ୍ତିଗତ ସମ୍ମାନ, ପାରିବାରିକ ମର୍ଯ୍ୟାଦା, ସାମାଜିକ, ଜାତିଗତ ସଂସ୍କାରର କିଛି ମହତ୍ୱ ବୁଝିବା କ୍ଷମତା ବହିର୍ଭୁତ ମଣିଷ ଆଜି ସମଗ୍ର ମଣିଷ ସମାଜ ଆଗରେ ନିଜର ମଣିଷତ୍ୱକୁ ଜଳାଳି ଦେଇ ନିଜର କାମନାର ଚରିତାର୍ଥ କରିବା ସହିତ ପାରିବାରିକ ମର୍ଯ୍ୟାଦାକୁ ରସାତଳଗାମୀ କରିବାରେ ଆଦୌ ପଛଘୁଞ୍ଚା ଦେଉନାହାନ୍ତି । କୌଣସିମତେ କିଛି ସାମାଜିକ ସମ୍ବେଦନଶୀଳତା ବଜାରରୁ କିଣି ସ୍ୱଇଚ୍ଛାରେ ନିଜର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିପାରୁଥିବା ମଣିଷ ନିଜର ପାରିବାପାଣିଆ ଦେଖାଇବାକୁ ଯାଇ ବାସ୍ତବିକ ସମସ୍ତଙ୍କ ହୃଦୟର ଘୃଣାର ପାତ୍ର ହେଉଥିଲେ ମଧ ଅଲାଜୁକ ମୁହଁ ବହଳିଆ ଭଳି କୌଣସି ଲଜ୍ଜା ସରମ ଲାଗୁନାହିଁ ସେମାନଙ୍କୁ ! କାରଣ ସେମାନଙ୍କ ପୂର୍ବଜଙ୍କ ଜିନଗତ ଚରିତ୍ରର ଚରିତାର୍ଥ, ନା ସେମାନଙ୍କୁ କୌଣସି ପ୍ରଭାବ ପକାଉଛି କି ସେମାନଙ୍କ ପରିବାର ବନ୍ଧୁ ଜନଙ୍କୁ କିଛି ପ୍ରଭାବ ପକାଉଛି ! ତେଣୁ କାହାର କୌଣସି ଆପତ୍ତି ନଥିବା ହେତୁ ଆଜିକାଲି ଆଶାତୀତ ଛାଡ଼ପତ୍ର ତଥା ବିବାହ ଖଣ୍ଡନ ଶପଥ ପାଠ ସହିତ ବୈବାହିକ ଜୀବନର ଅନେକ ସମସ୍ୟ ନେଇ ମାନ୍ୟବର ଅଦାଲତଙ୍କ ଅଭିଯୋଗ ପୁସ୍ତକ ଉଛୁଳିବାରେ ଲାଗିଛି ! ନିଲଜ୍ଜଙ୍କୁ କହି ଶୁଣାଇ ଯଦି ବଦଳାଇ ଯାଇପାରିଥା'ନ୍ତା ତାହେଲେ ସେମାନେ ପ୍ରଥମରୁହିଁ ଏମିତି କାର୍ଯ୍ୟ କରିନଥା'ନ୍ତେ !

ବିବାହ ବନ୍ଧନ ନାରୀ-ପୁରୁଷର ଏକ ଆନ୍ତରିକ ମିଳନ ଯାହା ଜୀବନ ଶେଷ ପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରହିବା ଥିଲା ଭାରତୀୟ ସଂସ୍କୃତିର ମୂଳ ମନ୍ତ୍ର । ସେହି ପବିତ୍ର ବନ୍ଧନରେ ଥରେ ବନ୍ଧା ହେବାପରେ ଦୁଇଟି ଅପରିଚିତ ହୃଦୟ ରକ୍ତସମ୍ପର୍କ ଭଳି ପ୍ରେମମୟ କରିଦେଉଥିଲା ସେସମୟରେ । ଆଜି କେବଳ ନିଜର କାମନାର ଚରିତାର୍ଥ କରିବା ଉଦେଶ୍ୟରେ ବିବାହ କରୁଥିବା ମଣିଷ ବାସ୍ତବିକ ପ୍ରେମ କ'ଣ ବୁଝିବା ଅସମର୍ଥ ସେହି ଯାନ୍ତ୍ରିକ ମଣିଷଙ୍କ ଠାରୁ ଅଧିକା କିଛି ଆଶା କରାଯାଇ ନପାରେ । ତେଣୁ ଆସନ୍ତା ସମୟରେ ପ୍ରାୟତଃ ଏହି ରୋଗ ସମସ୍ତ ପରିବାରକୁ ସଂକ୍ରମଣ କରିବ ଯାହା କୌଣସି ମାସ୍କ କିମ୍ୱା ସାନିଟାଇଜର ଦ୍ୱାରା ପ୍ରତିରୋଧ କରିବା ସମ୍ଭବ ହେବନାହିଁ ! ତେଣୁ ବେଳ ଥାଉ ବାଳ ବାନ୍ଧି ନିଜ ସନ୍ତାନ ମାନଙ୍କୁ ଉପଯୁକ୍ତ ସଂସ୍କାର ଶିକ୍ଷା ନଦେଲେ ଉତ୍ତମ ସାମାଜିକ ମର୍ଯ୍ୟାଦା ଥିବା ପରିବାର ମଧ ଏହି ସମସ୍ୟାର ସମ୍ମୁଖୀନ କରିବାରେ କାହାର ସହଭାଗିତା ରହିବା ଆଶା କରାଯିବା ନିରର୍ଥକ। ଆମର ଲକ୍ଷ ଏକ ସଂସ୍କାରୀ ସମାଜ ! ଆପଣ ମାନଙ୍କ ସହମତି ଥିଲେ ଆମକୁ ସହଯୋଗର ହାତ ବଢ଼ାଇ ଏକ ନବନିର୍ମିତ ସଂସ୍କୃତ ଭାରତ ସୃଷ୍ଟି କରିବାରେ ଆଗେଇ ଆସିବାକୁ ଅନୁରୋଧ ପୂର୍ବକ ଆପଣ ମାନଙ୍କ ମତାମତ କିମ୍ୱା ଜିଜ୍ଞାସା ଅପେକ୍ଷାରେ...............

ଧନ୍ୟବାଦ ।


+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ.: ୯୪୩୭୩୨୪୯୧୭


## ଶରୀରଂ ଆଦ୍ୟଂ ଖଲୁ ଧର୍ମ ସାଧନଂ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ମନୁଷ୍ୟର ଶରୀର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କର ଏକ ଅନବଦ୍ୟ ଆଶୀର୍ବାଦ। ଏହି ଶରୀରର ଉଦେଶ୍ୟ ହେଉଛି ଧର୍ମ ସାଧନ ଓ ଆତ୍ମମାନଙ୍କର ଗନ୍ତବ୍ୟ ହେଲା ଈଶ୍ୱର ପ୍ରାପ୍ତି ଅର୍ଥାତ୍ ଧାରଣ, ପାଳନ ଓ ସମ୍ବେଗସିଦ୍ଧ ବ୍ୟକ୍ତିତ୍ୱ। ମନୁଷ୍ୟ ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ ନିର୍ଭର କରେ - ଶାରୀରିକ, ମାନସିକ ଓ ଆଧାତ୍ମିକ ଏହି ତିନୋଟି ସ୍ତମ୍ଭ ଉପରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସ୍ୱାସ୍ଥ୍ୟ ଏକ ସାମଗ୍ରିକ ଆହ୍ୱାନ। ମନୁଷ୍ୟର ପିତାମାତା, ଶିକ୍ଷକ, ସାମାଜିକ ଗୁରୁ ଓ ସର୍ବୋପରି ଆଧାତ୍ମିକ ଗୁରୁ ମାନଙ୍କ ଆଶୀର୍ବାଦରେ ମନୁଷ୍ୟ ଏହି ନିଖୁଣ ସ୍ୱାସ୍ଥ୍ୟ ଲାଭ କରେ। ଖାଦ୍ୟର ଉଦ୍ଦେଶ୍ୟ ମନୁଷ୍ୟ ଶରୀର, ମନ ଓ ଆଧାତ୍ମିକ ଚିନ୍ତନକୁ ଉପଯୁକ୍ତ ଦିଗରେ ପରିଚାଳନ କରିବା। ଯୁଗାବତାର ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର କୋଟି କୋଟି ଭକ୍ତ ଶିଷ୍ୟ ଓ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ଦିଗନ୍ତ ପ୍ରସାରୀ ଆହ୍ୱାନ ଦେଇ କହିଛନ୍ତି - ମାଛ, ମାଂସ ଖାଇବ ନାହିଁ, ପିଆଜ, ରସୁଣ ମାଦକ ଛାଡ଼। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସୂକ୍ଷ୍ମାତିସୂକ୍ଷ୍ମ ଅନୁଭୂତିରୁ ବର୍ଣ୍ଣନା କଲେ - ମାଛ, ମାଂସର ଜୈବକୋଷ ଉପାଦାନ ଆମ୍ଭ ମାନଙ୍କ ଶରୀରରେ ପ୍ରବେଶ କରି ଶରୀରର ଜୈବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟି କରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଉଠାଏ। ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟି ହେଲେ ମଧ ଶେଷ ପର୍ଯ୍ୟନ୍ତ ଆୟୁଷର କ୍ଷତି ଘଟେ। କାରଣ ସ୍ୱାଭାବିକ ନିୟମରେ ଯେଉଁ ବୃଦ୍ଧି ହୁଏତ ଦଶବର୍ଷରେ ହେବାର କଥା ତାହା ହୁଏତ ପାଞ୍ଚବର୍ଷ ମଧରେ ହୋଇଗଲା। ଏହାପରେ ହିଁ ଆରମ୍ଭ ହୁଏ ପ୍ରତିକ୍ରିୟା ଓ ମନୁଷ୍ୟର ଆୟୁଷ କମିଯାଏ। ଆମିଷ ଖାଦ୍ୟ ଖାଇଲେ ଶରୀର ମଧରେ ଏକ ବିଷକ୍ରିୟା ସୃଷ୍ଟି ହୋଇ ସ୍ନାୟୁ ଓ ମସ୍ତିଷ୍କ କୋଷ ଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସାମ୍ୟ ଓ କ୍ରମାଗତିହରା ହୋଇଉଠନ୍ତି। ସୂକ୍ଷ୍ମ ଅନୁଭୂତି ଗୁଡ଼ିକୁ ଧରିହୁଏ ନାହିଁ। ଗୋଟିଏ ଦିନ ଆମିଷ ଖାଇଲେ ଅନ୍ତତଃ ଦୁଇ ତିନି ସପ୍ତାହ ପର୍ଯ୍ୟନ୍ତ ତାର କୁକ୍ରିୟା କାର୍ଯ୍ୟକରେ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ମତରେ ଯେଉଁମାନେ ଉନ୍ନତର ଆଧାତ୍ମିକ ଜୀବନଯାପନ କରିବାକୁ ଚାହାଁନ୍ତି, ସୁସ୍ଥ ଦେହ ଓ ସ୍ୱଚ୍ଛନ୍ଦ ମନରେ କ୍ରମାଗତ ଭାବରେ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଦ୍ୟ ଖାଇବା ଉଚିତ।

ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପନିପରିବା ଓ ମାଂସ ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ବ୍ୟାଖ୍ୟା କରି କହିଲେ ପନିପରିବା (ଭେଜିଟେବଲ୍) ଅର୍ଥ ଜୀବନ୍ତ ଓ ଜାଗ୍ରତ କରି ଉଠାଇବା, କିନ୍ତୁ ମାଂସ (ଫ୍ଲେଶ୍) ଶବ୍ଦର ସେପରି କୌଣସି ଅର୍ଥ ନାହିଁ। ଆମିଷ ଖାଦ୍ୟ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ ଓ ସୁସଙ୍ଗତ ନହେଲେ ତାହା ଶରୀରକୁ ପୋଷଣ ଦେଇପାରେ ନାହିଁ। ନିରାମିଷ ଆହାରରେ ଶକ୍ତି ବଢ଼େ। କିନ୍ତୁ ପ୍ରଶ୍ନ ଉଠେ ଚିକିତ୍ସକମାନେ କାହିଁକି ଆମିଷ ଖାଦ୍ୟ ଖାଇବା ପାଇଁ ମତ ଦିଅନ୍ତି? ଦୟାଳ ପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ - ଚିକିତ୍ସକମାନଙ୍କର ମତାମତ ଆସେ ତାଙ୍କର ବୁଝିବା ଓ ଜ୍ଞାନଠାରୁ। ନିରାମିଷ ଆହାର ଆମ୍ଭମାନଙ୍କ ଶରୀର ବିଧାନ ପକ୍ଷରେ ସଂଗତିଶୀଳ। କିନ୍ତୁ ଆମିଷ ଆହାର ତାହା ନୁହେଁ। ପ୍ରତ୍ୟେକ ଜୀବ ହେଉଛନ୍ତି ଏକ କ୍ଷୁଦ୍ରାଦପିକ୍ଷୁଦ୍ର ମନୁଷ୍ୟ। ନରହତ୍ୟା କଥା ଶୁଣିଲେ ଆମେ ଆତଙ୍କିତ ହେଉ, କିନ୍ତୁ ଜୀବହତ୍ୟା ବେଳେ କିଛି ବୋଧ ଆସେନାହିଁ, ଏହାର ଅର୍ଥ ହେଉଛି - ଆମ୍ଭମାନଙ୍କର ବୋଧବୃତ୍ତି ପ୍ରବୃତ୍ତିଆବିଳ, ସ୍ଥୁଳ, ହୃଦୟହୀନ ଓ ସହାନୁଭୂତି ଶୂନ୍ୟ। ସମଗ୍ର ସ୍ନାୟୁବିକ ବିଧାନ ଆମିଷ ଖାଦ୍ୟରେ କ୍ଷତିଗ୍ରସ୍ତ ହୁଏ, ଦୃଷ୍ଟିଶକ୍ତି କମିଯାଏ। ନିରାମିଷ ଖାଦ୍ୟ ଓ ସୁନିୟନ୍ତ୍ରିତ ଚଳନ ହିଁ ଦୀର୍ଘ ଆୟୁ ପକ୍ଷେ ସହାୟକ। ସୁନିୟନ୍ତ୍ରିତ ଚଳନ ନିମିତ୍ତ ତିନୋଟି ଜିନିଷର ପ୍ରୟୋଜନ। ପ୍ରଥମ ହେଲା ସୁକେନ୍ଦ୍ରିକ ଇଚ୍ଛାଶକ୍ତି। ଏହା ନଥିଲେ ମନୁଷ୍ୟ ଜୀବନରେ ବିରୋଧି ଶକ୍ତି ଗୁଡ଼ିକୁ ଆୟତ୍ତରେ ଆଣିପାରେ ନାହିଁ। ଜୀବନର ଘାତ ପ୍ରତିଘାତରେ ଦୁର୍ବଳ ଓ ହତାଶ ହୋଇପଡ଼େ ଓ ପ୍ରତିରୋଧକ କ୍ଷମତା କମିଯାଏ। ରୋଗ ବ୍ୟାଧି ଚାପି ଧରେ। ଦ୍ୱିତୀୟ ହେଲା- ସୁନିୟନ୍ତ୍ରିତ ଦାମ୍ପତ୍ୟ ଜୀବନ ଓ ତୃତୀୟ ହେଲା - ଶାନ୍ତିପୂର୍ଣ୍ଣ ପାରିବାରିକ ପରିବେଶ। ତେବେ ଯେଉଁମାନେ ଆମିଷ ଖାଦ୍ୟ କୌଣସି ପ୍ରକାରେ ଛାଡ଼ିପାରନ୍ତି ନାହିଁ ସେମାନେ ଅପରିହାର୍ଯ୍ୟ କ୍ଷେତ୍ରରେ ଅଫୁଟା ଅଣ୍ଡା ଓ ଦୁମ୍ବାର ମାଂସ ଖାଇପାରନ୍ତି।

ଜାନ୍ତବ କୋଷ, ଜାନ୍ତବ କୋଷକୁ ହଜମ କରିବାକୁ ଚାହେଁନାହିଁ ବରଂ ପ୍ରତ୍ୟାଖ୍ୟାନ କରେ। ଜାନ୍ତବ କୋଷ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ କୋଷ ବିଭାଜନ ବୃଦ୍ଧି ଘଟାଏ ଓ ଏଥିଯୋଗୁଁ ଶରୀରର ପ୍ରତିରୋଧକ କ୍ଷମତା କମିଯାଏ। କ୍ଷୀର ଆମିଷ ଖାଦ୍ୟ ହେଲେ ମଧ କ୍ଷତିକାରକ ନୁହେଁ। ଖାଦ୍ୟରେ ସ୍ପର୍ଶ ଦୋଷ ମଧ ଦେଖିବାକୁ ହୁଏ। ଯାହାଙ୍କ ହାତରେ ଖାଦ୍ୟ ଖିଆଯାଏ ତାଙ୍କର ମାନସିକ ଅବସ୍ଥା, ଚିନ୍ତା ଓ ପ୍ରବୃତ୍ତିର ସ୍ପର୍ଶ ଖାଦ୍ୟ ଭିତର ଦେଇ ଅନ୍ୟର ଶରୀରକୁ ପ୍ରବେଶ କରେ। ଖାଦ୍ୟର ମନ ଉପରେ ପ୍ରଭାବ ବିଷୟରେ ମହାଭାରତରେ ଥିବା ଭୀଷ୍ମଙ୍କ ଉଦାହରଣ ରହିଛି । ଭୀଷ୍ମ ଶରଶଯ୍ୟାରେ ଥିବାବେଳେ ପାଣ୍ଡବମାନେ ସପରିବାର ତାଙ୍କୁ ଦର୍ଶନ କରିବା ପାଇଁ ଗଲେ । ଶରଶଯ୍ୟାରେ ଥାଇ ଭୀଷ୍ମ ପାଣ୍ଡବମାନଙ୍କୁ ସଦାଚାର ବିଷୟରେ କିଛି ଉପଦେଶ ଦେଲେ । ତାହାଶୁଣି ଦ୍ରୌପଦୀ ତାସଲ୍ୟକରି ହସିବାକୁ ଲାଗିଲେ । କାଳେ ପିତାମହ ଖରାପ ଭାବିବେ, ସେଥିପାଇଁ ପାଣ୍ଡବମାନେ ଦ୍ରୌପଦୀଙ୍କୁ ବାରଣ କଲେ । ଭୀଷ୍ମ ହସିବାର କାରଣ ବିଷୟ ପଚାରିବାରୁ ଦ୍ରୌପଦୀ କହିଲେ - ଆପଣ ଏତେଦିନ ଧରି କୌରବମାନଙ୍କର ଉପଦେଷ୍ଟା ହୋଇ ରହି ତାଙ୍କୁ ଯଦି ଏ ବିଷୟରେ ଶିକ୍ଷା ଦେଇଥାଆନ୍ତେ ଓ ନିଜେ ଯୁଦ୍ଧ କରିବାରୁ ନିବୃତ୍ତ ରହିଥାଆନ୍ତେ, ତା'ହେଲେ ଆଜି ଏପରି ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଏହି ଧାରଣା ମୋ ମନରେ ଆସିବାରୁ ଆପଣଙ୍କ କଥା ଶୁଣି ମୋତେ ହସ ଲାଗିଲା । ଭୀଷ୍ମ ଉତ୍ତର ଦେଲେ - କୌରବମାନଙ୍କ ଅନ୍ନରେ ମୋର ଏ ଶରୀର ପ୍ରତିପାଳିତ ହୋଇ ଆସୁଥିବାରୁ ମୋ' ଶରୀରର ରକ୍ତ ସେମାନଙ୍କ ଖାଦ୍ୟ ଦ୍ୱାରା ଗଠିତ ହୋଇଥିଲା । ତେଣୁ ସେମାନେ ମୋତେ ଯାହା ଚାହୁଁଥିଲେ ମୋ'ମନ ତାହା କରିବାକୁ ନିର୍ଦ୍ଦେଶ ଦେଉଥିଲା ଓ ମୁଁ ତାହା କରୁଥିଲି । ଶରଶଯ୍ୟାରେ ରହିବା ଫଳରେ ମୋ'ଦେହରୁ ସେ ଦୂଷିତ ରକ୍ତ ବାହାରିଯାଇ ମୋ'ମନକୁ ପବିତ୍ର କରି ଦେଇଛି । ତେଣୁ ମୁଁ ଆଜି ଏ ଉପଦେଶ ଦେବାକୁ ସମର୍ଥ ହୋଇଛି । ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଖାଦ୍ୟ ସମ୍ବନ୍ଧରେ ଏହି ଆହ୍ୱାନକୁ ଆମେ ବିନମ୍ର ଭାବେ ଗ୍ରହଣ କରୁଛୁ।


+ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


## କବିତା କୋଣାର୍କ

### ଆମ ଦୁର୍ଗା ମା'...

**ସୁଦର୍ଶନ ମହାପାତ୍ର**



ବିରାଜ ଏବେ ମା' ଦୁର୍ଗତି ନାଶିନୀ
କୋଟି ଜନତାର ମଙ୍ଗଳକାରିଣୀ
ଶୁଣି ନିଅ ମା' ଗୋ ଥରେ କାନଡେରି
ଶତମୁଖ ହାହାକାର,
ନିଶୁନ ରାତିର ହୃଦୟ ଥରାଇ
ଗଗନ ପବନ ତନ୍ତ୍ରୀ ଦୋହଲାଇ
ଭଗ୍ନ କୁଡ଼ିଆରୁ ଉଛୁଳି ପଡୁଛି
କରୁଣ ନିଷ୍ପ୍ରଭ ସ୍ୱର ॥

ପଢ଼ିନିଅ ବାରେ ଭୋକର ଭୂଗୋଳ
ଅସହାୟ ଜନ ଦୁଃଖ ଅବିରଳ
ଦେଖ ଆସି ମାଆ କେବେଠୁ ପଡ଼ିନି
ଗରିବ ପେଟରେ ଦାନା,
କଅଁଳା ଶିଶୁର ଶୁଖିଲା ରାହାରେ
କୋରଡାଗତ ତା' ଉଦାସ ଆଖିରେ
କଙ୍କାଳସାର ସେ ବୁଭୁକ୍ଷ ଉଦରେ
କ୍ଷୁଧାର ତାଣ୍ଡବ ସିନା ॥

ମାଟିର ମଣିଷ ହେଲା କଲବଲ
ଉଜୁଡ଼ି ଯାଇଛି ସୁନାର ଫସଲ
ହତାଶରେ ଏବେ କଟେ ତା' ଜୀବନ
ବନ୍ୟା ବିଭୀଷିକା ଘାତେ,
ଭାଙ୍ଗିଦେଲା କ୍ଷଣେ ଭରସା କୁଟୀର
ଆଶ୍ୱାସ ବିହୀନ ଘର ପରିବାର
ତୁଟିଗଲା ପରା ଅସୁମାରୀ ସ୍ୱପ୍ନ
ନିଷ୍ଠୁର ନିୟତି ହାତେ ॥

ସଂସାର କାହାର ହୋଇଛି ଉଚ୍ଛନ୍ନ
ସମୟଟା ସତେ କଲା ହୀନିମାନ
ଯାହାର ସନ୍ତାନ ସଂଗ୍ରାମେ ଯୁଝି
ବରିନେଲା ସ୍ୱର୍ଗପଥ,
ପାରିବକି ପୋଛି ସହୀଦ ବୀରର
ଦେହରୁ କ୍ଷରିତ ଶୋଣିତର ଧାର
ପୂଣ୍ୟ ମାଟିରେ ଘଟି ଚାଲିଥିବା
ଶେଷ ହୀନ ରକ୍ତପାତ ??

ସଂଶୟରେ ଆଜି ଅସହାୟା ନାରୀ
ଅତ୍ୟାଚାରିତା ସେ ତୁଟିଲାଣି ଶିରୀ
ଦୁହିତା ଭଗିନୀ ଜାୟା ବା ଜନନୀ
ନିରାଶା ଜୁଇରେ ଜଳେ,
ଉପାସ ଲାଘବେ ଦେହ ଯିଏ ବିକେ
ପାରିବ କି ଦେଇ ଆଶ୍ୱାସନା ଟିକେ
ଦଣ୍ଡିବ କି ଆସି କାମୁକ ରାକ୍ଷସ
ରକ୍ତରେ ଯେ ହୋଲି ଖେଳେ!!

ଆସଗୋ ଦୁର୍ଗା ମା' ଶାନ୍ତିପ୍ରଦାୟିନୀ
ମହିଷାମର୍ଦ୍ଦିନୀ ଦୁଃଖ ବିନାଶିନୀ
ଜଗତ କଲ୍ୟାଣେ ଏ ଧରାଧାମକୁ
ଅବତରି ଏବେ ଆସ,
ଜଳୁ ପ୍ରତି ହୃଦେ ଖୁସିର ପ୍ରଦୀପ
ଦୁନିଆ ବୁକୁର ଲିଭିଯାଉ ପାପ
ଲୋଭ ଘୃଣା ଦ୍ୱେଷ ହୋଇ ଦୂରିଭୂତ
ସବୁ ଓଠେ ଫୁଟୁ ହସ ॥


+ କୁଞ୍ଜବିହାରୀ ଲେନ, କଟକ


### କେତୋଟି ପ୍ରେମଗୀତି...



**ବିନୟ କୁମାର ଦାସ**

॥ ୧ ॥
ବାରମ୍ବାର ଖାଲି କହି ଚାଲିଅଛ
ଭଲ ପାଅ ନାହିଁ ମୋତେ
ମୋ ପ୍ରେମଚିଠିକୁ ସାଇତିଛ କିଆଁ
ତଥାପି ଯତ୍ନରେ ଏତେ ।
ଆଉ କୁହ ନାହିଁ ମିଛ
ଭଲପାଇବାର ଚାରା ସେଦିନ ର
ଏବେ ଝଙ୍କାଳିଆ ଗଛ ॥

॥ ୨ ॥
ପାହାଡ ତ କେବେ ପଚାରି ବୁଝିନି
ଝରଣା ର ମନକଥା
ଝରଣା ତା ଗୀତେ ଗାଇ ପାରିନାହିଁ
ତା ଛାତି ତଳର ବ୍ୟଥା ।
ଯିଏ ଯା' ବାଟରେ ଥାଏ
ଦେଖା ହୋଇଗଲେ ମିଛରେ କୁହନ୍ତି
ମୁଁ ତୁମକୁ ଭଲପାଏ ॥

॥ ୩ ॥
ଜୋଛନାକୁ ଜହ୍ନ ରାତିକୁ ଆକାଶ
ନିରବେ କରନ୍ତି ଗେଲ
ସରାଗ ଟିକିଏ ପାଇବା ପାଇଁ କି
ଭଅଁରକୁ ଡାକେ ଫୁଲ ।
ଜହ୍ନ ନାଆଁ ଶୁଣି ଅଲାଜୁକି କଇଁ
ପାଣିରୁ ଟେକେ ତା ମଥା
ମୋ କାନରେ କୁହ ଏଇ ସବୁ କଣ
ଭଲପାଇବା ର କଥା ?


+ ଅଂଗାରଗଡିଆ, ବାଲେଶ୍ୱର-୧


## କବିତା କୋଣାର୍କ

### ସେ ଆସେ...

**ଡ. ମନୋରଞ୍ଜନ ବିଷୋୟୀ**

ବେଳେବେଳେ
କୁହା ନାହିଁ କି
ବୋଲା ନାହିଁ
ସେ ଆସିଯାଏ

ଭଟା ପଡ଼ିଆସୁଥିବା
ସମ୍ପର୍କ ପୁଣି
ଉଛୁଳି ପଡ଼େ
ଢ଼େଉ ଢେଉକା
ଜୁଆର ଭିତରେ
ପୁଣି ଥରେ
ସମ୍ପର୍କର ପୃଷ୍ଠା
ଓଲଟାଇବାକୁ ପଡ଼େ ।

ଅସରନ୍ତି ଭାବନାର ଢେଉ
ମନ ଭିତରେ ଚେଇଁ ଉଠେ
କିନ୍ତୁ ଏ ଅସରନ୍ତି
ଭାବନାର ଢ଼େଉ
କୂଳ ଛୁଇଁବା ଆଗରୁ
ମନରେ ହିଁ ମିଳେଇ ଯାଏ

କାରଣ ସ୍ୱପ୍ନଥାଏ
ରାତି ଫେରିଯାଏ
ଆଉ ଫେରିବା ଆଗରୁ
ସ୍ୱପ୍ନ ଓ ବାସ୍ତବତା
ମଧରେ ଥିବା
ବ୍ୟବଧାନର ଦୀର୍ଘତା
ଦେଖାଇ ଯାଏ ।


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# କରୋନା ଏକ ଅହେତୁକ ଭୟ !

ଦୀନବନ୍ଧୁ ନାୟକ



"ତା'ହେଲେ, କ୍ଷୁଦ୍ର ସତାଗୁଡ଼ିକର ଯଦି ଏକ ଦଳ ରହିଛି, ତେବେ ସେମାନେ ନିଜ ନିଜ ଭିତରେ ବିରୋଧାଚରଣ କରିପାରନ୍ତି, କାରଣ ସେମାନଙ୍କ ପାରସ୍ପରିକ ଜୀବନ ଖୁବ୍ ଶାନ୍ତିପୂର୍ଣ୍ଣ ନୁହେଁ, ସେମାନେ ପରସ୍ପର ସହିତ ଦ୍ୱନ୍ଦ୍ୱ କରନ୍ତି, ଯୁଦ୍ଧ କରନ୍ତି, ପରସ୍ପରକୁ ନଷ୍ଟ କରନ୍ତି, ଧ୍ୱଂସ କରିଦିଅନ୍ତି । ଏହିଠାରୁ ହିଁ ସୂକ୍ଷ୍ମାଣୁର ଉପ୍ତତି । ସେମାନେ ବିଭଞ୍ଜନର ଶକ୍ତିରାଜି । କିନ୍ତୁ ସେମାନଙ୍କର ବିଭାଜିତ ଆକାର ଭିତରେ ମ୍ଭ ସେମାନେ ବଂଚି ରହିବାରେ ଲାଗିଥା'ନ୍ତି, ଏବଂ ଏହାରି ଭିତରୁ ହିଁ ଜୀବାଣୁ ଓ ସୂକ୍ଷ୍ମାଣୁରାଜିର ଉପ୍ତତି । ତେଣୁ ଅଧିକାଂଶ ସୂକ୍ଷ୍ମାଣୁଙ୍କ ପଛରେ ଏକ ଅସଦିଚ୍ଛା ରହିଥାଏ ଏବଂ ଏହା ହିଁ ସେମାନଙ୍କୁ ଏପରି ବିପଜ୍ଜନକ କରିଥାଏ । ଯଦି ଜଣେ ଅସଦିଚ୍ଛାର ଗୁଣ ଓ ପ୍ରକାରକୁ ଜାଣି ନଥାଏ ଏବଂ ଏହା ଉପରେ କାର୍ଯ୍ୟ କରିବା ଲାଗି ସକ୍ଷମ ହୋଇନଥାଏ, ତେବେ ଏହାର ପ୍ରକୃତ ଓ ସଂପୂର୍ଣ୍ଣ ପ୍ରତିକାରକୁ ଖୋଜି ନ ପାଇବାର ସମ୍ଭାବନା ଶତକଡା ଅନେଶତ ଭାଗ ଥାଏ । ସୂକ୍ଷ୍ମାଣୁ ହେଉଛି ସୂକ୍ଷ୍ମ ଭୌତିକ ଜଗତରେ ବାସ କରୁଥିବା କୌଣସି ଏକ ଅସ୍ତିତ୍ୱର ଅତ୍ୟନ୍ତ ସ୍ଥୂଳ ଏକ ଅଭିବ୍ୟକ୍ତି, ଏବଂ ସେଥିପାଇଁ ଏହି ସୂକ୍ଷ୍ମାଣୁମାନେ ....... ଯେଉଁମାନେ ସର୍ବଦା ତୁମକୁ ଘେରି ରହିଛନ୍ତି, ତୁମ ଭିତରେ ହିଁ ଅଛନ୍ତି, ବର୍ଷ ବର୍ଷ ଧରି ତୁମକୁ ଆଘାତ କରନ୍ତି ନାହିଁ, ତା'ପରେ ହଠାତ୍ ଦିନେ ଅତର୍କିତ ଭାବେ ସେମାନେ ତୁମକୁ ଅସୁସ୍ଥ କରିଦିଅନ୍ତି । ତହିଁରେ ଅନ୍ୟ ଏକ କାରଣ ଅଛି । ଏହା ହେଉଛି ଯେ ଏକ ଅସଙ୍ଗତି ରହିଛି, ବିରୋଧୀ ଶକ୍ତି ପ୍ରତି ସତାରେ ଏକ ଗ୍ରହଣଶୀଳତା ରହିଛି । ଏହାହିଁ ହେଉଛି ସୂକ୍ଷ୍ମାଣୁଗୁଡ଼ିକର ଉପ୍ତତିସ୍ଥଳ ଏବଂ ସେଗୁଡ଼ିକର ସହାୟକ । ମୁଁ ତୁମକୁ କାହାଣୀଟିଏ କହିବି ....... କାରଣ ଏହା ତୁମକୁ ଗୋଟିଏ ଉଦାହରଣ ଦେବ ।" — ଶ୍ରୀମା' (ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୨ ରୁ ପ୍ରକାଶିତ 'ନବଜ୍ୟୋତି' ପତ୍ରିକାର "ସୂକ୍ଷ୍ମାଣୁ : ସେମାନଙ୍କର ଉପ୍ତତି" – ୧୫ ଅଗଷ୍ଟ, ୨୦୨୦ ସଂଖ୍ୟା - ପୃଷ୍ଠା – ୧୪)

ଏହାପରେ ଶ୍ରୀମା ଯେଉଁ କାହାଣୀଟି କହିଛନ୍ତି, ତାହା ଏକ ବାସ୍ତବ ଘଟଣା, ଯାହା ସେ ନିଜେ ଅଙ୍ଗେ ନିଭାଇଛନ୍ତି । ଏହା ୧୯୧୯ ମସିହାର ଘଟଣା, ଯେତେବେଳେ ଶ୍ରୀମା' ଜାପାନରେ ବାସ କରୁଥିଲେ । ତାଙ୍କ ରହଣୀ କାଳରେ ଜାପାନରେ ଇନ୍‌ଫ୍ଲୁଏଞ୍ଜା ମହାମାରୀ ଭୀଷଣ ରୂପେ ବ୍ୟାପିଥିଲା ଏବଂ ଶହ ଶହ ହଜାର ହଜାର ବ୍ୟକ୍ତି ପ୍ରାଣ ହରାଇଥିଲେ । ଶ୍ରୀମା' ନିଜେ ଏହି ରୋଗାକ୍ରାନ୍ତ ହୋଇଥିଲେ । ସେ ଏହି ମହାମାରୀର ଉପ୍ତତି, କାରଣକୁ ଖୋଜି ଖୋଜି ଯାହା ପାଇଛନ୍ତି ଏବଂ ନିଜକୁ କିପରି ନିଜର ଗୁହ୍ୟ ଆତ୍ମିକ ଶକ୍ତି ଦ୍ୱାରା ରୋଗମୁକ୍ତ କରିଛନ୍ତି, ତାହା ବର୍ଣ୍ଣନା କରିଛନ୍ତି । ଏହି ବର୍ଣ୍ଣନାଟି ଖୁବ୍ କୌତୁହଳ ଓ ଭାବୋଦ୍ଦିପକ ଅଟେ । ସୁଯୋଗ ପାଇଲେ ପଢିବା ଉଚିତ୍ ।ଶ୍ରୀମା ଯେପରି ଜୀବାଣୁ ଓ ସୂକ୍ଷ୍ମାଣୁଗୁଡ଼ିକୁ ଏବଂ ସେଗୁଡ଼ିକର ଉପ୍ତତି ଓ କାର୍ଯ୍ୟକଳାପ ବିଷୟରେ ଉଲ୍ଲେଖ କରିଛନ୍ତି, ସେହି ପ୍ରଚ୍ଛଦପଟରେ ବର୍ତ୍ତମାନ ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ ଚିନ୍ତିତ ବିବ୍ରତ କରିପକାଇଥିବା କୋଭିଡ୍-୧୯ ବା କରୋନା ପାଣ୍ଡେମିକ୍‌କୁ ଦୃଷ୍ଟିପାତ କଲେ, ଅନେକ ଭ୍ରମ, ଅହେତୁକ ଭୟ ଦୂର ହେବା ସଂଗେ ସଂଗେ ଏହାର ଦ୍ରୁତ ବ୍ୟାପକ ବିସ୍ତାରକୁ ରୋକିବାରେ ସହାୟକ ଉପାୟ ମ୍ଭ ମିଳିଯାଇପାରେ । ଏହା ଏକ କାକତାଳିକ ନ୍ୟାୟରେ ହେଉ ବା କୌଣସି ଅଦୃଶ୍ୟ କାରଣରୁ ହେଉ,- ୧୯୧୯ରେ ଇନ୍‌ଫ୍ଲୁଏଞ୍ଜା ମହାମାରୀ ଓ ୨୦୨୦ରେ କରୋନା ପାଣ୍ଡେମିକ୍‌ର ଆବିର୍ଭାବ,- ସ୍ୱତଃ ମନକୁ ପ୍ରଶ୍ନ କରେ ୨୦୨୧ କ'ଣ !!! ସେ ଯାହା ହେଉ, ଆମେ ଅଙ୍ଗେ ନିଭାଇଥିବା ମହାମାରୀକୁ ତର୍ଜମା କଲେ ଜାଣିପାରିବା ଯେ ଗତ ଶତାବ୍ଦିଟି ବସନ୍ତ ମହାମାରୀରେ ଛାଇ ହୋଇ ରହିଥିଲା । ଜନସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ (ସେବା ନିବୃତ) ଭାବେ ବସନ୍ତ, ହଇଜାକୁ ମୁଁ ସାମ୍ନାସାମ୍ନି ଦେଖିଛି, ଲଢିଛି, ଆଉ ଗର୍ବ ଅନୁଭବ କରୁଛି ଯେ ଯେତେ କ୍ଷୁଦ୍ର ପରିମାଣରେ ହେଉ ପଛକେ ବସନ୍ତ ପରି ଦୁର୍ଦ୍ଦାନ୍ତ ମହାମାରୀକୁ ପୃଥିବୀରୁ ଲୋପ କରିଦେବାରେ ମୁଁ ଜଣେ ସୈନିକ ହୋଇ ମୋର କର୍ତବ୍ୟ କରିଛି । ଅବଶ୍ୟ ହଇଜା ଜଳ ଓ ମାଛି ଦ୍ୱାରା ବ୍ୟାପୁଥିବାରୁ ତତ୍‌କାଳୀନ ସ୍ୱାସ୍ଥ୍ୟସେବାରେ କ୍ରମଶଃ ଉନ୍ନତି ଘଟିବା ସଂଗେ ସଂଗେ ତାହା ଏବେ ନାହିଁ କହିଲେ ଚଳେ । କିନ୍ତୁ ବସନ୍ତ ବାୟୁ ଦ୍ୱାରା ବ୍ୟାପୁଥିଲା, ତା'ର ପ୍ରତିଷେଧକ ଟୀକା ଡେରିରେ ବାହାରିଥିଲା । ହେଲେ ବି, ବସନ୍ତର ଇରାଡିକେଶନ୍ ବା ମୂଳୋତ୍ପାଟନ କରାଯାଇ ପାରିଛି । ଏ ଦୁଇଟି ମହାମାରୀ ତୁଳନାରେ ବର୍ତ୍ତମାନର ପାଣ୍ଡେମିକ୍ କରୋନା ଏତେ ଭୟଙ୍କର ଓ ଦୁଃସ୍ମ ବୋଲି ମୋର ମନେ ହୁଏନା । କାରଣ, ଆମର ବୈଜ୍ଞାନିକ ଓ ଭୂତାଣୁରୋଗ ବିଶେଷଜ୍ଞମାନେ ସ୍ପଷ୍ଟରୂପେ ଜାଣି ପାରିଛନ୍ତି ଯେ କୋଭିଡ-୧୯ ବା କରୋନା 'ଡ୍ରପ୍‌ଲେଟ୍ ଇନ୍‌ଫେକସନ୍' ଦ୍ୱାରା ବ୍ୟାପେ; ଅର୍ଥାତ୍ କରୋନା ରୋଗୀର କାଶ, ଛିଙ୍କ, କଥା କହିବା ବେଳେ ବାହାରୁଥିବା ଛେପବିନ୍ଦୁ ବା ଲାଳଦ୍ୱାରା ଭୂତାଣୁଗୁଡିକ ବାହାରକୁ ଆସନ୍ତି ଏବଂ ଅତିବେଶୀରେ ୩/୪ ଫୁଟ୍ ପର୍ଯ୍ୟନ୍ତ ପ୍ରସାରିତ ହୋଇପାରନ୍ତି । ସେଗୁଡ଼ିକ ଅତିବେଶୀରେ ସାତଘଂଟା ବାହାରେ ରହି ପାରନ୍ତି । ଏହି ସମୟ ମ୍ଭରେ ଯଦି ହାତଦ୍ୱାରା ବା କୌଣସି ମ୍ଭମରେ ତାହା ସୁସ୍ଥବ୍ୟକ୍ତିର ପାଟି, ନାକ ମ୍ଭମରେ ଏପରିକି ଆଖିର ତରଳ ପଦାର୍ଥ ସହିତ ମିଶି ସୁସ୍ଥଲୋକର ଶରୀର ଭିତରକୁ ପ୍ରବେଶ କରନ୍ତି, ତେବେ ସେମାନେ ରୋଗ ଉପ୍ନନ୍ନ କରିପାରନ୍ତି ।ତେଣୁ, ଯଦି ଆମ ଶରୀର-ଦୂର୍ଗର ମୁଖ୍ୟଦ୍ୱାର ସହିତ ସମ୍ଭାବ୍ୟ ଦ୍ୱାରଗୁଡ଼ିକୁ ବନ୍ଦ କରିଦେଇ ପାରନ୍ତି, ତା'ହେଲେ କରୋନା ଭୂତାଣୁର ପ୍ରବେଶ ସମ୍ଭବ ହେବନାହିଁ । ଏହା ଏକ ନୂଆରୋଗ ହୋଇଥିବାରୁ ଏହାର ଆରୋଗ୍ୟ, ପ୍ରତିକାର ପାଇଁ ସ'ଳ ଔଷଧ ବା ପ୍ରତିଷେଧକ ପାଇଁ ସ'ଳ ଟୀକା ଏ ପର୍ଯ୍ୟନ୍ତ ବାହାରି ନାହିଁ । ବୈଜ୍ଞାନିକ ତଥା ବିଶେଷଜ୍ଞମାନଙ୍କ ନିର୍ଭର ପ୍ରତିଶୃତି ଓ ଆପାତ ମଧୁର ଘୋଷଣା ଶୁଣିଲେ ମ୍ଭ ନିକଟ ଭବିଷ୍ୟତରେ ଏହାର ଟୀକା ପ୍ରସ୍ତୁତି ନେଇ ବ୍ୟକ୍ତିଗତ ଭାବେ ମୁଁ ନିର୍ଶ୍ଚିନ୍ତ ହୋଇ ପାରୁନାହିଁ; ତଥାପି ଆଧୁନିକ ବିଜ୍ଞାନର ଦ୍ରୁତ ଅଗ୍ରଗତି ଯୋଗୁଁ ଚିକିତ୍ସା କ୍ଷେତ୍ରରେ ଯେଉଁ ଅଭୂତପୂର୍ବ ସ'ଳତା ପ୍ରାପ୍ତ ହୋଇଛି, ତାହାହିଁ ନିରାଶାର ଅନ୍ତଚିରି ଆଶାର ଏକ କିରଣ ରେଖା ଦେଖାଉଛି । ଭଗବାନ କରନ୍ତୁ, ଖୁବ୍ ଶୀଘ୍ର କରୋନା ପ୍ରତିଷେଧକ ଟୀକା ଉପଲବ୍ଧ ହେଉ, ବିଶ୍ୱକୁ ଏକ ଆତଙ୍କିତ ଅବସ୍ଥାରୁ ଉଦ୍ଧାର କରୁ ।

ତଥାପି, ଦୃଢବିଶ୍ୱାସର ସହିତ ଅନୁଭବ କରୁଛି ଯେ ଯଦି ଆମେ ଅତି କମ୍‌ରେ ତିନୋଟି ଉପାୟ ଅବଲମ୍ବନ କରନ୍ତି, ତେବେ କରୋନା ବ୍ୟାପିବା ନିର୍ଶ୍ଚିତ ଭାବେ ସମାପ୍ତ ହୋଇଯିବ । (୧) ନିୟମିତ ମାସ୍କ ପିନ୍ଧିବା :- ଏହାଦ୍ୱାରା ବାହାର ଜୀବାଣୁ, ଭୂତାଣୁ ଆମ ଶରୀର ଭିତରକୁ ପଶି ପାରିବେ ନାହିଁ ବା ଆମ ଠାରୁ ବାହାରକୁ ଯାଇ ପାରିବେ ନାହିଁ । (୨) ସାମାଜିକ ଦୂରତା :- ଅତି କମ୍‌ରେ ୧ ମିଟର ବା ଦୁଇ ଗଜ ବା ଛ'ଫୁଟ୍ ଦୂରତାରେ ରହି କାରବାର କଲେ, ଏହା ଜଣକ ଠାରୁ ଅନ୍ୟଜଣକ ପାଖକୁ ଯାଇପାରିବ ନାହିଁ, 'ଳତଃ ଶୃଙ୍ଖଳା ବା ଚେନ୍ ଛିଡି ଯିବ । (୩) ବାରମ୍ବାର ସାନିଟାଇଜର ଦ୍ୱାରା ହାତ ଧୋଇବା :- ଏହାଦ୍ୱାରା ଆମ ଅଜାଣତରେ ଆସି ଯାଇଥିବା ଜୀବାଣୁ, ଭୂତାଣୁ ନଷ୍ଟ ହୋଇଯିବେ ।

ଏଠାରେ ସାମାଜିକ ଦୂରତା ବା ସୋସିଆଲ୍ ଡିଷ୍ଟାନସିଂ କଥା ମନକୁ ଆସିଲେ, ଆମ ଓଡିଆ ସମାଜର ଚଳଣୀକୁ ଧନ୍ୟବାଦ ଦେଉଛି । ଆମର ପୂର୍ବ ସମାଜବିଜ୍ଞାନୀମାନେ କେତେ ଦୂରଦୃଷ୍ଟିର ସହିତ ଏହାକୁ ପ୍ରଚଳନ କରିଛନ୍ତି !! ସମ୍ଭାବିତ ବିପଦକୁ ଆଖି ଆଗରେ ରଖି ସେମାନେ କହିଛନ୍ତି :- ଭାଇବୋହୂ (ସାନଭାଇର ପତ୍ନୀ) – ଦେଢଶୁର (ସ୍ୱାମୀଙ୍କର ବଡଭାଇ), ଦେଢଶାଶୁ (ସ୍ତ୍ରୀର ବଡଭଉଣୀ) – ଭଉଣୀଜ୍ୱାଇଁ (ସାନଭଉଣୀର ସ୍ୱାମୀ), ଭଣଜାବୋହୂ (ଭଣଜାର ପତ୍ନୀ), ମୌଳାଶୁର (ସ୍ୱାମୀଙ୍କ ମାମୁଁ) ପରସ୍ପରକୁ ଛୁଇଁବେ ନାହିଁ । କାରଣ, ଏମାନଙ୍କ ମ୍ଭରେ ବୟସର ତ'ାତ୍ କମ୍ ଥାଏ; ମଣିଷର ସହଜାତ ପ୍ରବୃତି ଯୋଗୁଁ ବିପଦ ଆସିପାରେ । ଆହୁରି ବଡ କଥା, ଏକ ଜୀବନ୍ତ ଓଡିଆ ସମାଜ ଆଜି ପର୍ଯ୍ୟନ୍ତ ଏହା ମାନି ଚଳି ଆସୁଛି । ଜୀବନ ରକ୍ଷା ପାଇଁ, ଏକ ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ଆମେ କାହିଁକି ସାମାଜିକ ଦୂରତା ରକ୍ଷା କରି ପାରିବା ନାହିଁ ?ଳଏହା ସହିତ ଆଉ ଗୋଟିଏ କଥା ନିୟମ ପରି ସମସ୍ତେ ମାନିବା - ଅତି ଦରକାର ନଥିଲେ, ଘରୁ ବାହାରିବା ନାହିଁ। ଶେଷରେ ଏତିକି କହିବି ଯେ ଯଦି ଆମେ ଆମର ପ୍ରକୃତ ଆତ୍ମବଳକୁ ଚିହ୍ନିପାରୁଁ ଓ ପ୍ରୟୋଗ କରିପାରୁଁ, ତେବେ କରୋନା ତ ତୁଚ୍ଛ, ଆହୁରି ମହା ମହା ବେମାରୀ ଆମ ଭିତରକୁ ପ୍ରବେଶ କରିପାରିବେ ନାହିଁ । କରୋନା ଯୋଦ୍ଧା ! ଆପଣଙ୍କୁ ଶତ ଶତ ଆନ୍ତରିକ ଧନ୍ୟବାଦ । ସର୍ବେ ସନ୍ତୁ ନିରାମୟାଃ

ତରାପୁର,ଲକ୍ଷ୍ମୀନଗର,
ଯାଜପୁର
ମୋ : ୯୯୩୭୫୯୩୪୯୩

## ଟମାଟୋ ରାଇସ୍

**ଆବଶ୍ୟକ ସାମଗ୍ରୀ:**
୫୦୦ ଗ୍ରାମ୍ ଅରୁଆ ଚାଉଳ, ୫୦୦ ଗ୍ରାମ୍ ଭଲ ପାଚିଲା ଟମାଟୋ, ୧୫୦ ମି.ଲି ରିଫାଇନ୍ ତେଲ, ଏକ ଚାମଚ୍ ଲେଖାଏଁ ମେଥି, ଜିରା, କଳାଜିରା ଓ ସୋରିଷ, ୧୦ଟି କଞ୍ଚାଲଙ୍କା, ୨ ଇଞ୍ଚର ଖଣ୍ଡେ ଅଦା, ୧ କପ୍ କଞ୍ଚା ମଟର ମଞ୍ଜି, ଅଳ୍ପ ହଳଦୀ ଗୁଣ୍ଡ ଓ ସ୍ୱାଦ ଅନୁଯାୟୀ ଲୁଣ, ଭୃସଙ୍ଗ ପତ୍ର, ଟିପେ ହେଙ୍ଗୁ ।



**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଚାଉଳକୁ ଟିକେ ଟାଣ ଅବସ୍ଥାରେ ଭାତ ରାନ୍ଧି ରଖନ୍ତୁ । ଟମାଟୋକୁ ଚିକ୍କଣ କରି ବାଟନ୍ତୁ କିମ୍ବା କୋରଣାରେ କୋରି ଦିଅନ୍ତୁ । ବର୍ତ୍ତମାନ କଢ଼େଇରେ ତେଲ ଗରମ କରି ଫୁଟଣ ଫୁଟାଇ ମଟର ମଞ୍ଜି, ଲଙ୍କା, ଅଦା, ଭୃସଙ୍ଗ ପତ୍ର ଭାଜନ୍ତୁ । ଏବେ ଏଥିରେ ଟମାଟୋ ବଟାକୁ ଢାଳି ହଳଦୀ, ଲୁଣ ଦେଇ ଅଳ୍ପ ଆଞ୍ଚରେ ଅଳ୍ପ ଅଳ୍ପ ଘାଣ୍ଟନ୍ତୁ ଯେପରି ଟମାଟୋର ରଙ୍ଗ କଳା ପଡ଼ି ନଯାଏ । ପାଣି ଶୁଖି ଅଳ୍ପ ମେଞ୍ଚା ମେଞ୍ଚା ହୋଇ ଆସିଲେ ସେଥିରେ ଭାତକୁ ଢାଳି ଭଲଭାବେ ଘାଣ୍ଟନ୍ତୁ । ଏହାକୁ ଚୁଲିରୁ ଓହ୍ଲାଇ ଥଣ୍ଡା ହେଲେ ଖାଇବାକୁ ଦିଅନ୍ତୁ ।

## ସମୁଦ୍ରରେ ଦେଖିବାକୁ ମିଳେ ଦୁଇଟି ରଙ୍ଗର ପାଣି



ବିଶ୍ୱ ରହସ୍ୟ ଓ ଚମତ୍କାରରେ ଭରି ହୋଇ ରହିଛି । ଏମିତି କିଛି ରହସ୍ୟ ଅଛି ଯାହାକୁ ବୈଜ୍ଞାନିକମାନେ ସମାଧାନ କରିପାରି ନାହାନ୍ତି । ଏମିତି ହିଁ ରହସ୍ୟ ରହିଛି ଅଲାସ୍କାର ଖାଡ଼ିରେ ଯେଉଁଠାରେ ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ଏକାଠି ମିଳନ କରନ୍ତି କିନ୍ତୁ ମିଶନ୍ତି ନାହିଁ । ଦୁଇଟି ମହାସାଗରର ପାଣି ଅଲଗା ଅଲଗା ଯାହା ପୂରା ସ୍ପଷ୍ଟ ଭାବେ ଦେଖାଯାଉଛି । ବୈଜ୍ଞାନିକମାନେ ବହୁତ ଗବେଷଣା କରିଛନ୍ତି ଯେଉଁଥିରୁ ଜଣା ପଡ଼ିଲା କି ପ୍ରକୃତରେ ଏହି ଦୁଇଟି ମହାସାଗରର ପାଣି କାହିଁକି ମିଶନ୍ତି ନାହିଁ । ଗ୍ଲେସିଅରରୁ ଯେଉଁ ପାଣି ବାହାରିଥାଏ ତାହା ନୀଳ ରଙ୍ଗର ହୋଇଥାଏ । ସେହି ମହାସାଗରର ପାଣି ଗାଢ଼ ନୀଳ ରଙ୍ଗର ହୋଇଥାଏ । ଦୁଇଟି ମହାସାଗର ପାଣି ଏହି କାରଣରୁ ଜଣେ ଅନ୍ୟ ଜଣଙ୍କ ସହ ମିଶନ୍ତି ନାହିଁ କାରଣ ଦୁଇଟି ପାଣିର ଘନତ୍ୱ, ତାପମାନ ଏବଂ ଲବଣତା ଭିନ୍ନ ଭିନ୍ନ । ଯଦିଓ କିଛି ଲୋକ ଏହା ବି ମାନି ଥାନ୍ତି କି ଯେତେବେଳେ ଘନତ୍ୱ ଥିବା ପାଣିରେ ସୂର୍ଯ୍ୟଙ୍କ କିରଣ ପଡ଼େ ସେତେବେଳେ ପାଣିର ରଙ୍ଗ ବଦଳିଯାଏ । ଯେଉଁ କାରଣରୁ ଏପରି ହୋଇଥାଏ । ଗ୍ଲେସିଅରରୁ ବାହାରିଥିବା ସାଗରର ପାଣି ମିଠା ଏବଂ ସମୁଦ୍ରର ପାଣି ଖାରା ହୋଇଥାଏ । ତେଣୁ ଯିଏ ଏହି ପାଣିକୁ ଦେଖେ ସିଏ ଆଶ୍ଚର୍ଯ୍ୟ ହୋଇଯାଏ ।

## ନଖ ଜଣାଇଥାଏ ଏହି ରହସ୍ୟ



ସଭିଏଁ ନଖକୁ ସୁନ୍ଦର କରି ରଖିଥାଆନ୍ତି । ଏହା ପ୍ରାୟ ଆପଣ ଦେଖିଥିବେ । ମାତ୍ର ନଖର ଆକାର ଓ ଏହାର ରଙ୍ଗ ଆପଣଙ୍କର ଆର୍ଥିକ ସ୍ଥିତି, ସ୍ୱାଭାବ ବିଷୟରେ ବହୁ କିଛି ଜଣାଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ନଖ ସହ ଜଡ଼ିତ କିଛି କଥା କୁହାଯାଇଛି । ଜାଣନ୍ତୁ ତାହା କ'ଣ ନଖର ଆକାର ଆଙ୍ଗୁଠିର ସାମାନ୍ୟ ଆଗକୁ ସରୁ ହୋଇ ରହିଥିଲେ ମଧ ଏହାକୁ ଉତ୍ତମ ନଖ ବୋଲି କୁହାଯାଏ । ଏଭଳି ନଖ ଥିବା ମହିଳାମାନେ ଭାଗ୍ୟଶାଳୀ ଅଟନ୍ତି ।

♦ଯେଉଁ ମହିଳାମାନଙ୍କର ନଖର ରଙ୍ଗ ସାମାନ୍ୟ ଗୋଲାପି, ଚିକ୍କଣ ହୋଇଥାଏ ସେମାନଙ୍କୁ ମଧ ଭାଗ୍ୟଶାଳୀ ମହିଳା କୁହାଯାଏ । ଏଭଳି ମହିଳାଙ୍କର ଜୀବନରେ ସଫଳତା ଶୀଘ୍ର ପାଇଥାଆନ୍ତି । ଏମାନଙ୍କ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ।

♦ଯେଉଁ ପୁରୁଷ ମାନଙ୍କ ଆଙ୍ଗୁଠିର ଶେଷ ଅଂଶଠାରୁ ନଖ ଅଧିକ ଉପରକୁ ଅଧିକ ଯାଇନଥାଏ, ସେମାନେ ଜୀବନରେ ନିଜ ପରିଶ୍ରମ ଦ୍ୱାରା ସଫଳତା ପ୍ରାପ୍ତି କରିଥାଆନ୍ତି ।

♦ଯେଉଁମାନଙ୍କର ନଖ ସାଧାରଣ ହଳଦିଆ ରଙ୍ଗର ହୋଇଥାଏ, ସେମାନଙ୍କ ଜୀବନରେ ଛୋଟ ବଡ଼ ସମସ୍ୟା ଲାଗି ରହିଥାଏ । ଯେଉଁମାନଙ୍କ ନଖ ସାମାନ୍ୟ ଲାଲ ରଙ୍ଗ ଓ ଚିକ୍କଣ ହୋଇଥାଏ, ଏଭଳି ସୁନ୍ଦର ନଖକୁ ଅତି ଉତ୍ତମ ନଖ କୁହାଯାଏ ।

## ବିବାହ ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବାର ବିଷୟରେ ଜାଣନ୍ତୁ

♦ମେଷ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ଶୁକ୍ରବାର କିମ୍ବା ମଙ୍ଗଳବାର ହେବା ଉଚିତ । ସନ୍ଧ୍ୟା ୭ଟା ପରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଦେଖିବାକୁ ଆସିଥିବା ଅତିଥିଙ୍କୁ ଚାଉଳରେ ପ୍ରସ୍ତୁତ ଖାଦ୍ୟ କିମ୍ବା ଖିରୀ ନିଶ୍ଚୟ ଖାଇବାକୁ ଦିଅନ୍ତୁ । ମାତ୍ର ଶନିବାର ଓ ବୁଧବାର ଏହି କାର୍ଯ୍ୟକ୍ରମ ରଖିବା ଅନୁଚିତ ।

♦ବୃଷ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ବୁଧବା, ଶୁକ୍ରବାର ଓ ଶନିବାର ଦିନ ଉତ୍ତମ ଅଟେ ।

ବୁଧବାର, ଶୁକ୍ରବାର ଓ ଶନିବାର ଦିନ ଉତ୍ତମ ଅଟେ । ଏହି କାର୍ଯ୍ୟକ୍ରମ ୧୨ ଟା ପୂର୍ବରୁ ରଖନ୍ତୁ ନାହିଁ । ଖାଦ୍ୟରେ ଗୋଲାପ ଜାମୁ ନିଶ୍ଚୟ ଖୁଆନ୍ତୁ । ମଙ୍ଗଳବାର ଏହି କାର୍ଯ୍ୟକ୍ରମ ରଖିବା ଅନୁଚିତ ।

♦ମିଥୁନ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ବୁଧବାର ଓ ଶୁକ୍ରବାର ଦିନ ଉତ୍ତମ ଅଟେ । ସନ୍ଧ୍ୟା ୪ରୁ ୬ଟା ସମୟରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଖାଦ୍ୟରେ ଆଳୁରେ ପ୍ରସ୍ତୁତ ଖାଦ୍ୟ ନିଶ୍ଚୟ ଖୁଆନ୍ତୁ । ମଙ୍ଗଳବାର ଓ ରବିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କର୍କଟ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଉତ୍ତମ ଅଟେ । ଗହମରେ ପ୍ରସ୍ତୁତ ମିଠା କିମ୍ବ ଚକୋଲେଟ ନିଶ୍ଚୟ ଖାଦ୍ୟରେ ରଖନ୍ତୁ । ଶନିବାର ଓ ରବିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

ସନ୍ଧ୍ୟା ୭ଟା ପରେ ମଧ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ସିଂହ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ମଙ୍ଗଳବାର ଓ ଗୁରୁବାର ରଖନ୍ତୁ । ସନ୍ଧ୍ୟା ୭ଟା ପରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ଖାଦ୍ୟରେ ମସଲାରେ ପ୍ରସ୍ତୁତ ଖାଦ୍ୟ ରଖନ୍ତୁ । ଖାଇବା ପରେ ଲବଙ୍ଗ ଓ ଗୁଜୁରାତି ଦିଅନ୍ତୁ । ଶନିବାର ଓ ବୁଧବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କନ୍ୟା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶୁକ୍ରବାର ଓ ବୁଧବାର ସର୍ବୋତ୍ତମ । ମଙ୍ଗଳବାର ଓ ରବିବାରରେ ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ବେସନରେ ପ୍ରସ୍ତୁତ ଖାଦ୍ୟ ପଦାର୍ଥ ନିଶ୍ଚୟ ଖାଦ୍ୟରେ



ରଖନ୍ତୁ ।

♦ତୁଳା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶନିବାର ଓ ଶୁକ୍ରବାର ରଖନ୍ତୁ । ଖାଦ୍ୟରେ ଚକୋଲେଟ ଓ ଗୋଲାପଜାମୁ ନିଶ୍ଚୟ ରଖନ୍ତୁ । ସୋମବାର ଓ ଗୁରୁବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ । ବିଛା ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ରବିବାର, ସୋମବାର ଓ ଗୁରୁବାର ସର୍ବୋତ୍ତମ । ଖାଦ୍ୟରେ ମିଠା ଦ୍ରବ୍ୟ ଓ କ୍ଷୀରରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ନିଶ୍ଚୟ ରଖନ୍ତୁ । ବୁଧବାର ଓ ଶନିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ଧନୁରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ମଙ୍ଗଳବାର ଓ ରବିବାର ସର୍ବୋତ୍ତମ । ଖାଦ୍ୟରେ ମୁଗରେ ପ୍ରସ୍ତୁତ ହାଲୱା ଓ ବର୍ଫି ରଖନ୍ତୁ । ବୁଧବାର ଓ ଶନିବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ମକର ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ଶୁକ୍ରବାର, ବୁଧବାର ଓ ଶନିବାର ସର୍ବୋତ୍ତମ । ପାନୀୟରେ ବିଭିନ୍ନ ଜୁସ୍ ଓ ସରବତ ରଖନ୍ତୁ । ମଙ୍ଗଳବାର ଓ ଗୁରୁବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦କୁମ୍ଭ ରାଶିର ବ୍ୟକ୍ତି ବା ମହିଳା ବିବାହ ପାର୍ଇ ପ୍ରଥମ ଦେଖା ଶୁକ୍ରବାର ଓ ବୁଧବାର ସର୍ବୋତ୍ତମ । ଖାଦ୍ୟରେ ଗୋଲାପଜାମୁ ନିଶ୍ଚୟ ରଖନ୍ତୁ । ରବିବାର ଓ ସୋମବାର ଏହି କାର୍ଯ୍ୟକ୍ରମ ରଖନ୍ତୁ ନାହିଁ ।

♦ମୀନ ରାଶିର ବ୍ୟକ୍ତି ବା ମହିଳା ବିବାହ ପାଇଁ ପ୍ରଥମ ଦେଖା ସୋମବାର, ମଙ୍ଗଳବା ଓ ଗୁରୁବାର ସର୍ବୋତ୍ତମ ।

## ଗଙ୍ଗା ନଦୀରୁ ମିଳିଲା ଏକ ପ୍ରଜାତିର ଆମେରିକାର ମାଛ



ହଜାର ହଜାର କିଲୋମିଟର ଦୂର ସାଉଥ୍ ଆମେରିକାର ଆମାଜନ୍ ନଦୀରେ ମିଳୁଥିବା ସକର ମାଉଥ୍ କ୍ୟାଟଫିଶ୍ ଏବେ ମିଳିଲା ବାରଣାସୀର ଗଙ୍ଗା ନଦୀରେ । ଏହି ନଦୀ ମିଳିବା ଆଶ୍ଚର୍ଯ୍ୟଜନକ କଥା ହୋଇଥିବା ବେଳେ ବୈଜ୍ଞାନିକଙ୍କ ପାଇଁ ସେତିକି ଚିନ୍ତାର ବିଷୟ ପାଲଟିଛି । ବାରଣାସୀର ରାମନଗର ରମନା ଦେଇ ଗୁଜରାଟର ଗଙ୍ଗା ନଦୀରେ ନାବିକଙ୍କୁ ଅଦ୍ଭୁତ ପ୍ରକାର ମାଛ ଦେଖିବାକୁ ମିଳିଛି । ବିଏଚୟୁର ମାଛ ବୈଜ୍ଞାନିକମାନେ ଏହାର ଚିହ୍ନଟ ସଉଥ୍ ଆମେରିକାର ଆମାଜନ୍ ନଦୀରେ ମିଳୁଥିବା ସକରମାଉଥ୍ କ୍ୟାଟଫିଶ୍ ବୋଲି କହିଛନ୍ତି । ଏହି ମାଛ ମାଂସାହାରୀ ଓ ଇକୋ-ସିଷ୍ଟମ ପାଇଁ ମଧ ବିପଦ । ଯାହାକୁ ନେଇ ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି । ନଦୀଗୁଡ଼ିକରେ ନିଜର ଗଭୀରତା ନେଇ ବହୁ ରହସ୍ୟ ରହିଛି, ତେବେ ଏଭଳି ମାଛ ସାରା ଭାରତ କିମ୍ବା ସାଉଥ୍ ଏସିଆରେ ମଧ ମିଳି ନଥାଏ ।



# କୋଭିଡରୁ ସୁସ୍ଥ ହୋଇ କାର୍ଯ୍ୟରେ ଯୋଗ ଦେଲେ କୋଭିଡ ଯୋଦ୍ଧା

## ପ୍ରଶଂସା କରି ଟ୍ୱିଟ ଜରିଆରେ ଅଭିନନ୍ଦନ ଜଣାଇଲେ ମୟୂରଭ ଏସ୍‌ପି



ବାରିପଦା,୧୫।୧୦ (ନି.ପ୍ର): କରୋନାକୁ ହରାଇ କାର୍ଯ୍ୟ କ୍ଷେତ୍ରରେ ଯୋଗ ଦେଲେ ୨ଜଣ ପୋଲିସ କର୍ମଚାରୀ। କରୋନାକୁ ହରାଇଥିବା ବାରିପଦା ସ୍ଥିତ ଜିଲ୍ଲା ପୋଲିସ ତଦନ୍ତକାରି ବିଭାଗର ୨ ଜଣ ପୁଲିସ ଅଧିକାରୀ ଆଜି କାର୍ଯ୍ୟ କ୍ଷେତ୍ରରେ ଯୋଗଦାନ କରିଛନ୍ତି। କରୋନା ଯୋଦ୍ଧା ଭାବେ କାର୍ଯ୍ୟରତ ଥିବା ସମୟରେ କିଛିଦିନ ପୂର୍ବେ ଏମାନେ କରୋନାରେ ଆକ୍ରାନ୍ତ ହୋଇଥିଲେ। ପୋଜିଟିଭ ଚିହ୍ନଟ କର୍ମଚାରୀଙ୍କ କୋଭିଡ୍ ନିମନ୍ତେ ଚିକିତ୍ସା କରାଯାଇଥିଲା। ତେବେ ଦୀର୍ଘଦିନ ଧରି କରୋନା ସହିତ ଲଢେଇ କରି ସୁସ୍ଥ ହୋଇଛନ୍ତି। କରୋନାକୁ ହରାଇ ପୁଲିସ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏନେଇ ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଜୋରଦାର ସ୍ୱାଗତ କରାଯାଇଛି। ଏନେଇ ମୟୁରଭ ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିତ ପୁରୁଷୋତ୍ତମ ଦାସ ଟ୍ୱିଟ କରି ଏହି ୨ଜଣ ଯୋଦ୍ଧାଙ୍କୁ ପୁଣିଥରେ କାର୍ଯ୍ୟରେ ଯୋଗ ଦେଇଥିବାରୁ ସେ ଗର୍ବ ଅନୁଭବ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଆରଏମସି ଆକାଉଂଟାଟଙ୍କ ବାସଭବନରେ ଭିଜିଲାନ୍ସ ଚଢ଼ଉ

ନବରଙ୍ଗପୁର,୧୫।୧୦ (ନି.ପ୍ର): ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଫିସରେ ଆକାଉଂଟାଟ ଭାବେ କାର୍ଯ୍ୟରତ ତଥା କ୍ୟାସିୟର୍ ଚାର୍ଜରେ ରହିଥିବା ଅଶୋକ ନନ୍ଦଙ୍କ ବାସଭବନ ଉପରେ ଆଜି ସକାଳୁ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । କାର୍ଯ୍ୟାଳୟ ସହିତ ଇଚ୍ଛାବତୀଗୁଡ଼ାର ତିନୋଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଛି । ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ଉ କରାଯାଇଛି । ଶେଷ ଖବର ସୁଦ୍ଧା ଚଢ଼ଉ ଜାରୀ ରହିଥିବାରୁ ଏନେଇ ଅଧିକ ତଥ୍ୟ ମିଳିପାରିନାହିଁ ।

# ୨୧ଦିନିଆ ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୧୦ (ନି.ପ୍ର): ଶିବାନନ୍ଦ ଯୋଗ ବେଦାନ୍ତ ଏକାଡ଼େମୀ ପକ୍ଷରୁ ୨୧ ଦିନିଆ ଅଧ୍ୟାପକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଶିବାନନ୍ଦ ସେଂଟେନାରୀ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଭର୍ଚୁଆଲି ଏହାର ଉଦ୍‌ଘାଟନ କରିଛନ୍ତି ଆନ୍ତର୍ଜାତୀୟ ଦିବ୍ୟଜୀବନ ସଂଘ (ଋଷିକେଶ)ର ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ। ଦେଶରେ ଗୁଣାତ୍ମକ ଶିକ୍ଷଣ ପଦ୍ଧତିର ମାନ ବୃଦ୍ଧି କରିବା, ଗବେଷଣା ନବୀକରଣ କୁ ପ୍ରଶିକ୍ଷଣ ମାଧ୍ୟମରେ ସାହାଯ୍ୟ ଓ ସହଯୋଗ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ତେଣୁ ଏ ଦିଗରେ ଅଧିକ ଜ୍ଞାନ ଆହରଣ କରିବା ସହ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ପାଇଁ ମୋଟ ୧୩ଟି ବିଷୟରେ ଶିକ୍ଷାଦାନ ନିମନ୍ତେ ଆୟୋଜନ କରାଯାଇଛି। ଏଥିରେ ସୂଚନା ଅଧିକାର ଆଇନ୍, ପ୍ରାକୃତିକ ଦୁର୍ବିପାକ ପରିଚ୍ଛଳନା, ଆଧୁନିକ ଶିକ୍ଷା ପଦ୍ଧତିରେ କମ୍ପୁଟର ସାକ୍ଷରତା, ବ୍ୟକ୍ତିତ୍ୱ ବିକାଶ, କ୍ୟାରିୟର ଗାଇଡ଼ାନ୍ସ, ମାନବିକ ଅଧିକାର ଓ ଆଇନ୍, ଖାଉଟି ସୁରକ୍ଷା ଓ ଆଇନ୍ ଇତ୍ୟାଦି ବାବଦରେ ତାଲିମ ଦିଆଯିବ ବୋଲି ଏକାଡ଼େମୀ ପକ୍ଷରୁ ଏହି ଅନ୍‌ଲାଇନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଏକାଡ଼େମୀର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ପ୍ରଧାନ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ବ୍ୟୋମକେଶ ତ୍ରିପାଠୀ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଡ଼ିନ୍ ପ୍ରଫେସର ବି.ଆର. ଶର୍ମା, ଜଗତଗୁରୁ କୃପାଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟାର ମଧୁସୂଦନ ମିଶ୍ର, ମୌଲାନା ଅବଦୁଲ କାଲାମ ଆଜାଦ ବି. ଇଡ୍ ମହାବିଦ୍ୟାଳୟ ମୁର୍ଶିଦାବାଦ (ପଶ୍ଚିମବଙ୍ଗ)ର ଅଧ୍ୟକ୍ଷ ହିମାଂଶୁ ବାରିକ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ଫୁଲବାଣୀ ନୂତନ ବିଡ଼ିଓଙ୍କ ଦାୟିତ୍ୱ ଗ୍ରହଣ

କନ୍ଧମାଳ,୧୫।୧୦ (ନି.ପ୍ର): ଫୁଲବାଣୀ ବ୍ଲକ ନୂତନ ବି.ଡ଼ି.ଓ ଭାବେ ଶାନ୍ତନୁ କୁମାର ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ମଙ୍ଗଳବାର ଦିନ ପୂର୍ବତନ ବି.ଡ଼ି.ଓ ସୁବ୍ରତ କୁମାର ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଏହି ଅବସରରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନେ ନୂତନ ବି.ଡ଼ି.ଓ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରକାଶ ଯେ, ଏଠାରେ ଥିବା ବି.ଡ଼ି.ଓ ଶ୍ରୀ ଜେନାଙ୍କର କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ ବି.ଡି.ଓ ଭାବେ ବଦଳି ହୋଇଛି। ଫୁଲବାଣୀ ନୂତନ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀ ନାୟକ ପୂର୍ବରୁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ବି.ଡ଼ି.ଓ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଜି.ଉଦୟଗିରି ବ୍ଲକରେ ନୂତନ ବି.ଡ଼ି.ଓ ଭାବେ ବିଜୟ ପ୍ରଧାନ ଯୋଗଦେଇଛନ୍ତି।

# ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା ରଥ

କନ୍ଧମାଳ,୧୫।୧୦ (ନି.ପ୍ର): ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ରାଜଶ୍ରୀ ପଟନାୟକଙ୍କ ଦ୍ୱାରା ଜିଲାର ଗ୍ରାମାଂଚଳ ଗୁଡିକରେ ମାନସିକ ସ୍ୱାସ୍ଥ୍ୟ ସଂମ୍ପର୍କିତ ସଚେତନତା ପାଇଁ ଏକ ସଚେତନତା ରଥାର ଶୁଭ ରଥ ଉଦ୍ ଘାଟନ କରାଯାଇଛି । ଏହି ରଥ ଜିଲାର ଗ୍ରାମାଞ୍ଚଗ୍ରାମଂଚଳରେ ସଚେତନତାର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଭ୍ରମଣ କରିବ । ଏହି ଅବସରରେ ଜିଲାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନୋଡ଼ାଲ୍ ଅଫିସର ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.କଲ୍ୟାଣି ମିଶ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ଼.ବସନ୍ତ କୁମାର ପାତ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ଼.ପ୍ରଭାକର ସାହୁ, ଏନ୍.ଏଚ୍.ଏମ୍ ଜିଲା ପରିଚାଳକ ମନୋ ରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମକର୍ତା ,ଦଧିବାମନ ରଥ, ମଧୁମିତା ସାହୁ ଓ ଦେବାଶିଷ୍ ମିଶ୍ରଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମର ସୂଚନା ପ୍ରକାରେ,ବର୍ତମାନ ଅନ୍‌ଲାଇନ୍ ମାନସିକ ଶିକ୍ଷା ଭିତିକ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ୧୬ ତାରିକ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷା , ଅଭିଜ୍ଞ ଚିକତ୍ସକ ଓ ଅଭିଜ୍ଞ ପରାମର୍ଶ ଦାତାଙ୍କ ଦ୍ୱାରା ପ୍ରଦାନ କରାଯାଉଛି । ଶିଘ୍ର ରୋଗ ନିରୁପଣ ଓ ଆଶୁ ଚିକତ୍ସା ମାନସିକ ରୋଗ ନିରାକରଣ ପାଇଁ ମାନସିକ ରୋଗ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି ।

# ବିପର୍ଯ୍ୟସ୍ତ ପରିମଳ, ମଶାଙ୍କ ଉତ୍ପାତ ବୃଦ୍ଧି

ନୂଆପଡା,୧୫।୧୦ (ନି.ପ୍ର): ନୂଆପଡା ଜିଲ୍ଲାର ପ୍ରମୁଖ ସହର ଖଡିଆଳ । ହେଲେ ସହରର ପରିମଳ ବ୍ୟବସ୍ଥା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି । ସହରର ବ୍ଲକ ଛକ ଠାରୁ ଆରମ୍ଭ କରି ଆମ୍ବେଦକର ଛକ, ଲକ୍ଷ୍ମୀଛକ ଓ ବିଭିନ୍ନ ୱାର୍ଡ ମାନଙ୍କରେ ମଇଳା ଗୁଡିକ ଜମା ହୋଇ ପଡିରହିଛି । ଫଳରେ ପରିବେଶ ଏକ ପ୍ରକାର ବିପର୍ଯ୍ୟସ୍ତ ଦେଖାଯାଉଛି । ଖଡିଆଳ ବିଜ୍ଞାପିତ ଅ ଳ ପରିଷଦରେ ଆବଶ୍ୟକ ସଂଖ୍ୟକ ସଫେଇ କର୍ମଚାରୀ ନଥିବାରୁ ଏପରି ଅବ୍ୟବସ୍ଥା ହେଉଥିବା ଏନ୍.ଏ.ସି କର୍ତୃପକ୍ଷ ପ୍ରକାଶ କରୁଥିବା ବେଳେ ତାହା ବାସ୍ତବ କି ନୁହେଁ ତଦନ୍ତ ସାପେକ୍ଷ । ସହରର ଯେଉଁ ସ୍ଥାନକୁ ଗଲେ ମଧ୍ୟ ଆବର୍ଜନା ଗୁଡିକ ପଡି ରହିଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବିପର୍ଯ୍ୟସ୍ତ ପରିମଳ ଯୋଗୁଁ ମଶାବଂଶ ବୃଦ୍ଧି ପାଉଥିବା ବେଳେ ମ୍ୟାଲେରିଆ ରୋଗୀ ସଂଖ୍ୟା ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରଶାସନ ପରିବେଶ ଓ ପରିମଳ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏହା ଠିକରେ କାର୍ଯ୍ୟକାରୀ ହୋଇପାରୁନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରି ପରିବେଶକୁ ସଫାସୁତୁରା ରଖିବାକୁ ବିଭିନ୍ନ ପଦକ୍ଷେପ ନେଇଥିଲେ ମଧ୍ୟ ମଧ୍ୟ ଏଠାରେ ପ୍ରଶାସନ ପରିମଳର ସୁଧାରରେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି ।

# ଜାଲ୍ ନିର୍ମାଣ ଶ୍ରମିକ କାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କା ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ଆରମ୍ଭ

## ଜଣେ ଡିଏସପିଙ୍କ ଦ୍ୱାରା ଚାଲିଛି ତଦନ୍ତ

ରାଉରକେଲା,୧୫।୧୦ (ନି.ପ୍ର): ରାଉରକେଲା ଶ୍ରମ ବିଭାଗରେ ଜାଲ୍ ନିର୍ମାଣ ଶ୍ରମିକ କାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କାର ହରିଲୁଟ୍ ନେଇ କଂଗ୍ରେସ ନେତା ରଶ୍ମିରଂଜନ ପାଢୀ ଯେଉଁ ଅଭିଯୋଗ ଗତ ୩୦ ତାରିଖରେ ରାଉରକେଲା ଭିଜିଲାନ୍ସ ଏସପିଙ୍କ ନିକଟରେ କରିଥିଲେ ତା'ର ତଦନ୍ତ ଭାର ଡିଏସପି ବୀରେନ୍ଦ୍ର କୁମାର ନାୟକଙ୍କୁ ଦିଆଯାଇଥିବା ବେଳେ ଘଟଣାରେ କେତେ ସତ୍ୟତା ରହିଛି ସେ ନେଇ ତଥ୍ୟ ସଂଗ୍ରହ ସାଙ୍ଗକୁ ବିଭିନ୍ନ ଦିଗରେ ଯାଂଚ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। କଂଗ୍ରେସ ନେତା ଶ୍ରୀ ପାଢୀ ଅଭିଯୋଗ କରିଥିଲେ ଯେ, ଜିଲ୍ଲାରେ ୧୨ରୁ ୧୫ ହଜାର ଜାଲ୍ ନିର୍ମାଣ ଶ୍ରମିକ କାର୍ଡ ପ୍ରସ୍ତୁତ କରାଯାଇ ଏହାରି ମାଧ୍ୟମରେ ପାଖା ପାଖି ୧୪ କୋଟି ଟଙ୍କାର ହରିଲୁଟ୍ କରାଯାଇଛି । ଏଥିରେ ଶ୍ରମ ବିଭାଗର ଅଧିକାରୀଙ୍କ ସାଙ୍ଗକୁ କେତେକ ଦଲାଲ୍ ଓ ସେମାନଙ୍କ ସହଯୋଗୀ ମାନେ ସଂପୃକ୍ତ ବୋଲି ସେ ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗରେ ସେ କାହାର ନାମ କିମ୍ବା ଅନୁଷ୍ଠାନର ନାମ ଲେଖି ନଥିବା ବେଳେ ଅନେକ ଲୋକ ଏହାକୁ ନେଇ ନାନା ପ୍ରକାର ମନ୍ତବ୍ୟ ଦେବାକୁ ପଛାଇନଥିବା ଦେଖା ଯାଇଛି । ସବୁଠୁ ବଡକଥା ହେଲା ରାସ୍ତା ଘାଟରେ ସିନା ଆଲୋଚନା ଯୋର ରହିଛି କିନ୍ତୁ ସେମାନେ ମିଡିଆକୁ ଏଯାଏ ଆସି ନାହାନ୍ତି । ଅଭିଯୋଗ ହୋଇଥିଲା ସରକାର କୋଭିଡ୍ ସମୟରେ ନିର୍ମାଣ ଶ୍ରମିକ ମାନଙ୍କୁ ଦେଇଥିବା ୧୫୦୦ ଟଙ୍କାକୁ ୧୭ଟି ବ୍ଲକ ଓ ଗୋଟିଏ ମହାନଗର ତଥା ୩ଟି ମ୍ୟୁନିସପାଲିଟି ଏରିଆରେ ୧୨ରୁ ୧୫ ହଜାର ଶ୍ରମିକ ନେଲେ ନାହିଁ । ଏମାନେ ଯଦି ପୂର୍ବରୁ ସାଇକେଲ, ସୁରକ୍ଷା ସାମଗ୍ରୀ ଓ ଅନ୍ୟାନ୍ୟ ସୁବିଧା ନେଲେ ତେବେ ଏହି ଅର୍ଥକୁ ନେଲେ ନାହିଁ କାହିଁକି । କୁଆଡେ ଗଲେ ସେହି ଶ୍ରମିକ ମାନେ । ନିକଟରେ ଏହି ହିସାବରେ ଜାଲ୍ ରାସନ କାର୍ଡକୁ ନେଇ ତଦନ୍ତ ଆଦେଶ ଜିଲ୍ଲାପାଳ ଦେବା ପରେ ଅନେକ ଜାଲ୍ କାର୍ଡ ପଦାକୁ ଆସିଛି । ତେଣୁ ସେହି ହିସାବରେ ଜାଲ୍ ନିର୍ମାଣ ଶ୍ରମିକକାର୍ଡ ମଧ କରାଯାଇଛି ଓ ସେଥିରେ ପାଖା ପାଖି ୧୪ କୋଟି ଟଙ୍କା ହରିଲୁଟ୍ ହୋଇଥିବା ନେଇ ଶ୍ରୀ ପାଢୀ ତଥ୍ୟ ସହ ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗ କରିବାର ୧୫ ଭିତରେ ଯାଂଚ୍ ଆରମ୍ଭ ନହେଲେ କିମ୍ବା ଯାଂଚ ସନ୍ତୋଷଜନକ ନହେଲେ ସେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପୂର୍ବରୁ ଚେତାବନୀ ଦେଇଥିଲେ। ତେବେ ବର୍ତମାନ ମିଳିଥିବା ଖବର ଅନୁଶାରେ, ଭିଜିଲାନ୍ସ ପକ୍ଷରୁ ଏ ବାବଦରେ ବର୍ତମାନ ଯାଏ ମାମଲା ରୁଜ୍ଜୁ ହୋଇନଥିବା ବେଳେ, ମାମଲାରେ କେତେ ସତ୍ୟତା ରହିଛି ତା'ର ଯାଂଚ୍ ଆରମ୍ଭ ହୋଇଛି । ଏହା ଛଡା ହୋଇଥିବା ଅଭିଯୋଗ ଅନୁଶାରେ, କେତେ ଲୋକ ଏଥିରେ ସାମିଲ୍ ହୋଇଛନ୍ତି, ସେମାନେ କିଏ,ସେମାନଙ୍କର ଅନୁଷ୍ଠାନ କ'ଣ, ସେମାନଙ୍କର ରୋଜଗାର କ'ଣ, ଆଉ କେଉଁମାନେ ସେମାନଙ୍କ ସହ ଅଛନ୍ତି, ସେମାନଙ୍କ ଠିକଣା କ'ଣ, କେଉଁ ସବୁ ମୋବାଇଲ ନମ୍ବର ସେମାନେ ବ୍ୟବହାର କରୁଛନ୍ତି, ଏହି ସବୁ ତଥ୍ୟ ସହ ଆହୁରି ଅନେକ ତଥ୍ୟ (ଯାହା ପ୍ରକାଶ ଯୋଗ୍ୟ ନୁହେଁ) ଭିଜିଲାନ୍ସ ସଂଗ୍ରହ କରିବାରେ ଲାଗିଥିବା ଖବର ମିଳିଛି । ଅଭିଯୋଗ ଲମ୍ବା ଚଉଡା ହୋଇଥିବାରୁ ଏହାର ଯାଂଚ୍ ପ୍ରକ୍ରିୟା ନିଶ୍ଚୟ ରୂପେ ସମୟ ସାପେକ୍ଷ, କିନ୍ତୁ ଏହାରି ଭିତରେ ଶ୍ରମ ବିଭାଗ ଆଖ ପାଖରେ ଭିଜିଲାନ୍ସ ଯାଂଚକୁ ନେଇ ନାନା କଥା ପ୍ରଚାର ଚାଲିଥିବା ଖବର ମିଳିଛି । ଅନ୍ୟ ପକ୍ଷରେ ଶ୍ରୀ ପାଢୀଙ୍କୁ ଏନେଇ ଯୋଗାଯୋଗ କରାଜିବାରୁ ସେ କହିଛନ୍ତି, ମୁଁ ଭିଜିଲାନ୍ସ ତଦନ୍ତକୁ ନିଶ୍ଚୟ ଅପକ୍ଷା କରିବି,ଏହା ଛଡା ଏହି ବିଭାଗକୁ ନେଇ ତାଙ୍କ ଦ୍ୱାରା ଲୋକାୟୁକ୍ତରେ କରାଯାଇଥିବା ମାମଲାରେ ନଭେମ୍ବର ୩ରେ କ'ଣ ହେଉଛି ତାକୁ ମଧ ସେ ଅପେକ୍ଷା କରିଛନ୍ତି, ସଠିକ୍ ସମୟରେ ସଠିକ୍ ପଦକ୍ଷେପ ନିଆଜିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# ଧାମରା ବନ୍ଦର ଓ ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକଙ୍କ ମୌଳିକ ଦାବୀ ନେଇ ବିକ୍ଷୋଭ



ଭଦ୍ରକ,୧୫।୧୦(ହି.ସ): ଧାମରା ଠାରେ ଆଦାନୀ ଗ୍ରୁପ୍ ଦ୍ୱାରା ପରିଚାଳିତ ଧାମରା ବନ୍ଦର ଓ ଏଲ୍ଏନ୍‌ଜି ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ପ୍ରଦାନ କରାଯିବା ନେଇ ଆଜି ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଧାମରା ବନ୍ଦର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ସଭାପତି ତଥା ବିଏମ୍ଏସ୍‌ର ରାଜ୍ୟ ଉପସାଧାରଣ ସମ୍ପାଦକ ଶାନ୍ତନୁ ମହାପାତ୍ରଙ୍କ ନେତୃତ୍ୱରେ କୋଭିଡ଼ ନିୟମକୁ ମାନି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଏଲ୍ଏନ୍‌ଜି ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକ ଓ ଧାମରା ବନ୍ଦରର କାର୍ଯ୍ୟରତ ଶ୍ରମିକ, ବିଏମ୍ଏସ୍‌ର କାର୍ଯ୍ୟକର୍ତ୍ତା, ଧାମରା ବନ୍ଦର କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ବିଏମ୍ଏସ୍ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶ୍ରୀ ମହାପାତ୍ରଙ୍କ ସହିତ ବିଏମ୍ଏସ୍‌ର ଜିଲ୍ଲା ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, ଧାମରା ବନ୍ଦର କର୍ମଚାରୀ ସଂଘର ସମ୍ପାଦକ ପ୍ରଫୁଲ୍ଲ ସେଠୀ, ବିଜୟ ପ୍ରତାପ ଜେନା, ରଂଜନ ମହାନ୍ତି, ବିଚିତ୍ର ବାରିକ ପ୍ରମୁଖ ବକ୍ତବ୍ୟ ରଖି ଧାମରା ଠାରେ ନିର୍ମାଣାଧିନ ଏଲ୍ଏନ୍‌ଜି ଟର୍ମିନାଲରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସେମାନଙ୍କ ମୌଳିକ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବା,ଧାମରା ବନ୍ଦର କର୍ମଚାରୀ ସଂଘ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କଦ୍ୱାରା କରାଯାଇଥିବା ଚୁକ୍ତିନାମା ଅନୁଯାୟୀ ବର୍ଦ୍ଧିତ ଦରମା ଏପ୍ରିଲ ମାସଠାରୁ ତୁରନ୍ତ ପ୍ରଦାନ କରିବା, ୨ ବିଭାଗରେ କାର୍ଯ୍ୟରତ ସମସ୍ତ ଶ୍ରମିକମାନଙ୍କୁ ବୋନସ୍ ପ୍ରଦାନ କରିବା, ଧାମରା ରେଲୱେରେ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ଆଦି ଦାବୀ ଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ଯଦି କମ୍ପାନୀ କର୍ତ୍ତୃପକ୍ଷ ଆଗାମୀ ଅକ୍ଟୋବର ୨୭ ତାରିଖ ମଧ୍ୟରେ ଉକ୍ତ ଦାବୀ ପୂରଣ ନ କରନ୍ତି ତେବେ ସଂଘ ୨୮ ତାରିଖ ଧାମରା ବନ୍ଦର ଏବଂ ରେଲୱେରେ କାର୍ଯ୍ୟବନ୍ଦ କରିବେ ବୋଲି ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷଙ୍କୁ ଚେତବାନୀ ଦେଇଥିଲେ।

## ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆଣ୍ଠୁଏ ପାଣି

କେନ୍ଦ୍ରାପଡ଼ା,୧୫।୧୦ (ନି.ପ୍ର): ଜିଲ୍ଲା ପ୍ରଶାସନର ମୁଖ୍ୟସ୍ଥଳୀ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବର୍ଷାଜଳ ଜମି ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେବା ସହ ଜଳନିଷ୍କାସନର କରୁଣ ଦୃଶ୍ୟ ଦେଖିବାକୁ ମିଳିଛି । ଜିଲ୍ଲାର ପ୍ରଶାସନିକ ମୁଖ୍ୟଙ୍କ ଠାରୁ ଆରମ୍ଭ କରି ଜନ ପ୍ରତିନିଧି, ରାଜନୈତିକ ଦଳର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଏହି ବାଟରେ ଯିବା ଆସିବା କରୁଥିବା ବେଳେ ଆଣ୍ଠୁଏ ପାଣି ଜମି ରହିବା କାହାରି ଦୃଷ୍ଟିରେ ପଡୁନଥିବା ଜନ ସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି । ଏହି ସମସ୍ୟା ନିୟମିତ ଭାବେ ଲାଗି ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ କାହିଁକି କରାଯାଉ ନାହିଁ ଏହାକୁ ନେଇ ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ବର୍ଷର ଅଧିକାଂଶ ଦିନ ଯଦି ପାଣି ଜମି ରହୁଛିତେବେ ଜିଲ୍ଲାର ଅନ୍ୟସ୍ଥାନ ମାନଙ୍କରେ ଜଳ ନିଷ୍କାସନ ବ୍ୟବସ୍ଥା କିପରି କାର୍ଯ୍ୟ କରୁଥିବ ତାହା ଜଳ ଜଳ ହୋଇ ଦେଖା ଯାଉଛି ।

# ବନ୍ଧପଡା ଠାରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଦାବି

ପଟ୍ଟାମୁଣ୍ଡାଇ,୧୫।୧୦ (ନି.ପ୍ର): ପଟ୍ଟାମୁଣ୍ଡାଇ ପୌରାଂଚଳ ଅନ୍ତର୍ଗତ ବେଲତଳ ୨୦ନଂ. ୱାର୍ଡ ବନ୍ଧପଡା ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଖୋଲିବା ପାଇଁ ଅଚଂଳବାସୀ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି । ଏ ସଂପର୍କରେ ଅଚଂଳବାସୀ ପଟ୍ଟାମୁଣ୍ଡାଇ ସିଡିପିଓଙ୍କୁ ଭେଟି ଦାବି କରିବା ପରେ ତହସିଲଦାର ଜାଗା ଯୋଗାଇଲେ ଅଙ୍ଗନବାଡି ଗୃହ ନିର୍ମାଣ କରାଯାଇ କେନ୍ଦ୍ର ଖୋଲାଯିବ ବୋଲି ସିଡିପିଓ କହିବାରୁ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଆଲୋଚନା କରିଥିଲେ । ତହସିଲଦାରଙ୍କ ନିର୍ଦ୍ଦେଶରେ ଆରଆଇ ଓ ଅମିନ ଗ୍ରାମକୁ ଯାଇ ଜାଗା ଚିହ୍ନଟକାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ଗ୍ରାମବାସୀଙ୍କ ସର୍ବସମ୍ମତ ପ୍ରସ୍ତାବ ସିଡିପିଓଙ୍କୁ ପ୍ରଦାନ କରାଯିବା ସହିତ ଆରଆଇ ରିପୋର୍ଟ ଓ ସ୍କେଚ ମ୍ୟାପ ମଧ ପ୍ରଦାନ କରାଯାଇଛି । ଇତି ମଧ୍ୟରେ ୬ ମାସ ବିତିଯାଇଥିଲେ ହେଁ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁକାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ । ଗ୍ରାମବାସୀମାନେ ସିଡିପିଓଙ୍କୁ ଭେଟି ପଚାରିଲେ ବିଡିଓ କାର୍ଯ୍ୟାଦେଶ ଦେବେ ବୋଲି କହୁଥିବାବେଳେ ଏହି ଘଟଣାସଂପର୍କରେ ସିଡିପିଓ ବୁଝିବେ ବୋଲି ବିଡିଓ କହୁଛନ୍ତି । ଯାହାଫଳରେ ବନ୍ଧପଡା ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ନେଇ ଅନିଶ୍ଚିତତା ଦେଖା ଦେଇଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ନିମ୍ନ ମାଧ୍ୟମିକ ପ୍ରାକ୍ତନ ସଭାପତି ସୁନାମଣି ଦାସ ଦାବି କରିଛନ୍ତି ।

# ସମୁଦ୍ର ସ୍ନାନ ବେଳେ ଅଘଟଣ : ଭାସି ଯାଉଥିବା ବେଳେ ୩ ଉଦ୍ଧାର

ପୁରୀ,୧୫।୧୦ (ନି.ପ୍ର): ଆଜି ଅପରାହ୍ନରେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ୩ ଜଣ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି । ଅପରାହ୍ନ ୨ଟା ୪୫ ମିନିଟରେ ଦିଗବାରେଣୀ ନିକଟ ସମୁଦ୍ରରେ ଗାଧୋଉଥିବା ବେଳେ ଉଚ୍ଚ ଲହଡି ଆସିବାରୁ ୩ ଜଣ ପର୍ଯ୍ୟଟକ ଭାସି ଯାଇଥିଲେ । ଏହି ସମୟରେ ସେଠାରେ ଥିବା ଲାଇଫଗାର୍ଡ ସଙ୍ଗେ ସଙ୍ଗେ ସମୁଦ୍ରକୁ ଲମ୍ଫ ଦେଇ ସେମାନଙ୍କୁ ଉଦ୍ଧାର କରିଥିଲେ । ଭାସିଯାଉଥିବା ପର୍ଯ୍ୟଟକମାନେ ହେଲେ କଲିକତା ମୁର୍ସିଦାବାଦ ଜିଲ୍ଲାର ବେଲମଙ୍ଗ ଥାନା ଅଂଚଳର ଥୁପାଜୁଲ ସେକ୍ (୧୭), ପୁରୀ ଜିଲ୍ଲା ପିପିଲି ଥାନା ନୂଆ ଶାସନର ଲକ୍ଷ୍ମୀଧର ନାୟକଙ୍କ ପୁଅ ରାକେଶ ନାୟକ (୧୮) ଓ ଡମ୍ବଲପୁର ବାସୁଦେବ ପଲ୍ଲୀ ଅଂଚଳର ପେରୁମୁନି ମେରୁ (୨୩) । ଲାଇଫଗାର୍ଡ ଜି ଜଗଦୀଶ, ପି ଗୋବିନ୍ଦ ଓ ବି. ସନ୍ତୋଷ ଅକ୍ଲାନ୍ତ ପରିଶ୍ରମ କରି ସେମାନଙ୍କୁ ଉଦ୍ଧାର କରି କୂଳରେ ଆଶୁ ଚିକିତ୍ସା କରିଥିଲେ । ଆଶୁ ଚିକିତ୍ସା ପରେ ଏମାନେ ସୁସ୍ଥ ହୋଇଥିବା ଜଣାପଡିଛି ।

# ମୟୂରଭଞ୍ଜ ସାଂସଦ ବ୍ୟାଙ୍କ ପଦାଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକରେ ବସିଲେ

ବାରିପଦା,୧୫।୧୦ (ନି.ପ୍ର): ମୟୂରଭଞ୍ଜ ଲୋକସଭା ସାଂସଦ ଇଂ ବିଶ୍ୱେଶର ଟୁଡୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଖୁଥିବା ସ୍ୱପ୍ନକୁ ସାକାର କରାଇବା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ଯୁବ ଗୋଷ୍ଠୀ ଓ କୃଷକମାନଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ଜିଲ୍ଲାର ଲିଡ଼ ଜୋନାଲ ମ୍ୟାନେଜର ଏବଂ ବିଭିନ୍ନ ବ୍ୟାଙ୍କ ସମୂହର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ନେଇ ବାରିପଦା ପ୍ରଦକ୍ଷଣ ଗୃହରେ ଏକ ସମୀକ୍ଷା ବୈଠକରେ ବସିଥିଲେ। ଉକ୍ତ ବୈଠକରେ ସାଂସଦ ଶ୍ରୀଟୁଡୁ ଭାରତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ କିପରି ଯୁବ ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭରଶୀଳ କରାଇବା ସହ କୃଷକମାନଙ୍କର ଆୟ ବୃଦ୍ଧି ହୋଇପାରିବ ତା ଉପରେ ଗୁରୁତ୍ୱ ଦେଇଥିଲେ। ମୟୂରଭଞ୍ଜ ଭଳି ଏକ ବୃହତ ଆଦିବାସୀ ବହୁଳ ଜିଲ୍ଲାରେ ଛଅ ଖଳକାରଖାନା ନ ଥିବା କାରଣରୁ ଜିଲ୍ଲା ଏବଂ ଜିଲ୍ଲାବାସୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇ ପାରି ନାହିଁ। ନିଜେ ସ୍ୱାବଲମ୍ବୀ ହୋଇପାରିଲେ ଜିଲ୍ଲା, ରାଜ୍ୟ ଓ ଦେଶର ଅଭିବୃଦ୍ଧି ହୋଇପାରିବ। ଏଦିଗରେ ବ୍ୟାଙ୍କ ସମୂହର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଥିନିମନ୍ତେ ସମସ୍ତ ବ୍ୟାଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ସାଂସଦ ଶ୍ରୀଟୁଡୁ ଆଲୋଚନାରେ ମତପୋଷଣ କରିଥିଲେ। ଏଣୁ ଆଗାମୀ ଦିନରେ ସ୍ୱରୋଜଗାର ଏବଂ କୃଷକମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କ୍ଷେତ୍ରରେ ବ୍ୟାଙ୍କ ସମୂହ ନିଜ ନିଜର ପ୍ରକ୍ରିୟାକୁ ସରଳ ଓ ତ୍ୱରାନ୍ୱିତ କରାଇ ଜନସାଧାରଣଙ୍କୁ କିପରି ସହଜରେ ଋଣ ମିଳିପାରିବ ସେଦିଗରେ ଅଧିକ ଯତ୍ନବାନ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଏମଏସଏମଇ, ପିଏମଇଜିପି, କୃଷି, ,ମତ୍ସ୍ୟ ଚାଷ, ପଶୁପାଳନ, ଉଦ୍ୟାନକୃଷି ଆଦି ସହିତ ସ୍ୱେଦେଶୀ ଜିନିଷ ନିର୍ମାଣ ନିମନ୍ତେ ବ୍ୟାଙ୍କ ସମୂହ ଋଣ ଯୋଗାଇ ଦେଲେ ଜିଲ୍ଲାବାସୀ ଉପକୃତ ହୋଇପାରିବେ ବୋଲି ସାଂସଦ ଶ୍ରୀଟୁଡୁ ଦୃଢୋକ୍ତି ପ୍ରକାଶ କରିଥିଲେ। ଏଣୁ ଆଗାମୀ ଦିନମାନଙ୍କରେ ମୟୂରଭଞ୍ଜବାସୀ କିପରି ଅଧିକରୁ ଅଧିକ ଉପକୃତ ହୋଇପାରିବେ ଏବଂ ସରକାରୀ ପ୍ରକ୍ରିୟାକୁ ଜନସାଧାରଣଙ୍କୁ ଅବଗତ କରାଇବା, ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା, ବ୍ୟାଙ୍କରେ ସ୍ୱତନ୍ତ୍ର ହେଲ୍ପ ଡେସ୍କ ଖୋଲିବା ନିମନ୍ତେ ସମୀକ୍ଷା ବୈଠକରେ ସାଂସଦ ବ୍ୟାଙ୍କର ଉଚ୍ଚପଦସ୍ଥ କର୍ମଚାରୀମାନଙ୍କୁ କଡ଼ା ଚେତାବନୀ ଶୁଣାଇଥିବା ବେଳେ କାର୍ଯ୍ୟକ୍ରମରେ ସାଂସଦଙ୍କ ବ୍ୟାଙ୍କ ପ୍ରତିନିଧି ହେମନ୍ତ ଶାହା ମଧ ଉପସ୍ଥିତ ରହିଥିଲେ।

# ସ୍ୱର୍ଗତ ଶରତ କରଙ୍କୁ ଉଚିତ୍ ସମ୍ମାନ ନଦେବା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ପିସିସି ସଭାପତିଙ୍କ ଚିଠି

ଭୁବନେଶ୍ୱର,୧୫।୧୦ (ନି.ପ୍ର): ପୂର୍ବତନ ବିଧାୟକ, ମନ୍ତ୍ରୀ, ସାଂସଦ ତଥା ବିଧାନସଭାର ବାଚସ୍ପତି ସ୍ୱର୍ଗତଃ ଶରତ କୁମାର କରଙ୍କ ବିୟୋଗ ପରେ ତାଙ୍କୁ ଉଚିତ୍ ସମ୍ମାନ ଦିଆଯାଇନଥିବା ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବୁଧବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ପତ୍ର ଲେଖିଛନ୍ତି। ପିସିସି ସଭାପତି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସ୍ୱର୍ଗତ କର ଜଣେ ସୁସାହିତ୍ୟିକ, ସୁବକ୍ତା ଓ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ ଥିଲେ। ତାଙ୍କର ଦେହତ୍ୟାଗ ପରେ ପିଲାମାନେ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ଇଚ୍ଛା ପୂରଣ କରିବା ପାଇଁ ସରକାରଙ୍କୁ ପ୍ରାର୍ଥନା କଲେ। ଅନ୍ୟମାନଙ୍କ କ୍ଷେତ୍ରରେ ସରକାର ଅନୁମତି ଦେଉଥିବା ବେଳେ ଶରତବାବୁଙ୍କ ଶରୀରକୁ ଦାହ କରିବା ପାଇଁ ଅନୁମତି ଦେଲେ ନାହିଁ। ପାଇଁ ଶରତବାବୁଙ୍କ ଭଳି ଏପରି ଜଣେ ବିଶିଷ୍ଟ ଲୋକଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସରକାରଙ୍କ ତରଫରୁ ଦିଆଗଲା ନାହିଁ। ଯଦି ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ନଜାଣିଛନ୍ତି ଦୟାକରି ଏହାର କାରଣ ବୁଝନ୍ତୁ, କାହା ସ୍ୱାର୍ଥରେ ଓ କେଉଁମାନଙ୍କ ଦାୟିତ୍ୱହୀନତା ପାଇଁ ଆଜି ଓଡିଶାରେ ଏଭଳି ଏକ ଅପମାନସୂଚକ କାର୍ଯ୍ୟ ହୋଇଛି ସେ ସଂପର୍କରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଯେଉଁ ଭୁଲ୍‌ଟି ହୋଇଛି ସେ ଭୁଲ୍ ପାଇଁ ରାଜ୍ୟ ସରକାର ଦୁଃଖ ପ୍ରକାଶ କରିବେ କି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଜଣେ ସୁନାମଧନ୍ୟ ବ୍ୟକ୍ତି ଏବଂ ବିଧାନସଭାର ବାଚସ୍ପତି ଥିବା ସତ୍ୱେ ତାଙ୍କ ମରଶରୀରକୁ ବିଧାନସଭାକୁ ମଧ ନିଆଗଲା ନାହିଁ। ସରକାର କିପରି କାର୍ଯ୍ୟ କରୁଛନ୍ତି ଏହାକୁ ଓଡିଶାବାସୀ ବିଚାର କରିବା ଦରକାର ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

# କରୋନା ମୁକାବିଲାରେ ପ୍ରଶାସନର ବିଫଳତାକୁ ନେଇ ଉଦ୍‌ବେଗ

## ବାଲେଶ୍ୱର ସିଭିଲ ସୋସାଇଟି ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୧୫।୧୦ (ନି.ପ୍ର): ଜିଲ୍ଲାରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଥିବା ବେଳେ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇ ଚାଲିଥିବା ବେଳେ ପ୍ରଶାସନର ଖାମଖିଆଲି ମନୋଭାବ ପ୍ରତିବାଦରେ ବାଲେଶ୍ୱର ସିଭିଲ ସୋସାଇଟି ଆଜି ବିକ୍ଷୋଭ ପ୍ରଦର୍ଶନ କରିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ସୋସାଇଟିର ଉପ-ସଭାପତି ବସନ୍ତ ସ' ଅଧକ୍ଷତା କରିଥିବା ବେଳେ ସଂପାଦକ ତଥା ଆଇନଜୀବୀ ମନୋଜ ନାୟକ ଜିଲ୍ଲାବ୍ୟାପୀ ସ୍ୱାସ୍ଥ୍ୟସେବାରେ ସରକାରଙ୍କ ଚରମ ବିଫଳତା ସଂପର୍କରେ ସୂଚନା ଦେଇଥିଲେ। ସରକାରୀ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ ହେବାର ୩ବର୍ଷ ପରେ ବି ସାଧାରଣ ରୋଗୀଙ୍କୁ ଆବଶ୍ୟକୀୟ ଚିକିତ୍ସା ପ୍ରଦାନ ନକରି ପୂର୍ବଭଳି କଟକ ବଡ଼ଡାକ୍ତରଖାନାକୁ ଡାକ୍ତରମାନେ ପଠାଇ ଦେଉଥିବା ଶ୍ରୀ ନାୟକ ଅଭିଯୋଗ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ମହାନ୍ତି, ପ୍ରେମରଂଜନ ପାତ୍ର, ସୀତାରାମ ପ୍ରଧାନ, ବିଧାନ ଚନ୍ଦ୍ର ରାୟ ଓ ଅରୁଣ ଜେନା ପ୍ରମୁଖ ଏଥିରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କରୋନା ମୁକାବିଲା ବିଫଳତାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଜିଲ୍ଲାରେ କରୋନା ସଂକ୍ରମଣ ଓ ଏଥି ଜନିତ ମୃତ୍ୟୁ ବଢ଼ି ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ସଠିକ୍ ତଥ୍ୟ ନଦେବା, ସଂକ୍ରମଣ ବୃଦ୍ଧିକୁ ରୋକିବାରେ ପ୍ରଶାସନର ବିଫଳତା, ସାଧାରଣ ରୋଗୀଙ୍କୁ କରୋନା ଆଳରେ ଆବଶ୍ୟକୀୟ ଚିକିତ୍ସା ଯୋଗାଇବାରେ ଅବହେଳା କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବକ୍ତାମାନେ କହିଥିଲେ। ଅନ୍ୟପକ୍ଷରେ ଦୀର୍ଘବର୍ଷ ଧରି ନିର୍ମାଣାଧିନ ଏମସ୍ ସେଟ୍‌ଲାଇଟ୍ ସେଣ୍ଟରକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ମେଡିକାଲ୍ କଲେଜ୍ ସଂଲଗ୍ନ ଅତ୍ୟାଧୁନିକ ହସପିଟାଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା, ଖାଲି ପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ କରିବା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ସାଧାରଣ ରୋଗୀମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ଯୋଗାଇବା ଓ କୋଭିଡ୍ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ଏନେଇ ପ୍ରଶାସନ ଉଚିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସୋସାଇଟି ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ। ଏହି ଅବସରେ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବନ୍ଦନା ବିଶ୍ୱାସ ଧନ୍ୟବାଦ ଦେଇଥିଲେ। ଯତୀନ୍ ପାତ୍ର, ଶ୍ୟାମସୁନ୍ଦର ଜେନା, ପ୍ରଦୀପ ଦାସ, ଭରତ ଚନ୍ଦ୍ର ସେଠୀ, ରାମଚନ୍ଦ୍ର ସାହୁ, ପ୍ରଦୀପ ରାଉତ ଓ ଜୟନ୍ତୀ ଦଳେଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବରିଷ୍ଠ ବିଜେପି ଯୁବନେତାଙ୍କ ପରଲୋକ: ଅଂଚଳରେ ଶୋକର ଛାୟା

ନୀଳଗିରି ,୧୫।୧୦ (ନି.ପ୍ର): ନୀଳଗିରି ଏନ୍.ଏ.ସି. ଅଧିନସ୍ଥ ୪ ନଂ ୱାର୍ଡର ବି.ଜେ.ପି.ର ଯୁବନେତା ପ୍ରଦୀପ କୁମାର ଆଚାର୍ଯ୍ୟ(୫୬)ଙ୍କର ବୁଧବାର ରାତି ୩ଟା ସମୟରେ ଭୁବନେଶ୍ୱର ଆଦିତ୍ୟ କେୟାରରେ ମୃତ୍ୟୁ ହୋଇଯାଇଛି । ସେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ହୃଦ୍‌ଘାତ ରେ ମୃତ୍ୟୁ ହୋଇଥିବାର ମେଡିକାଲ ସୂତ୍ରରୁ ପ୍ରକାଶ । ତାଙ୍କର ଗୋଟାଏ ଝିଅ, ଗୋଟାଏ ପୁଅ ଅଛନ୍ତି । ସେ ଜଣେ ପରୋପକାରୀ, ମିଷ୍ଟଭାଷୀ,ମେଳାପି,ବନ୍ଧୁବତ୍ସଳ ଥିଲେ। ତାଙ୍କର ମୃତ୍ୟୁରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ,କେନ୍ଦ୍ର ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ,ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀ ଶୋକସନ୍ତୋପ ପରିବାରକୁ ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ତେବେ ମୃତ ଶରୀର ଜନ୍ମମାଟି ମିରିଗିଣିକୁ ଅଣାଯାଇନଥିବା ବେଳେ ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ଶେଷକୃତ୍ୟ କରାଯାଇଛି । ଏନେଇ ସମଗ୍ର ନୀଳଗିରି ଏନଏସିରେ ଶୋକର ଛାୟା ଖେଳିଯାଇଛି । ଅପରପକ୍ଷରେ ଆଜି ସକାଳେ ବିଜେପି କାର୍ଯ୍ୟାଳୟରେ ଏକ ଶୋକ ସଭାର ଆୟୋଜନ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ସୁକାନ୍ତ ନାୟକ , ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ନଗରସଭାପତି ମନୋରଂଜନ ବେହେରା, ନଟୁସରକାର, କାଲୁପରିଡା, କାହ୍ନୁ ପରିଡା, ଅସୁଆ ପ୍ରଧାନ, ଆରତ ନାୟକ, କାଳିଆ ମୁନି, ରବିନ୍ଦ୍ର ପାତ୍ର, ବିଦ୍ୟାଧର ଖଟୁଆ, ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ରହି ୰ ପ୍ରଦୀପ ଆଚାର୍ଯ୍ୟଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ,ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ନୀରବ ପ୍ରାର୍ଥନା କରିଥିଲେ।

## ୩ ନାବାଳକ ପିତାଙ୍କ କ୍ୟାନସର : ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ନୀଳଗିରି ,୧୫।୧୦ (ନି.ପ୍ର): ଭଗବାନଙ୍କର ବିଚିତ୍ର ଲୀଳା। ହସ କାନ୍ଦର ସଂସାରରେ ଘୋଟିଛି କଳାବାଦଲ। କ୍ଷଣସ୍ଥାୟୀ ଜୀବନରେ ଦୁଃଖ ଦାରିଦ୍ର୍ୟକୁ ପିଠିରେ ପକାଇ ପରଘରେ ମେହନତ କରି ନିଜ ସଂସାର ଚଳାଇ ଆସୁଥିଲା ବେଳେ ହଠାତ ପରିବାରର ମୁଖିଆଙ୍କୁ କ୍ୟାନସର ଫଳରେ ଅଦିନରେ ଝଡିଯିବାକୁ ବସିଛି ୩ ନିର୍ବୋଧି ଶିଶୁ ଏବଂ ପତ୍ନୀଙ୍କ ଏକମାତ୍ର ସାହାରା ଅନ୍ତର୍ଯ୍ୟାମି। ଏଭଳି ଘଟଣା ନୀଳଗିରି ଉପଖଣ୍ଡର ବରହମପୁର ଥାନା ଅଧିନସ୍ଥ କରଞ୍ଜବଣି ଗାଁର ମହେନ୍ଦ୍ର ରାଉତଙ୍କ ପରିବାରର ଦେଖିବାକୁ ମିଳିଛି । ମହେନ୍ଦ୍ର ନିଜର ଆଖିକୁ ଦେଖାଯାଉ ନଥିବା ବେଳେ ଏକମାତ୍ର ରୋଜଗାରିଆପୁଅ ଅର୍ନ୍ତର୍ଯ୍ୟାମୀ ରାଉତ (୩୪) ପରଘରେ କାମ କରି ବାପା , ମାଆ , ସ୍ତ୍ରୀ ସମେତ ୩ ପିଲାଙ୍କୁ ଭରଣ ପୋଷଣ କରିଆସୁଥିଲା । ମାତ୍ର ବିଧିର ବିଧାନ ବଡ଼ ବିଚିତ୍ର । ୩ ମାସ ତଳେ ଅନ୍ତର୍ଯ୍ୟାମୀର ଦେହ ଅସୁସ୍ଥ ହେବାରୁ ସ୍ତ୍ରୀ ରୀନା ରାଉତ ନୀଳଗିରି ମେଡ଼ିକାଲ ଆଣିଥିଲେ । ସେଠାରେ ଡାକ୍ତର କିଡ଼ନୀ ଖରାପ ଥିବାରୁ ପେଟ ଫୁଲି ଯାଉଛି, ତୁରନ୍ତ ବାଲେଶ୍ୱର ଡାକ୍ତର ଖାନାକୁ ପଠାଇ ଦେଇଥିଲେ । ପାଖରେ କାଣି କଉଡ଼ିଟିଏ ନଥିବା ବେଳେ ଧାର କରଜ କରି ବାଲେଶ୍ୱର ମେଡ଼ିକାଲରେ ୧୫ ଦିନ ରହିଲାପରେ ପ୍ରଥମେ ଟି.ବି. ୱାର୍ଡ , ପରେ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଲା ପରେ କିଛି ସଫଳ ନ ମିଳିବାରୁ ଡାକ୍ତର କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ । ମାଗିଯାଚି କିଛି ଟଙ୍କା ନେଇ କଟକ ମେଡ଼ିକାଲ ଗଲାପରେ ସେଠାରେ ୨୦ ଦିନ ରହିଲାପରେ କିଡ଼ନୀ ନଷ୍ଟ ହେବା ସହ ଷ୍ଟନ ଓ କ୍ୟାନସରକୁ ଗତି କରୁଛି, ତୁରନ୍ତ ଅସ୍ତ୍ର ପ୍ରଚାର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଆବଶ୍ୟକ । ପାଖରେ ଟଙ୍କାଟିଏ ନଥିବାରୁ ଉପାୟ ନପାଇ ଶେଷରେ ବହୁ କଷ୍ଟରେ ଘରକୁ ପଳାଇ ଆସିଥିଲେ । ପୁଣି ପେଟରେ ଯନ୍ତ୍ରଣା ହେବାରୁ ସ୍ତ୍ରୀ ରୀନା ଆଜକୁ ୧୫ ଦିନ ଧରି ଭଗବାନଙ୍କ ଭରସାରେ ନୀଳଗିରି ମେଡିକାଲରେ ଭର୍ତି କରି ପ୍ରତିଦିନ ୫ ରୁ ୬ ଲିଟର ପାଣି ବାହାର କରାଯାଉଛି , ତୁରନ୍ତ ଅପରେସନ ପାଇଁ ଡାକ୍ତର କହୁଥିବା ବେଳେ ପାଖରେ ଟଙ୍କାଟିଏ ନାହିଁ । ଏପଟେ ୩ ଛୁଆଙ୍କର ଏକ ପ୍ରକାର ଅର୍ଥାଭାବରୁ ପାଠପଢ଼ାରେ ଡ଼ୋରୀବନ୍ଧା ହେଲାଣି । ବଡ଼ ଝିଅ ଜ୍ୟୋତି ବରହମପୁର ଦୀନବନ୍ଧୁ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ମଝିଆଁ ଝିଅ କଣ୍ଡେଇ ୭ମ ଶ୍ରେଣୀ , ସାନପୁଅ ରାଜୁ ୨ୟ ଶ୍ରେଣୀରେ ପଢୁଅଛି । ଏପରି ସ୍ଥିତିରେ ସ୍ତ୍ରୀ ବା କଣ କରିପାରିବ , ଆଖିର ଲୁହ ଆଖିରେ ଭିଜିବା ସାର ହୋଇଛି। ଘରେ ଏକୁଟିଆ ପୁଅ ହୋଇଥିବାରୁ ଘରେ ଛେଳି, ଗୋରୁ , ବେଲା, ବାସନ, ବାଡିରେ ଗଛ ବିକ୍ରୀ କରି ଯାହା ପଇସା ଥିଲା ସବୁ ଖର୍ଚ୍ଚ ହୋଇସାରିଲାଣି। ଏବେ ପାଖରେ କାଣି କଉଡିଟିଏ ନାହିଁ । ଯଦି କେହି ସହୃଦୟ ବ୍ୟକ୍ତି ଅର୍ନ୍ତର୍ଯ୍ୟାମୀର ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ତେବେ ଅର୍ନ୍ତର୍ଯ୍ୟାମୀର ସୁନାର ସଂସାର ପୁଣି ହସିଉଠିବ । ଉକ୍ତ ମୋବାଇଲ ନଂମ୍ବର ୮୧୪୪୮୭୦୬୮୧ରେ ଯୋଗାଯୋଗ ପାଇଁ ସ୍ତ୍ରୀ ରୀନା ରାଉତ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି । ତେବେ ଚିକିତ୍ସାପାଇଁ ଏବାବଦରେ ନୀଳଗିରି ଉପ-ଜିଲ୍ଲାପାଳଙ୍କୁ ଗୁହାରି କରିଥିବା ବେଳେ ନୀଳଗିରି ଉପଜିଲ୍ଲାପାଳ ସରକାରୀ ସହାୟତା କରିବାକୁ ପ୍ରତିଶୃତି ଦେଇଥିବା ଜଣାପଡିଛି।

# ଡକ୍ଟର ଶ୍ରୀହରି ପଣ୍ଡାଙ୍କୁ ପ୍ରଶାନ୍ତ ସ୍ମୃତି ସମ୍ମାନ

## ସ୍ମୃତି ହିଁ ମାନବ ସଭ୍ୟତା ଓ ଚେତନାର ସାରାଂଶ



ମୟୂରଭଂଜ,୧୫।୧୦ (ନି.ପ୍ର): ସାରସ୍ୱତ ଜିଜ୍ଞାସା ଏବଂ ଜିଜୀବିଷାର ମୃତ୍ୟୁନାହିଁ। କଳାତ୍ମକ ଏଷଣାର ପଥ ଯେଉଁ ଭଳି ଉତ୍ସଂଧାନୀ ସେହିଭଳି ଭବିଷ୍ୟତ ଧର୍ମୀ । ସହଯୋଗୀତା, ସହଭାଗୀତା ଓ ଦାୟିତ୍ୱଶୀଳତାର ସୂତ୍ରରେ ଏହା ଲେଖନୀରୁ ଲେଖନୀକୁ ହସ୍ତାନ୍ତରିତ ହୋଇଥାଏ ଏବଂ କ୍ରମଶଃ ଆଲୋଚନା ଏବଂ ପର୍ଯ୍ୟାଲୋଚନାର ନବଉନ୍ମେଷ ଘଟିଚାଲିବା ଏକ ଅନ୍ତହୀନ ଯାତ୍ରା ବୋଲି ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ ତଥା ଗବେଷକ ଡଃ ଶ୍ରୀହରି ପଣ୍ଡା ଗତ ୧୪ ତାରିଖ ଦିନ ଉଦଳାଠାରେ ଆୟୋଜିତ ସାରସ୍ୱତ ସାଧକ ଅଧାପକ ପ୍ରଶାନ୍ତ ବେହେରାଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀରେ ଚଳିତ ବର୍ଷ ପାଇଁ ପ୍ରଶାନ୍ତ ସ୍ମୃତି ସମ୍ମାନ ଗ୍ରହଣ କରିବା ଅବସରରେ ପ୍ରକାଶ କରିଛନ୍ତି । ପ୍ରଶାନ୍ତ ସ୍ମୃତି କମିଟି ପକ୍ଷରୁ ଏହି ଉପଲକ୍ଷେ ଆୟୋଜିତ ନିରାଡମ୍ବର ସ୍ମୃତି ସମାରୋହରେ ଭକ୍ତି ଜ୍ଞାନ ସଂଚାର ସମିତିର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୋଥାଳ ଡକ୍ଟର ପଣ୍ଡାଙ୍କୁ ପାରମ୍ପାରିକ ରୀତିରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଅର୍ପଣ କରି ସ୍ମୃତି ହିଁ ମାନବ ସଭ୍ୟତା ଓ ଚେତନାର ସାରାଂଶ ଏବଂ ତାର ରୋମନ୍ଥନ ଆତ୍ମାକୁ ଶୋକର ସଂକ୍ଷିପ୍ତ ପରିଧିରୁ ମାନବୀୟ ଆବେଗର ଅପରିସୀମ କ୍ଷେତ୍ରକୁ ନେଇଥାଏ ବୋଲି ପ୍ରକାଶ କରିଥିଲେ । ଉଲ୍ଲେଖନୀୟ ଯେ, କପ୍ତିପଦା ମହାବିଦ୍ୟାଳୟରେ କାର୍ଯ୍ୟରତ ଓଡିଆ ବିଭାଗର ଅଧାପକ ଡକ୍ଟର ଶ୍ରୀହରି ପଣ୍ଡା ବିଭିନ୍ନ ଓଡିଆ ପତ୍ରପତ୍ରିକା ତଥା ସମାଜ, ସମୟ, ପ୍ରମେୟ, ସମ୍ବାଦ, ଧ୍ୱନିପ୍ରତିଧ୍ୱନି ପରି ବହୁ ଖବର କାଗଜର ନିୟମିତ ପ୍ରବନ୍ଧକାର ଭାବରେ ଦୀର୍ଘ ୨୦ ବର୍ଷ ଧରି ନିଜର ବାଣୀ ସାଧନା ଜାରି ରଖିଛନ୍ତି । ପ୍ରଦତ୍ତ ମାନପତ୍ରକୁ ସାହିତ୍ୟିକ କରୁଣାକର ଦାସ ପାଠ କରିଥିବା ବେଳେ ସ୍ୱର୍ଗତ ପ୍ରଶାନ୍ତ ବେହେରାଙ୍କର ପିତା ତଥା ବରିଷ୍ଠ ଶିଶୁ ସାହିତ୍ୟିକ ଶ୍ରୀଯୁକ୍ତ ଶ୍ରୀକାନ୍ତ ପ୍ରସାଦ ବେହେରା ସେଠାରେ ଉପସ୍ଥିତ ରହି ଡକ୍ଟର ପଣ୍ଡାଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଥିଲେ । ଅନୁଷ୍ଠାନର ଆବାହକ ତଥା ସମ୍ପାଦକ ଇଂ ସୁଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶେଷରେ ପ୍ରେମୀକ ସାଜିଲା ବଇରି : ପୁଲିସ ସହାୟତାରେ ସମସ୍ୟାର ସମାଧାନ

ଜଳେଶ୍ୱର, ୧୫/୧୦ (ନି.ପ୍ର) : ବିଧାତାର ବିଧାନରେ ଜଣେ ମହିଳା ଚଉଠି ରାତିରେ ପ୍ରେମୀକ ସହିତ ପଳାଇବା ଓ ପରେ ସ୍ୱାମୀ-ସ୍ତ୍ରୀ ସଂପର୍କ ନେଇ ଚଳୁଥିବା ବେଳେ ଶେଷରେ ପ୍ରେମୀକ ସ୍ୱାମୀ ଜଣକ ବଇରି ସାଜିଲା । ପଶ୍ଚିମବଂଗରୁ ଆଣି ୬୦ନଂ ଜାତୀୟ ରାଜପଥର ଜଳେଶ୍ୱର ଇଲାକାରେ ଛାଡି ପଳାଇବା ପରେ ଜଳେଶ୍ୱର ଥାନାରେ ଯୁବତୀର ଅଭିଯୋଗ ଯୋଗୁଁ ଜଳେଶ୍ୱର ଓ ଦାନ୍ତୁନ ଥାନା ମଧ୍ୟସ୍ଥତାରେ ସମସ୍ୟାର ସମାଧାନ ହୋଇ ପାରିଛି । ଘଟଣାରୁ ପ୍ରକାଶ ଗତ ମଂଗଳବାର ସଂଧ୍ୟାରେ ରଶ୍ମିତା ମୁଖୀ ନାମକ ଜନୈକା ମହିଳା ଜଳେଶ୍ୱର ଥାନାରେ ପହଞ୍ଚି ତାର ସ୍ୱାମୀ ଦାନ୍ତୁନ ଥାନା ଅନ୍ତର୍ଗତ ପନଗାଁ ଅଂଚଳର ଅମୁହାଁ ଗାଁର ଲୋଟନ ସାମଲ ତାକୁ ଆମ୍ବଳିଅଠା ବାଇପାସ୍ ନିକଟରେ ଛାଡି ଚାଲି ଯାଇଥିବାର ଅଭିଯୋଗ କରିଥିଲା। ପରେ ଜଳେଶ୍ୱର ଥାନା ଏଏସ୍‌ଆଇ ନରେନ୍ଦ୍ର ନାଥ ସେଠୀ ମହିଳା ପୁଲିସ୍ ହେପାଜତ୍‌ରେ ରଶ୍ମିତାକୁ ରଖି ଗତ ବୁଧବାର ଦାନ୍ତୁନ ଥାନା ପୁଲିସ୍ ସହିତ ଯୋଗାଯୋଗ କରିଥିଲେ । ଶେଷରେ ରଶ୍ମିତାକୁ ନେଇ ସମସ୍ୟାର ସମାଧାନ କରି ତାର ଘରେ ଛାଡିଥିଲେ। ସୂଚନାଯୋଗ୍ୟ ରଶ୍ମିତାର ବାପାଙ୍କ ଘର କମର୍ଦ୍ଦା ଥାନା ଅନ୍ତର୍ଗତ ଆରୁଆବୃତ୍ତି ଗାଁରେ । ଗତ କିଛିମାସ ପୂର୍ବରୁ ତାର ବିବାହ ଅନ୍ୟତ୍ର ଦିଆଯିବା ଚତୁର୍ଥୀ ରାତିରେ ସେ ଏହି ପ୍ରେମିକ ଲୋଟନ ସାମଲ ସହିତ ଫେରାର ହୋଇଥିଲା । ଏବେ ଲୋଟନ ସାମଲ ତାକୁ ଆଡ ଆଖିରେ ଦେଖିଥିବାର ରଶ୍ମିତା ଅଭିଯୋଗ କରିଛି। ଶାଶୁ ଘରେ ତାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ,୧୫।୧୦ : ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୬୧୬୬ରେ। ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି। ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## କରୋନା ମୃତ୍ୟୁରେ...

କରୋନା ସଂକ୍ରମିତ ମୃତ୍ୟୁ ଘଟିଛି। ବୌଦ୍ଧ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ରାଉରକେଲାର ଜଣେ ୬୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୩୬ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି ।

## ବାଲେଶ୍ୱର ସଦର...

ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଶ୍ରୀ ଦାସ ନିଜର ସମର୍ଥକ ଓ ପ୍ରସ୍ତାବକଙ୍କ ସହ ବାଲେଶ୍ୱର ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ନିଜର ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେ। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ୨୧ ବର୍ଷର ସୁଶାସନକୁ ଜନସାଧାରଣ ବିଶ୍ୱାସ କରିଥିବା ବେଳେ ଚଳିତ ନିର୍ବାଚନରେ ବିଜେଡିର ସୁନିଶ୍ଚିତ ବିଜୟ ହେବ ବୋଲି ଦଳୀୟ ନେତା ଓ ମନ୍ତ୍ରୀମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପୂର୍ବରୁ ବିଜେପୁର ହେଉ କି ପାଟକୁରା, ସବୁଠି ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ସ୍ଥିତି ପରିଲକ୍ଷିତ ହେବ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଏହି ଉପ-ନିର୍ବାଚନରେ ବାଲେଶ୍ୱର ତଥା ସଦର ନିର୍ବାଚନମଣ୍ଡଳୀବାସୀଙ୍କ ବିଜୟ ହେବ ବୋଲି ପ୍ରାର୍ଥୀ ଶ୍ରୀ ଦାସ କହିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥିନୀ ମମତା କୁଣ୍ଡୁ ଦଳୀୟ କର୍ମକର୍ତ୍ତାଙ୍କ ସମେତ ରାଜ୍ୟସ୍ତରୀୟ ନେତା ଓ କର୍ମୀଙ୍କ ଗହଣରେ ଆସି ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ଜିଲ୍ଲା ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀ ପତିଙ୍କ ସମେତ ଜିଲ୍ଲା କଂଗ୍ରେସର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ପୁଲିସ ବ୍ୟାରିକେଟ ନିକଟରେ ସମସ୍ତ କର୍ମୀ ଅଟକି ରହିଥିବା ବେଳେ ଶ୍ରୀମତୀ କୁଣ୍ଡୁ ସମର୍ଥକ ଓ ପ୍ରସ୍ତାବକଙ୍କ ସହ ଯାଇ ଉପ-ଜିଲ୍ଲାପାଳଙ୍କୁ ନିଜର ପ୍ରାର୍ଥୀପତ୍ର ପ୍ରଦାନ କରିଥିଲେ। ଚଳିତ ନିର୍ବାଚନ ଫଳାଫଳ ଯାହାବି ହେଉ ଜିଲ୍ଲାର ବିକାଶ ଦିଗରେ ତାଙ୍କର ଅଭିଯାନ ସର୍ବଦା ଜାରି ରହିବ ବୋଲି କଂଗ୍ରେସ ପ୍ରାର୍ଥୀ ଶ୍ରୀମତୀ କୁଣ୍ଡୁ କହିଥିଲେ। ଆଗଠାରୁ ଆମ୍ଭେ ଭଲସ୍ଥିତିରେ ରହିଥିବା ବେଳେ ଚଳିତ ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟର ଆଶା ଅଧିକ ବୋଲି ନବଜ୍ୟୋତି ପଟ୍ଟନାୟକ କହିଥିଲେ। ତେବେ ସବୁଠାରୁ ବଡ଼କଥା ହେଲା ଉପ-ଜିଲ୍ଲାପାଳଙ୍କ ଅଫିସ ବାହାରେ ଅଟକି ରହିଥିବା ଉଭୟ ବିଜେଡି ଓ କଂଗ୍ରେସର କର୍ମୀ ତଥା ସମର୍ଥକଙ୍କ ମଧ୍ୟରେ ପ୍ରତିଫଳିତ ଭାଇଚାରା ସମସ୍ତଙ୍କୁ ମୁଗ୍ଧ କରିଥିଲା। ବିଜେଡି ପତାକାଧାରୀ କର୍ମୀ କଂଗ୍ରେସ କର୍ମୀଙ୍କ ଗହଣରେ ଛିଡ଼ା ହୋଇଥିବା ବେଳେ କଂଗ୍ରେସ କର୍ମୀ ବିଜେଡି କର୍ମୀଙ୍କ ଗହଣରେ ଛିଡ଼ା ହୋଇ କଥା କହିବା, ଚା' ପିଇବା ଆଦି ବାଲେଶ୍ୱରର ରାଜନୈତିକ ଭାଇଚାରାକୁ ବେଶ୍ ପ୍ରତିଫଳିତ କରିଥିବା ଦେଖିବାକୁ ମିଳିଥିଲା।

## ଓଡ଼ିଶାର ଶିଳ୍ପ କ୍ଷେତ୍ରରେ...

ଷ୍ଟିଲ କ୍ଲଷ୍ଟରର ବିକାଶରେ ମିଶନ ପୂର୍ବୋଦୟ ମିଶନ ସହାୟକ ହେବ ଏବଂ ଅଧିକ ଇସ୍ପାତ୍ ଉତ୍ପାଦନ କରିବାର ମାର୍ଗ ପ୍ରସ୍ତୁତ କରିବ। ତେବେ ପୂର୍ବ ଭାରତର କେନ୍ଦ୍ରରେ ଓଡ଼ିଶା ଥିବାରୁ ଏହି ରାଜ୍ୟର ଥିବା ସମ୍ଭାବନାକୁ ସୁଯୋଗରେ ପରିଣତ କରିବା ପାଇଁ ଶିଳ୍ପ ସଂସ୍ଥା ସମୂହଙ୍କୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଆତ୍ମଭାରତ ନିର୍ମାଣ ଏବଂ ଅର୍ଥନୀତିର ପୁନଃଉଦ୍ଧାରରେ ଶିଳ୍ପ ଏବଂ ବ୍ୟବସାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଉଦ୍ୟୋଗୀମାନେ ଓଡ଼ିଶାରେ ଏହି ସବୁ କ୍ଷେତ୍ରରେ ଅଂଶୀଦାର ହୋଇ କାମ କରିବାର ଆବଶ୍ୟକତା ରହିଛି । ଫଳରେ ସ୍ଥାନୀୟ ଅଂଚଳରେ ରୋଜଗାର ସୃଷ୍ଟି ହେବା ସହ ଅର୍ଥନୀତି ତ୍ୱରାନ୍ୱିତ ହେବ ଆତ୍ମଭାରତ ନିର୍ମାଣରେ ଓଡିଶାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଏହି ଇ-ସମ୍ମିଳନୀ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ, ଶିଳ୍ପ, ଏମଏସଏମଇ ଏବଂ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ରାଜ୍ୟ ଇସ୍ପାତ ଏବଂ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ରାଜ୍ୟ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଏବଂ ଆଇସିସିର ସଭାପତି ମୟଙ୍କ ଜଲନ, ଆଇସିସି ଓଡ଼ିଶା ପରିଷଦରଚେୟାରମ୍ୟାନ ଏମ.ସି ଥୋମାସ ଏବଂ କୋ-ଚେୟାରମ୍ୟାନ ଜେ.ବି ପାନି ପ୍ରମୁଖ ଉପସ୍ଥିତ ଥିଲେ ।

## ୧୯ରେ ବଙ୍ଗୋପସାଗରରେ ...

ଏହି ସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା ଏବଂ କନ୍ଧମାଳ ଜିଲ୍ଲାରେ ବର୍ଷା ସହ ବଜ୍ରପାତର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ୧୯ରୁ ୨୦ ତାରିଖ ମଧ୍ୟରେ କୋରାପୁଟ , ରାୟଗଡା , ଗଜପତି, ଗଂଜାମ , ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ରାଜ୍ୟରେ ବିଭିନ୍ନ...

ଝାରସୁଗୁଡା ଜିଲ୍ଲାରେ ୫୬୦୪, କଳାହାଣ୍ଡି ଜିଲ୍ଲାରେ ୪୩୧୬, କନ୍ଧମାଳ ୫୨୬୫, କେନ୍ଦ୍ରାପଡା ଜିଲ୍ଲାରେ ୬୫୩୩, କେନ୍ଦୁଝର ଜିଲ୍ଲାରେ ୫୩୬୭ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୮୦୨ , ମାଲକାନଗିରି ଜିଲ୍ଲାରେ ୪୩୪୦, ମୟୂରଭଂଜ ଜିଲ୍ଲାରେ ୯୯୦୩. ନବରଙ୍ଗପୁର ଜିଲ୍ଲାରେ ୪୬୦୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୫୧୩, ନୂଆପଡା ଜିଲ୍ଲାରେ ୪୫୨୬ , ପୁରୀ ଜିଲ୍ଲାରେ ୧୧,୫୯୧, ରାୟଗଡା ଜିଲ୍ଲାରେ ୭୮୫୨. ସମ୍ବଲପୁର ଜିଲ୍ଲାରେ ୭୩୭୯ . ସୁବର୍ଣ୍ଣପୁର ଜିଲ୍ଲାରେ ୩୮୭୨ ଓ ସୁନ୍ଦରଗଡ ଜିଲ୍ଲାରେ ୯୩୬୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୭୯୬ ହୋଇଛି ।

## ୨୪ ଘଂଟାରେ...

ପୁରୀ ଜିଲ୍ଲାରୁ ୧୮୫ ଜଣ, ଅନୁଗୁଳ ଜିଲ୍ଲାରୁ ୧୮୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୫୦ ଜଣ, ନୂଆପଡ଼ା ଜିଲ୍ଲାରୁ ୧୪୨ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୦୬ ଜଣ, ବାଲେଶ୍ୱର ଜିଲ୍ଲାରୁ ୯୪ ଜଣ, ଯାଜପୁର ଜିଲ୍ଲାରୁ ୯୧ ଜଣ, କଳାହାଣ୍ଡି ଜିଲ୍ଲାରୁ ୭୮ ଜଣ ଓ ବଲାଙ୍ଗୀର ଜିଲ୍ଲାରୁ ୭୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

ସେହିଭଳି ବରଗଡ଼ ଜିଲ୍ଲାରୁ ୭୩ ଜଣ, କେନ୍ଦୁଝର ଜିଲ୍ଲାରୁ ୭୨ ଜଣ, ମୟୂରଭଂଜ ଜିଲ୍ଲାରୁ ୬୮ ଜଣ, ମାଲକାନଗିରି ଜିଲ୍ଲାରୁ ୬୭ ଜଣ, ଜଗତସିଂହପୁର ଜିଲ୍ଲାରୁ ୬୫ ଜଣ, ନବରଂଗପୁର ଜିଲ୍ଲାରୁ ୬୨ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୯ ଜଣ, ଝାରସୁଗୁଡାରୁ ୫୬ ଜଣ, ନୟାଗଡ଼ ଜିଲ୍ଲାରୁ ୫୫ ଜଣ, ରାୟଗଡ଼ା ଜିଲ୍ଲାରୁ ୫୪ ଜଣ, କୋରାପୁଟ ଜିଲ୍ଲାରୁ ୫୧ ଜଣ, କନ୍ଧମାଳ ଜିଲ୍ଲାରୁ ୪୩ ଜଣ, ଭଦ୍ରକ ଜିଲ୍ଲାରୁ ୩୩ ଜଣ, ଗଂଜାମ ଜିଲ୍ଲାରୁ ୩୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୭ ଜଣ, ବୌଦ୍ଧ ଜିଲ୍ଲାରୁ ୨୧ ଜଣ, ଦେବଗଡରୁ ୧୮ ଜଣ ଓ ରାଜ୍ୟ ପୁଲରୁ ୮୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ରାୟଗଡ ଜିଲ୍ଲା ...

ରଘୁବାରୀ ଓ ଅମ୍ଳାଗୁଡା ଗ୍ରାମରେ ଚଢାଉ କରାଯାଇ ୨୨୦୦ ଲିଟର ପୋଚ ଓ ୪୭୫ ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିଲା ବେଳେ ପଥରପଡା ଗ୍ରାମରେ ଧରପଗଡ କରାଯାଇ ୧୫୦୦ଲିଟର ପୋଚ ଓ ୩୦୦ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିଲା । ସେହିପରି ଶେଷ ଚତୁର୍ଥ ଦିନ ୧୧ ଅକ୍ଟୋବରରେ ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର, କେଉଟଗୁଡା, ଅମ୍ଳଭଟ୍ଟା ଛକ ଏବଂ ଗାରିଡିପଡା ସ୍ଥାନଗୁଡିକରେ ଚଢାଉ କରାଯାଇ କାମେଶ କରକରିଆ,ଦାବ୍ୟା ଦାଶ ଓ ମାଳତୀ ସାହୁ ନାମକ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୮୦୦ଲିଟର ମହୁଲ ପୋଚ ଓ ୧୬୫ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନେଇ ଅବକାରୀ ଅଧୀକ୍ଷକ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ଜନ ସଚେତନତା...

ଦୁଶାସନ ମହାକୁଡ, ରବିକାନ୍ତ ବେହେରା, କୈଳାସ ହୋତା, ସତ୍ୟପ୍ରିୟବ୍ରତ ମହାକୁଡ, ଅମର ପାଢୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ସମୁଦାୟ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବେତଡା ଡାକ୍ତରଖାନାର ଡାକ୍ତର ଓ ନର୍ସ ମାନେ ମଧ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅକ୍ଟୋବର୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ବାସୁଦେବପୁର ବିଜୁ ଜନତା ଦଳ ପକ୍ଷରୁ ଏହି ଜନ ସଚେତନତା ଅଭିଯାନ ଜାରି ରହିବ। ସମସ୍ତ ରକ୍ତଦାତା ମାନଙ୍କୁ ଫଳ ଓ କ୍ଷୀର ବଣ୍ଟନ କରାଯାଇଥିଲା ଏବଂ ସେମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । କରୋନା ମହାମାରୀ ସମୟରେ ସାମାଜିକ ଦୂରତା ରକ୍ଷା କରାଯାଇ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ବିଧାନସଭାରେ ପ୍ରଶ୍ନ କରିବା...

ମହଲରେ ପ୍ରଶଂସା କରାଯାଇଛି। କିନ୍ତୁ ଦୁଃଖର କଥା ନିକଟରେ ଲୋକସଭା ଓ ରାଜ୍ୟସଭାରେ ଏକ ବିଲ୍ ପାରିତ ହେଲା, ଏଥିରେ ଆଳୁ, ପିଆଜ, ଡାଲି, ଖାଇବା ତେଲକୁ ଅତ୍ୟାବଶ୍ୟକ ସାମଗ୍ରୀ ତାଲିକାରୁ ବାଦ୍ ଦିଆଯାଇଛି। ଫଳରେ ଏହି ସବୁ ସାମଗ୍ରୀର ନିୟନ୍ତ୍ରଣ ବା ଦରଦାମ୍ ନିର୍ଦ୍ଧାରଣ କ୍ଷମତା ସରକାର ହରାଇ ବସିଛନ୍ତି। ଏହାର ପ୍ରଭାବ ସବୁଠାରୁ ଗରିବ ଲୋକଙ୍କ ଉପରେ ବେଶୀ ମାତ୍ରାରେ ପଡ଼ିଛି। ଡାଲି ଓ ଖାଇବା ତେଲକୁ ସ୍ୱେଚ୍ଛାସେବୀ ସଂଗଠନମାନେ ଗରିବ ଲୋକମାନଙ୍କୁ ଟଙ୍କାକିଆ ଚାଉଳ ପରି ଶସ୍ତାରେ ଯୋଗାଇଦେବା ପାଇଁ ଯେଉଁ ଦାବୀ କରୁଛନ୍ତି, ତାହା ମଧ୍ୟ ପୁରଣ ହୋଇ ପାରିବ ନାହିଁ। ଏ ବାବଦରେ ବିଧାନସଭାରେ ପ୍ରଶ୍ନ ଉଠାଇବା ଉଦ୍ଦେଶ୍ୟରେ ମୟୂରଭଂଜରେ କର୍ଯ୍ୟରତ ଲୋକସଂଗଠନ 'ଜନଜାଗୃତି ମଂଚ' ତରଫରୁ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବୀ ପତ୍ରରେ କରୋନା ପାଇଁ ବର୍ତମାନ ବିଦ୍ୟାଳୟ ଗୁଡ଼ିକ ଛୁଟି ଥିବାରୁ ଏହି ସମୟ ମଧ୍ୟରେ ବିଦ୍ୟାଳୟ ଗୁଡ଼ିକର ଭିତିଭୂମି ଯଥା, - ବିଦ୍ୟାଳୟ ଚାରିପଟେ ପାଚେରୀ, ଖେଳ ପଡ଼ିଆ, ପାଇଖାନା, ପାନୀୟଜଳ, ବିଦ୍ୟୁତ୍ ଲାଇନ୍ ସଂଯୋଗ, ଶ୍ରେଣୀଗୃହ ମରାମତି ଇତ୍ୟାଦି କାମ ଗୁଡ଼ିକ କରାଯାଉ ବୋଲି ଉଲ୍ଲେଖ ରହିଛି। ଏଥି ନିମନ୍ତେ ମନୋରେଗା ଯୋଜନାରେ ଥିବା ଟଙ୍କା ଖର୍ଚ୍ଚ କରାଯାଉ, ଏହା ଦ୍ୱାରା ସ୍ଥାନୀୟ ବେକାର ଯୁବକ ମାନେ କାମ ଧନ୍ଦା ପାଇବେ। ଏ ବାବଦରେ ମଧ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସକାଶେ ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ ରହିଛି।

ଶୁକ୍ରବାର, ୧୬ ଅକ୍ଟୋବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିଧାନସଭାରେ ପ୍ରଶ୍ନ କରିବା ଉଦ୍ଦେଶ୍ୟରେ ଜନଜାଗୃତି ମଂଚ ତରଫରୁ ବିଧାୟକ ଭାସ୍କର ମଢ଼େଇଙ୍କୁ ଦାବି ପତ୍ର ପ୍ରଦାନ

ଉଦଳା ,୧୫।୧୦ (ନି.ପ୍ର): ସ୍ୱାଧୀନତାର ଦୀର୍ଘ ୭୩ ବର୍ଷ ପରେ ମଧ୍ୟ ଆମ ଦେଶରେ ଏପରି କିଛି ଲୋକ ଆଜିବି ଦେଖିବାକୁ ମିଳୁଛନ୍ତି, ଯେଉଁମାନେ ଦୁଇ ଓଳି ପେଟପୁରା ଖାଇବାକୁ ପାଉନାହାଁନ୍ତି। ରୋଗହେଲେ ପଇସା ଅଭାବରୁ ଖଟିଆରେ ବୁହାହୋଇ ଡାକ୍ତରଖାନା ଆସୁଛନ୍ତି। ଖାଲି ସେତିକି ନୁହେଁ ପାଦ ରଖିବା ପାଇଁ କିଛି ଲୋକଙ୍କର ଜମି ନାହିଁ କି ମୁଣ୍ଡ ଗୁଂଜିବା ପାଇଁ ଛାତ ଘରଟିଏ ନାହିଁ। ଏହି ସବୁ ପରିବାରରେ ବଢୁଥିବା ପିଲାମାନେ ଅପପୁଷ୍ଟିର ଶିକାର ହେଉଥିବାର ଖବର ସ୍ୱେଚ୍ଛାସେବୀ ସଂଗଠନମାନେ ବିଭିନ୍ନ ସମୟରେ ସରକାରଙ୍କ ନଜରକୁ ଆଣିଛନ୍ତି। ସରକାର ଯୋଗାଇ ଦେଉଥିବା ଟଙ୍କାକିଆ ଚାଉଳ କେବଳ ଏମାନଙ୍କର ବଂଚି ରହିବା ପାଇଁ ଏକ ମାତ୍ର ଭରଷା। ବର୍ତମାନ କେତେଗୁଡ଼ିଏ ସ୍ୱେଚ୍ଛାସେବୀ ସଂଗଠନ ଏହିସବୁ ପରିବାରର ସଦସ୍ୟମାନଙ୍କୁ ଚାଉଳ ସହିତ ଡାଲି, ଖାଇବା ତେଲ ଓ ଲୁଣ ଯୋଗାଇ ଦେବାକୁ ଦାବୀ କରୁଛନ୍ତି। ଏହାଦ୍ୱାରା ଉକ୍ତ ପରିପାରରେ ବଢୁଥିବା ଛୋଟପିଲାମାନେ ସବୁଠାରୁ ଅଧିକ ଉପକୃତ ହେବେ। ମୁଖ୍ୟତଃ ଅପପୁଷ୍ଟିରୁ ପିଲାଏ ବଂଚିତ ହେବା ସହିତ ଶିଶୁମୃତ୍ୟୁ



ହାର ବହୁମାତ୍ରାରେ କମିଯିବ। ସେଥିପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ଏପରି ଦାବୀକୁ ବିଭିନ୍ନ ▶▶ପୃଷ୍ଠା ୭

ଆମ୍ପାପୁରମ୍ ରୁଚି-ସୋୟା ଶିକ୍ଷାନୁଷ୍ଠାନର କୋଟିଏ ଟଙ୍କା ହଡ଼ପ ମାମଲା

## ଆନ୍ଧ୍ର ପୁଲିସ ଦ୍ୱାରା ରେମୁଣାରୁ ଗିରଫ ଫେରାର ଅଭିଯୁକ୍ତ

ବାଲେଶ୍ୱର,୧୫।୧୦ (ନି.ପ୍ର): ଆନ୍ଧ୍ର ପ୍ରଦେଶର ରୁଚି-ସୋୟା କମ୍ପାନିରୁ ହୋଇଥିବା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ହଡ଼ପ ମାମଲାରେ ଫେରାର ଅଭିଯୁକ୍ତ ମୟୂରଭଂଜ ଜିଲ୍ଲା ଉଦଳା ଅଞ୍ଚଳର ସଂଜୟ କୁମାର ମହାନ୍ତିଙ୍କୁ ଆନ୍ଧ୍ର କ୍ରାଇମ ବ୍ରାଞ୍ଚ ପୁଲିସ ଗତକାଲି ରାତିରେ ରେମୁଣାରୁ ଗିରଫ କରିଛି। ଆନ୍ଧ୍ର ପୁଲିସଙ୍କ ଅଭିଯୋଗ ଅନୁସାରେ ଆନ୍ଧ୍ର ପ୍ରଦେଶର ଆମ୍ପାପୁରମସ୍ଥିତ ରୁଚି-ସୋୟା ପ୍ଲାଣ୍ଟରେ ଶ୍ରୀ ମହାନ୍ତି ସିନିୟର ପ୍ରୋଜେକ୍ଟ ମ୍ୟାନେଜର ଥିବା ବେଳେ ୨୦୧୫ ମସିହାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଘୋଟାଲା ହୋଇଥିଲା। ଶ୍ରୀ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ



ଅଧିକାରୀମାନେ ଜାଲ ରେକର୍ଡ଼ ପ୍ରସ୍ତୁତ କରି ଏହି ଟଙ୍କା ଆତ୍ମସାତ୍ କରିଥିବା ନେଇ ଗତ ୨୦୧୫ ମସିହା ସେପ୍ଟେମ୍ବର ମାସ ୮ ତାରିଖରେ ମାଙ୍ଗଲାଗିନ୍ ଥାନାରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାକୁ ଆନ୍ଧ୍ର ପ୍ରଦେଶର କ୍ରାଇମ ବ୍ରାଞ୍ଚ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମ ବ୍ରାଞ୍ଚ ପୁଲିସ ତଦନ୍ତ କରିବା ସହ ଏହି ମାମଲାର ଦ୍ୱିତୀୟ ଅଭିଯୁକ୍ତ ଶ୍ରୀ ମହାନ୍ତିଙ୍କୁ ଗିରଫ ପାଇଁ ଚେଷ୍ଟା ଜାରି ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେମୁଣା ଥାନା ପୁଲିସର ସହଯୋଗରେ ତାଙ୍କର ମୋବାଇଲ ଟ୍ରାକିଂ ସହ ଶ୍ରୀ ମହାନ୍ତିଙ୍କୁ ଗତକାଲି ରାତିରେ ରେମୁଣା ଅଞ୍ଚଳରୁ ଗିରଫ କରାଯାଇଛି। ଆଜି ଆନ୍ଧ୍ର କ୍ରାଇମ ବ୍ରାଞ୍ଚ ପୁଲିସ ଗିରଫ ଶ୍ରୀ ମହାନ୍ତିଙ୍କୁ ବାଲେଶ୍ୱର ସିଜିଏମଙ୍କ କୋର୍ଟରେ ହାଜର ସହ ରିମାଣ୍ଡରେ ନେଇଛନ୍ତି।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ୨ ଚୋରା ବାଲି ଚାଲାଣ ଡମ୍ଫର ଜବତ୍

ଜଳେଶ୍ୱର,୧୫।୧୦ (ନି.ପ୍ର): ଜଳେଶ୍ୱର ଅଂଚଳରେ ସରକାରୀ ନିର୍ମାଣ ଲାଗି ବାଲି ମିଳୁନଥିବା ବେଳେ ବହୁଳଭାବରେ ସୁବର୍ଣ୍ଣରେଖାର ବାଲି ଚୋରାରେ ବିକ୍ରି ହୋଇ ଆସୁଛି। ଜଳେଶ୍ୱର ତହସିଲଦାର ଏ ସଂପର୍କରେ ଖବର ପାଇ ଛକି ରହିଥିଲେ। ପରେ ଓଆର୍୦୧କ୍ୟୁ-୪୧୮୨, ଓଆର୍୧୬ଡି-୩୬୭୯ ଦୁଇଟି ଡମ୍ଫରକୁ ଜବତ୍ କରିଥିଲେ। ଏହା ଜଳେଶ୍ୱର ଥାନା ପରିସରରେ ରଖା ଯାଇଛି। ଆସନ୍ତା କାଲି ଏଗୁଡିକରୁ ଯୋରିମାନା ଆଦାୟ କରାଯିବ ବୋଲି ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଶରତ କରଙ୍କ ବିୟୋଗରେ ବଳାଙ୍ଗୀ ମହୋତ୍ସବ ପକ୍ଷରୁ ଶୋକ

ବାରିପଦା ,୧୫।୧୦ (ନି.ପ୍ର): ପୂର୍ବତନ ମନ୍ତ୍ରୀ, ବାଚସ୍ପତି ତଥା ଭ ସାହିତ୍ୟର ଗବେଷକ ଉତ୍କଳର ଅନ୍ୟତମ ବରପୁତ୍ର ୰ ଶରତ କରଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ବଳାଙ୍ଗୀ ମହୋତ୍ସବ ଆନୁକୂଲ୍ୟରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସମ୍ପାଦକ ଶରତ ଚନ୍ଦ୍ର ନାୟକ ସଭାପତିତ୍ୱ କରି ଅନୁଭୂତିରେ ସର୍ଗତ କରଙ୍କର ଏକ ଭାବ ବିହ୍ୱୋଳ ଆଲୋଚନା କରିଥିଲେ। ଦୀର୍ଘ ଦିନର ପରିଚିତି ଓ ଅନୁଭୂତି ଆଲୋଚନା କରିବାକୁ ଯାଇ କହିଥିଲେ କି, ରାଜନୈତିକ ସମସ୍ୟାରେ ଥାଇ ବିବ୍ରତର ସରବ୍ୟ ନହୋଇ ସେ କହୁଥିଲେ ସଂସ୍କୃତିର ଓ ସାହିତ୍ୟର କଥା। ସର୍ବୋଚ୍ଚ କ୍ଷମତାରେ ପ୍ରତିଷ୍ଠିତ ଥାଇ ତାଙ୍କ ହୃଦୟରୁ ଝରି ପଡୁଥିଲା ଦୁବ ଘାସର ଆତ୍ମ ଜୀବନି। ଭ ସାହିତ୍ୟରେ ଏକ ଉଚ୍ଚକଟିର ଗବେଷକ ହୋଇ ମଧ ପାର୍ଥକ୍ୟବୋଧର ଲେଖା ନ୍ତଦ୍ରୁତ ବିଳମ୍ବିତନ୍ତ ବହିଟି ପଢିଲେ ଭୂମୀଠାରୁ ଭୂମା ପର୍ଯ୍ୟନ୍ତ ଅସୀମ ଜ୍ଞାନର ପରିଚୟ ମିଳେ। ଭାଷା ଆନ୍ଦୋଳନର ମସାଲ ଶୋଭାଯାତ୍ରା, ୧୭ ଦିନର ଝଡ ବର୍ଷା ପରେ ବାରିପଦା ପୌରସମ୍ମିଳନୀ କକ୍ଷରେ ନ୍ତବର୍ଷା ଆସରରନ୍ତ କବିତାର ବନ୍ୟା ଓ ବଳାଙ୍ଗୀ ମହୋତ୍ସବର ସଂସ୍କୃତିର ବାଲିରେ ବଳଙ୍ଗର ଜୀବନ ଗାଥା ଏହି ଭ ମାଟି ଗର୍ବ ଓ ଗୌରବକୁ ପ୍ରତିପାଦିତ କରିଥିଲା। ତେଣୁ ଏହି ଭ ମାଟି ବାରିପଦା ଠାରେ ତାଙ୍କର ସ୍ମୃତି ଚାରଣ କରି ତାଙ୍କର ସଦ୍‌ଗତି କାମନା କରାଯାଇଥିଲା। ଏହି ସଭାରେ ଆଲୋଚକ ମାନଙ୍କ ମଧରେ ନରେନ୍ଦ୍ର ମୋହନ ସେନାପତି, ଜ୍ଞାନ ରନ ତ୍ରିପାଠି, ପାର୍ବତୀ ବାରିକ, ବିଜୟ ଦାଶ ତାଙ୍କ ସହିତ ମିଶିଥିବା ଗୁରୁତ୍ୱପୂର୍ଣ୍ଣ ସମୟ ଆଲୋଚନା କରିଥିଲେ। ଅନ୍ୟାନ୍ୟ ମାନଙ୍କ ମଧରେ ଦୀପକ କୁମାର ନାୟକ, ଗୋପାଳ ଚନ୍ଦ୍ର ସାଓ, ପିତାମ୍ବର ମଲ୍ଲୀକ, ଉଦୟ ନାଥ ଜେନା, ଉଗ୍ରେଶ୍ୱର ବେହେରା, ଆଇନ ଜୀବି ସସ୍ମିତା ଘୋଷାଲ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ।

## ଦିନକରେ ବାଲେଶ୍ୱରରେ ୧୦୬ ପଜିଟିଭ୍ ଚିହ୍ନଟ: ଜିଲ୍ଲାର କରୋନା ସଂକ୍ରମିତ ସଂଖ୍ୟା ୯୧୦୭କୁ ବୃଦ୍ଧି

ବାଲେଶ୍ୱର,୧୫।୧୦ (ନି.ପ୍ର): ସାମ୍ପ୍ରତିକ ସ୍ଥିତିରେ ବଢ଼ି ଚାଲିଥିବା କରୋନା ସଂକ୍ରମଣ ସମଗ୍ର ବିଶ୍ୱ ପାଇଁ ବିପଦମୟ ସ୍ଥିତି ସୃଷ୍ଟି କରିଛି। ଭାରତ ଭଳି ଜନବହୁଳ ରାଷ୍ଟ୍ରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୩ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ୧ଲକ୍ଷ ୧୧ ହଜାର ଟପିଛି। ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୨୪୭୦ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟର କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୬୨ହଜାର ୦୧୧ ଛୁଇଁଛି। ଅନ୍ୟପକ୍ଷରେ ଆଜି ୧୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୦୮୯ରେ ପହଞ୍ଚିଛି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସଂକ୍ରମଣ ଉଦ୍‌ବେଗ ଜନକ ସ୍ଥିତିକୁ ଯାଉଥିବା ଲକ୍ଷ୍ୟ କରାଯାଇଛି। ଆଜି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମୋଟ ୧୦୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୯୧୦୭ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୮୧୧୫ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ହୋଇଥିବା ବେଳେ ଏକ୍ଟିଭ୍ ଥିବା ୯୨୬ ଜଣ କରୋନା ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଗତକାଲି ଭଳି ଆଜି ବାଲେଶ୍ୱର ଜିଲ୍ଲାର ଜଣେ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥାଇ କରୋନା ଆକ୍ରାନ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲାର ୫୫ବର୍ଷର ଜଣେ ପୁରୁଷଙ୍କର ଆଜି ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୬୧ରେ ପହଞ୍ଚିଛି। ତେବେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଅବକାରୀ ଚଢାଉ: ୪ ଗିରଫ

ପୁରୀ,୧୫।୧୦:ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ଼ ପକ୍ଷରୁ ବାଲି ନୋଳିଆ ସାହିରେ ଚଢାଉ କରଯାଇ ୫ଲିଟର ଦେଶୀ ରନ୍ଧା ଜବତ କରାଯିବା ସହିତ ବିପୁଳ ପରିମାଣର ମଦାରନ୍ଧା ଲାଗି ଉଦ୍ଦିଷ୍ଟ ପୋଚ ନଷ୍ଟ କରାଯାଇଛି। ଅବକାରୀ ମୋବାଇଲ ସ୍କ୍ୱାଡ଼ ଏସ୍ ଆଇ ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲିନୋଳିଆସାହିର ଅଙ୍କା ପଲ୍ଲମା(୬୦),ବୁଗୁରି କାଳମା(୭୨),ଶୁକ୍ରମ ବେହେରା (୬୫) ଏବଂ ଉଡ଼ି କୁମାନା(୬୦)।

## ରାୟଗଡ ଜିଲ୍ଲା ଅବକାରୀ ବିଭାଗର ଚଢ଼ାଉ

### ୪ ଦିନରେ ୬୬୫୦ଲିଟର ପୋଚ ଓ ୧୧୨୬ ଲିଟର ଦେଶୀମଦ ଜବତ ସହ ୩ ଗିରଫ

ରାୟଗଡ ,୧୫।୧୦ (ନି.ପ୍ର): ରାୟଗଡ ଜିଲ୍ଲାରେ ଦିନକୁ ଦିନ ଦେଶୀ ମଦ, ପୋଚ ଓ ସଲ୍ପ ତାଡ଼ିଆ ର ଚାହିଦା ବଢୁଥିବା ଜଣାପଡିଛି । ବେଆଇନ ଭାବେ ବୃଦ୍ଧି ପାଉଥିବା ଚୋରା ଦେଶୀ ମଦ କାରବାରକୁ ରୋକିବାକୁ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଚଢାଉ ଜାରି ରହିଛି । ରାୟଗଡ ଜିଲ୍ଲା ପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ଦଣ୍ଡପାଣି ବେହେରାଙ୍କ ଆଦେଶରେ ଅବକାରୀ ଅଧିକାରୀ ଓ ଷ୍ଟାଫମାନଙ୍କ ଦ୍ୱାରା ଦୁର୍ଗମ ଅଂଚଳ ସହ ଜିଲ୍ଲାର ସୀମାନ୍ତବର୍ତୀ ଅଂଚଳଗୁଡିକରେ ଏବଂ ଗ୍ରାମାଞ୍ଚଳ ଓ ସହରାଂଚଳରେ ଚୋରାରେ ବିକ୍ରି କରାଯାଉଥିବା ଦେଶୀ ମଦ କାରବାରକୁ ବନ୍ଦ କରିବା ପାଇଁ



ଧରପଗଡ କରାଯାଇ ବିପୁଳ ପରିମାଣର ମହୁଲ ପୋଚ, ଦେଶୀ ରନ୍ଧାମଦ, ମଦ ରନ୍ଧା ସାମଗ୍ରୀ ଜବତ ଓ ନଷ୍ଟ କରାଯାଉଛି ଏବଂ ଏଥିରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ଗତ ୮ ତାରିଖରୁ ୧୧ ତାରିଖ ୪ ଦିନ ମଧରେ ଗୁଡାରୀ, ଆମ୍ବଦଳା,ଚାନ୍ଦିଲି ଓ ରାୟଗଡ ଥାନା ଅଂଚଳରେ ଅବକାରୀ ଚଢାଉ କରାଯାଇ ୬୬୫୦ଲିଟର ମହୁଲ ପୋଚ ଓ ୧୧୨୬ ଲିଟର ଦେଶୀ ରନ୍ଧାମଦ ଜବତ ଓ ନଷ୍ଟ କରାଯିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅବକାରୀ ଅଧୀକ୍ଷକ ଶ୍ରୀ ବେହେରାଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ୮ ତାରିଖ ଦିନ ଗୁଡାରୀ ଥାନ ଅନ୍ତର୍ଗତ ଡାକପଡା ଗ୍ରାମରେ ଅବକାରୀ ଚଢାଉ କରାଯାଇ ୭୫୦ଲିଟର ମହୁଲ ପୋଚ ଓ ୧୬ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ରାୟଗଡ ଥାନା ଅନ୍ତର୍ଗତ ବାଲପଡା ଗ୍ରାମରେ ଚଢାଉ କରାଯାଇ ୧୪୦୦ ଲିଟର ମହୁଲ ପୋଚ ଓ ୧୭୦ ଲିଟର ଦେଶୀ ରନ୍ଧାମଦ ଜବତ ସହ ନଷ୍ଟ କରାଯାଇଥିଲା । ସେହିପରି ତୃତୀୟ ଦିନ ୧୦ ତାରିଖରେ ଆମ୍ବଦଳା ଥାନା ଅନ୍ତର୍ଗତ ▶▶ପୃଷ୍ଠା ୭

## ବ୍ରାଉନ୍‌ସୁଗର ଲିଙ୍କ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଜଳେଶ୍ୱରରେ

ଜଳେଶ୍ୱର, ୧୫/୧୦ (ନି.ପ୍ର) : ଗତ ଅଗଷ୍ଟ ମାସ ୧୩ ତାରିଖରେ ବ୍ରାଉନ୍‌ସୁଗର ଲିଙ୍କରେ ଜଳେଶ୍ୱର ପୂର୍ବତନ ଆଇଆଇସି ଏବଂ ଜଣେ ବ୍ରାଉନ୍‌ସୁଗର ବ୍ୟବସାୟୀଙ୍କ ମଧ୍ୟରେ ହୋଇଥିବା ଡିଲ୍ ସଂପର୍କୀୟ ଘଟଣା ଜଣାଯିବାପରେ ଏଥିନେଇ ୨ଟି ମାମଲା ରୁଜୁ ହୋଇଥିଲା । ପରେ ଆଇଆଇସିଙ୍କର ନିଲମ୍ବନ, କ୍ରାଇମ୍ ବ୍ରାଞ୍ଚର ତଦନ୍ତ, ଭିଜିଲାନ୍ସର ତଦନ୍ତ ଇତ୍ୟାଦି ହେବା ସହିତ ୨ଜଣ ହୋମଗାଡ ଓ ଜଣେ ଏଏସ୍‌ଆଇଙ୍କୁ କ୍ରାଇମ୍ ବ୍ରାଞ୍ଚ ଓ ଭିଜିଲାନ୍ସ ତଦନ୍ତ ପରିସରଭୁକ୍ତ କରିଥିଲା । ସେହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଅନାଦି ଚରଣ ସେଠୀଙ୍କ ନେତୃତ୍ୱରେ ଏକ ୨ଜଣିଆ ଟିମ୍ ଜଳେଶ୍ୱର ଥାନା ଓ ତହସିଲଦାରଙ୍କ ସହିତ ସାକ୍ଷାତ କରି କେତେକ ବିଷୟରେ ଆଲୋଚନା କରିଛନ୍ତି । ୨ ଦିନ ଧରି ଡେରା ପକାଇଥିବା କ୍ରାଇମ୍ ବ୍ରାଞ୍ଚ ଗତକାଲି ରାଇବଣିଆ ଥାନାର କୁଷଗଡ ଫାଣ୍ଡି ଅଂଚଳକୁ ଯାଇ ଏହି ତଦନ୍ତର ଛାନ୍‌ଭିନ୍ କରିଥିଲା । ଗତ କିଛିମାସ ତଳେ ୨୦୦ ଗ୍ରାମ ବ୍ରାଉନ୍‌ସୁଗର ସହିତ ଜଣେ ଯୁବକଙ୍କୁ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ସଫଳ ହୋଇଥିଲା । ସେହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ତନାଘନା କରାଯାଉଥିବା ଜଣାଯାଇଛି ।

## ଉପ-ନିର୍ବାଚନରେ ଭୋଟର ସଚେତନତା ଉପରେ ଗୁରୁତ୍ୱ

### ସଦର ନିର୍ବାଚନ ମଣ୍ଡଳୀରେ ଗଡ଼ିଲା ୨୩ଟି ସଚେତନତା ରଥ

ବାଲେଶ୍ୱର,୧୫।୧୦ (ନି.ପ୍ର): ଚଳିତ ବାଲେଶ୍ୱର ସଦର ଉପ-ନିର୍ବାଚନ ପାଇଁ ମତଦାତାଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆଜି ସୁବ୍ୟବସ୍ଥିତ ମତଦାତା ଶିକ୍ଷା ଏବଂ ନିର୍ବାଚକ ସହଭାଗିତା (ସ୍ୱିପ)ର ସଚେତନତା ରଥ ଗଡ଼ିବା ଆରମ୍ଭ କରିଛି । ପୂର୍ବାହ୍ନରେ ବାଲେଶ୍ୱର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହିଭଳି ୩୨ଟି ସ୍ୱିପ ରଥ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ବିଭିନ୍ନ ବୁଥ୍ ଅଞ୍ଚଳ ପରିକ୍ରମା କରି




ଭୋଟରମାନଙ୍କୁ ନିର୍ବାଚନ ଓ ଭୋଟଗ୍ରହଣ ପ୍ରକ୍ରିୟାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିବ । ମୁଖ୍ୟତଃ କୋଭିଡ୍ କଟକଣା ମଧ୍ୟରେ କିଭଳି ଭୋଟଦାନ କରାଯାଇ ପାରିବ, ଇଭିଏମ-ଭିଭିପାଟ ମେସିନର ବ୍ୟବହାର ଏବଂ ଉପ-ନିର୍ବାଚନରେ ଭୋଟରମାନଙ୍କ ସହାୟତା ନିମନ୍ତେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସ୍ଥାପନ କରାଯାଇଥିବା ସହାୟକ ବୁଥ୍ ବାବଦରେ ଏହି ରଥ ମତଦାତାମାନଙ୍କୁ ସଚେତନ କରାଇବେ। ଏତଦ୍ ବ୍ୟତୀତ ଉପ-ନିର୍ବାଚନ ବାବଦରେ ରହିଥିବା ଅନ୍ୟାନ୍ୟ ସନ୍ଦେହକୁ ମଧ୍ୟ ଏହା ଦୂର କରିବ । ଏହି ରଥଗୁଡିକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ସେକ୍ଟର ୱାରୀ ପରିକ୍ରମା କରି ମତଦାତାମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବ । ଏଥିପାଇଁ ସେକ୍ଟର ଅଧିକାରୀ ଓ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଛି । ଏହା ଦ୍ୱାରା ମତଦାତାମାନେ ଅଧିକ ସଚେତନ ହୋଇପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଆଶା ପ୍ରକଟ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଉପ-ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସହକାରୀ ଜିଲ୍ଲାପାଳ(ନିର୍ବାଚନ) ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜନ ସଚେତନତା ଅଭିଯାନ ଆନୁକୂଲ୍ୟରେ ରକ୍ତଦାନ ଶିବିର

ବାସୁଦେବପୁର,୧୫।୧୦ (ନି.ପ୍ର): ଜନ ସଚେତନତା ଅଭିଯାନ ଆନୁକୂଲ୍ୟରେ ବେତଡା ମେଡିକାଲ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବିଧାୟକ ଶ୍ରୀ ରାଉତରାୟ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଯୁବ ସଂଗଠନ ମାନଙ୍କର ସାଂପ୍ରତିକ ସମୟରେ ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାଶ, ବାସୁଦେବପୁର ବ୍ଲକ ବିଜୁ ଜନତା ଦଳର ସଭାପତି ଦିନବନ୍ଧୁ ଦାସ, ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ବସନ୍ତ ମଂଜରୀ ବିଶ୍ୱାଳ, ପୂର୍ବତନ



ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ଜିଲ୍ଲାପରିଷଦ ସଦସ୍ୟ ସୂର୍ଯ୍ୟକାନ୍ତ ସେଠୀ, ଆରୁହା ପଞ୍ଚାୟତ ସରପଞ୍ଚ କଳ୍ପନାରାଣୀ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୫ଟି ପଞ୍ଚାୟତ ବରଣ୍ଡୁଆ, ଆରୁହା, ନରସିଂହପୁର, ଅରଣ୍ଡୁଆ, ବ୍ରାହ୍ମଣଗାଁର ସରପଞ୍ଚଙ୍କ ସହିତ କର୍ମୀ ମାନେ ଯୋଗ ଦେଇଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ, ▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo